


ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

www.samparkabarta.in


ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ


Vol.5 | Issue- 44 | April 11 to 17, 2022, | Jagatsinghpur | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୪୪ | ଏପ୍ରିଲ୍ ୧୧ ରୁ ୧୭, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ଭାରତକୁ କୃତଜ୍ଞତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆର୍ଥିକ ସଙ୍କଟ ଭିତରେ ଗତି କରୁଥିବା ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ରନିଲ୍ ବିକ୍ରମସିଙ୍ଘେ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଭାରତ ସବୁଠାରୁ ଅଧିକ ସହଯୋଗ କରିଛି ବୋଲି କହିଛନ୍ତି ରନିଲ୍। ସେ କହିଛନ୍ତି ଆମ ସରକାର ଚିନ୍ ସହିତ ଆଲୋଚନା କରୁଥିଲେ, ସେପଟେ କିନ୍ତୁ ଏଭଳି ଘଡିସନ୍ଧୀ ମୁହୂର୍ତ୍ତରେ ଭାରତ ଶ୍ରୀଲଙ୍କାକୁ ଇନ୍ଧନ ସହିତ ଅତ୍ୟାବଶ୍ୟକୀୟ ସାମଗ୍ରୀ ପଠାଇଛନ୍ତି। ଏହା ସହିତ ଏପ୍ରିଲ୍ ମଧ୍ୟ ଆହୁରି ଅନେକ ଖାଦ୍ୟ ସାମଗ୍ରୀ ପଠାଇବାକୁ ଭାରତ ପ୍ରତିଶ୍ରୁତି ଦେଇଛି। ବର୍ତ୍ତମାନ ଦେଶର ଅବସ୍ଥା ଏମିତି ହୋଇଛି ଛି ନାଗରିକମାନେ ହନ୍ତସନ୍ତ ହେବା ଛଡା ଅନ୍ୟ ବାଟ କିଛି ନାହିଁ। ଏକ ସାକ୍ଷାତକାରରେ





ଶ୍ରୀଲଙ୍କାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିକ୍ରମ ସିଙ୍ଘେ କହିଛନ୍ତି ରାଜଧାନୀ କଲୋମ୍ବର ଭାରତ ପାଇଁ ସନ୍ଦେସ ଜାରି କରାଯାଇଛି। ସେ କହିଛନ୍ତି ଯେ, ମୋତେ ଲାଗୁଛି କି ଭାରତ ଆମକୁ ସବୁଠାରୁ ଅଧିକ ସାହାଯ୍ୟ କରିଛି। ଆମକୁ ଦେଖିବାକୁ ପଡିବ ଯେ, ସେମାନେ ଅଣ-ଅର୍ଥନୈତିକ ଉପାୟରେ ମଧ୍ୟ ଆମକୁ ସାହାଯ୍ୟ କରୁଛନ୍ତି। ସେଥିପାଇଁ ଆମେ ଭାରତର କୃତଜ୍ଞ। ସେ ସୂଚନା ଦେଇଛନ୍ତି ଯେ, ସରକାର ଚିନ୍ ଠାରୁ ନିବେଶ ଲୋଡିଥିଲେ। କିନ୍ତୁ କିଛି ଫଳ ମିଳିନଥିଲା। ସେ କହିଛନ୍ତି ଏହି ସରକାର ଅଧିନରେ ଚିନ୍‌ର କୌଣସି ବଡ ଧରଣର ପୁଞ୍ଜି ନିବେଶ ହୋଇନାହିଁ। ସେମାନେ ପୁଞ୍ଜି ବିନିଯୋଗ ପାଇଁ ଏକ ଦାବି କରିଥିଲେ। କିନ୍ତୁ ବିନିଯୋଗ କଲେ ନାହିଁ। ବିକ୍ରମସିଙ୍ଘେ କହିଛନ୍ତି ଏହି ଋଣ ପରିଷୋଧ କରିବାକୁ ଆଉ କିଛି ଦିନ ସମୟ ଲାଗିପାରେ। ଶ୍ରୀଲଙ୍କା ଚିନ୍ ସରକାର ସହ କଥା ହୋଇଛନ୍ତି। ଯାହା ମୋ ପାଖରେ ଖବର ଅଛି ବୋଲି କହିଛନ୍ତି ବିକ୍ରମସିଙ୍ଘେ। ଏଜେନ୍ସି ଅନୁଯାୟୀ ଭାରତ ଏ ପର୍ଯ୍ୟନ୍ତ ଶ୍ରୀଲଙ୍କାକୁ ୨ଲକ୍ଷ ୭୦ହଜାର ମେଟ୍ରିକ୍ଟନ୍ ଇନ୍ଧନ ପଠାଇସାରିଛି। ଏହା ବ୍ୟତିତ ଭାରତ ଶ୍ରୀଲଙ୍କା ପାଇଁ କ୍ରେଡିଟ୍ ଲାଇନ୍ ବଢାଇଥିବା ଜଣାପଡିଛି।

# ହଟିପାରନ୍ତି ନିରଞ୍ଜନ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅପ୍ରେଲ୍‌ରେ ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକ ହଟିପାରନ୍ତି। ଏ ନେଇ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧୀ ରାଜ୍ୟର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି। ସାମ୍ପ୍ରତିକ

## ମୋକିମ୍ ପିସିସି ଅଧ୍ୟକ୍ଷ ଯୋଗ୍ୟ

ସମୟରେ ଯୁବ ନେତୃତ୍ୱଙ୍କ ଆବଶ୍ୟକତା ରହିଛି। **ବରିଷ୍ଠ ସାମ୍ବାଦିକ ସନ୍ଦିପ୍ ମିଶ୍ରଙ୍କ** ସହ ସାକ୍ଷାତ ଆଲୋଚନା କାଳରେ ଏହା କହିଛନ୍ତି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍। ମହମ୍ମଦ ମୋକିମ୍ କହିଛନ୍ତି ଯେ, କଂଗ୍ରେସ ଠିକ୍‌ସେ



ଲଢିଲେ ଭୋଟ ପାଇବ। ଲୋକେ କଂଗ୍ରେସକୁ ଭଲ ପାଉଛନ୍ତି ଓ ଆସ୍ଥା ରଖିଛନ୍ତି। କିନ୍ତୁ ନେତୃତ୍ୱ ସଂକଟ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଛି। କଂଗ୍ରେସ ଏକ ହାଇକମାଣ୍ଡ ଦଳ, ଯାହାକି ଦିଲ୍ଲୀରୁ ନିୟନ୍ତ୍ରଣ ହୋଇଥାଏ। ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ଦକ୍ଷ ନେତା ଥିଲେ। ତାଙ୍କ ହାତରେ ରାଜ୍ୟର କଂଗ୍ରେସ ସଂଗଠନ ରହିଥିଲା। କିନ୍ତୁ ଦଳ ଜେବିଙ୍କୁ ଗୁରୁତ୍ୱ ଦେବା ସହ ତାଙ୍କ ମତାମତ ନେଇ ରାଜ୍ୟ କଂଗ୍ରେସର ନେତୃତ୍ୱ ବାଛିଥାନ୍ତେ। ତେବେ ଆଜି ଏଭଳି ଅବସ୍ଥା ଦେଖିବାକୁ ମିଳିନଥାନ୍ତା ବୋଲି ମୋକିମ୍ କହିଛନ୍ତି।

୨୦୦୦ ପରେ ଜେବିଙ୍କୁ ଛାଡି ଯେଉଁ ନେତାମାନେ କଂଗ୍ରେସର ଦାୟିତ୍ୱ ନେଲେ ସେମାନେ ନୂଆ ଯୁବକଙ୍କୁ ଦଳରେ ସାମିଲ୍ କରିବା ଓ ସରକାରଙ୍କ ବିରୁଦ୍ଧରେ ଲଢେଇ କରିବା ଭଳି କାର୍ଯ୍ୟକ୍ରମ କଲେ ନାହିଁ। ଅନେକ ସମୟରେ ଶେଷ ମୁହୂର୍ତ୍ତରେ ଦଳ ଟିକେଟ୍ ଦେଉଥିବାରୁ ଠିକ୍‌ରେ ଲଢି ହେଉନାହିଁ। (ପୃଷ୍ଠା-୨)

# ଡିଜିଙ୍କୁ ଜଣାଇଲା 'ଉତ୍କଳ ସାମ୍ବାଦିକ ସଂଘ'

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ନିଳଗିରିରେ ସାମ୍ବାଦିକ ଲୋକନାଥ ଦଳାଇଙ୍କୁ ଆକ୍ରଶମୂଳକ ଗିରଫ ଓ ନିର୍ଯ୍ୟାତନା ସହ ଅମାନବୀୟ ବ୍ୟବହାରକୁ ନେଇ ଉତ୍କଳ ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ୍ ଡିଜି ଅନିଲ୍ କୁମାର କାଳରେ କହିଥିଲେ କି ସାମ୍ବାଦିକ ଶ୍ରୀ ଦଳାଇଙ୍କୁ ଚିକିସ୍ୱାଧିନ ଅବସ୍ଥାରେ ଗୋଡରେ ବେଡି ବନ୍ଧାଯିବା ଘଟଣାରେ କାର୍ଯ୍ୟରତ ହାବିଲଦାରଙ୍କୁ ନିଲମ୍ବନ କରାଯିବା ଯଥାର୍ଥ ନୁହେଁ। ବିନା କୌଣସି ଉପରିସ୍ଥ ଅଧିକାରୀଙ୍କ



ବଂଶଲଙ୍କୁ ଗତ ୮ ତାରିଖ ଦିନ ଭେଟି ଦାବି ଜଣାଇଛନ୍ତି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଜିତେନ୍ଦ୍ର କୁମାର ମହାନ୍ତି, ସତ୍ୟଜିତ୍ ସେନ୍ ପ୍ରମୁଖ ଡିଜିଙ୍କ ସହ ଆଲୋଚନା ନିର୍ଦ୍ଦେଶରେ ଏପରି ବେଆଇନ୍ କାର୍ଯ୍ୟ ହାବିଲ୍‌ଦାର ସମ୍ପାଦିତ କରିପାରିବେ ନାହିଁ। ନିଜ ପ୍ରତିକ୍ରିୟାରେ ଡିଜି କହିଥିଲେ ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଘଟଣାରେ ହାବିଲ୍‌ଦାରଙ୍କୁ ନିଲମ୍ବନ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା (ପୃଷ୍ଠା-୨)

## ମିଳିତ ସଂଘ

ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ ନ ହେବାରୁ ସାମ୍ବାଦିକଙ୍କ ଉପରେ ଏପରି ଜୁଲମ୍ ଦିନକୁ ଦିନ ବୃଦ୍ଧି ପାଉଛି। ନିଳଗିରି ପୋଲିସ୍‌ର ଅମାନବୀୟ କାର୍ଯ୍ୟ ପୁଣି ଜଣେ ସାମ୍ବାଦିକଙ୍କ ପ୍ରତି ଆତଙ୍କବାଦୀ ଭଳି ବ୍ୟବହାର ପରି ପ୍ରତିବାଦ କରିଥିଲେ। ଆତଙ୍କବାଦୀ କିମ୍ବା ପେଶାଦାର ଅପରାଧୀ ପରି ଜଣେ ସାମ୍ବାଦିକ ଗୋଡରେ ବେଡି ପକାଇଥିବା ନିଳଗିରି ଥାନା ଅଧିକାରୀଙ୍କୁ ବହିଷ୍କାର ସହ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ





ହାତରେ କଡି ବେକରେ ବେଡି ପକାଇ ଡାକ୍ତରଖାନାରେ ରଖାଯିବାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଏହି ଘଟଣାକୁ ନେଇ ରାଜଧାନୀରେ ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଭିନ୍ନ ବର୍ଗର ସାମ୍ବାଦିକମାନେ ଏକଜୁଟ ହୋଇ ଗତ ୮ ତାରିଖ ଦିନ ଘଟଣାର ଦୃଢ ନେବାକୁ ଦାବି କରାଯାଉଛି। ଏଥିସହ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଛି। ସାମ୍ବାଦିକ ମିଳିତ ମଞ୍ଚର ଆବାହକ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଏହି ବିକ୍ଷୋଭରେ ରାମଚଣ୍ଡି ପ୍ରସାଦ ରଣସିଂହ, ପ୍ରସନ୍ନ କୁମାର ମହାନ୍ତି, (ପୃଷ୍ଠା-୨)

## ଅତ୍ୟନ୍ତ ଦୁଃଖଦାୟକ: ମାନସ ମଙ୍ଗରାଜ



ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା, ଏହାକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ସରକାରଙ୍କ ଦୃଷ୍ଟିକୁ ଏହି ଘଟଣା ଆସିବା (ପୃଷ୍ଠା-୨)

## ନୀଳଗିରି ବନ୍ଦ ଡାକରା





ନୀଳଗିରି ଆଇଆଇସି ଦ୍ରୌପଦୀ ଦାସଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରାଯାଇଛି। ଆଗାମୀ ଦୁଇ ଦିନ ମଧ୍ୟରେ ଦ୍ରୌପଦୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ହେଲେ ନିଳଗିରୀ ବନ୍ଦ ଚେତାବନୀ ଦିଆଯାଇଛି। ରବିବାର ଏ ନେଇ ନିଳଗିରୀରେ ସର୍ବଦଳୀୟ ବୈଠକ ବସିଥିଲା। ବୈଠକରେ ସ୍ଥାନୀୟ ବିଧାୟକ ସୁକାନ୍ତ ନାୟକ ମଧ୍ୟ ଯୋଗଦେଇଥିଲେ। ଏହାପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସାମ୍ବାଦିକଙ୍କ ଗୋଡରେ ବେଡି ପକାଇବା ଘଟଣାରେ ଏବେ ଦ୍ରୌପଦୀଙ୍କୁ ପୋଲିସ୍ ମୁଖ୍ୟାଳୟକୁ ବଦଳି ହୋଇଛନ୍ତି। ଯାହାକୁ କେହି ବି ସହଜରେ ଗ୍ରହଣ କରିପାରିନାହାଁନ୍ତି। କାରଣ ଯେଉଁ ଅମାନୁଷିକ ଘଟଣା ଘଟାଇଛନ୍ତି ଆଇଆଇସି ତାଙ୍କ ପାଇଁ କେବଳ ବଦଳି କରିଦିଆଯିବ ଦଣ୍ଡ ନୁହେଁ। ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ହେବା ନିହାତି ଆବଶ୍ୟକ ରହିଛି। ଏ ନେଇ ବିଭିନ୍ନ ଦଳର ବରିଷ୍ଠ ନେତାମାନେ ସିବିଆଇ ତଦନ୍ତ ଦାବି କରିଛନ୍ତି। ଘଟଣାକୁ ନିନ୍ଦା କରିବା ସହ ରବିବାର ବସିଥିବା ସର୍ବଦଳୀୟ ବୈଠକକୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଛି।

# ଇମ୍ରାନଙ୍କୁ ଚାପୁଡା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନରେ କ୍ଷମତା ପରିବର୍ତ୍ତନ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ସେନା ମୁଖ୍ୟ ବାଜୱାଙ୍କ ମଧ୍ୟରେ ଜୋର୍‌ଦାର ଝଗଡା ହୋଇଛି। ଶନିବାର ଅନାସ୍ଥା ଭୋଟରେ ପରାଜିତ ହେବା ପରେ ସେନାମୁଖ୍ୟଙ୍କ ସହ ଇମ୍ରାନ ଖାଁଙ୍କ ବଡ ଧରଣର ଝଗଡା ହୋଇଥିଲା। କ୍ଷମତା ପରିବର୍ତ୍ତନ ଷଡଯନ୍ତ୍ରରେ ବାଜୱା ସାମିଲ୍ ଥିବା ନେଇ ଇମ୍ରାନ୍ ଅଭିଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଏତେ ବଢିଯାଇଥିଲା ଯେ ବାଜୱା ଇମ୍ରାନ୍‌ଙ୍କୁ ଚାପୁଡା ମାରିଥିଲେ। ଏଭଳି କିଛି ଚର୍ଚ୍ଚା ପାକିସ୍ତାନ ସୋସିଆଲ୍ ମିଡିଆରେ



ଜୋର୍‌ସୋର୍‌ରେ ଚାଲିଛି। ଅଲ୍ଲି ନାମକ ଜଣେ ଟୁଇଟର ଟୁଇଟ୍ କରି ଲେଖିଛନ୍ତି ଯେ, ରାତି ୧୦ଟା ସମୟରେ ପ୍ରଧାନମନ୍ତ୍ରୀଙ୍କ ବାସ ଭବନରେ ଏକ ହେଲିକପ୍ଟର ଓହ୍ଲାଇଥିଲା। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସୁରକ୍ଷା କର୍ମୀ ସାଥୀରେ (ପୃଷ୍ଠା-୨)

# ଜଗତସିଂହପୁର ଡ୍ରେନେଜ୍ ଡିଭିଜନ୍‌ରୁ କୋଟି କୋଟି ଟଙ୍କା ହଡପ କରିଛନ୍ତି ପୂର୍ବତନ ଏକ୍ସିକ୍ୟୁଟିଭ୍ ଇଂଜିନିୟର

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଗତ ସଂସ୍କରଣ "ସଂପର୍କବାର୍ତ୍ତା"ର ଏପ୍ରିଲ୍ ୪ ରୁ ୧୦ ପ୍ରଥମ ପୃଷ୍ଠାରେ ପ୍ରକାଶିତ **"ଜଗତସିଂହପୁରରେ ଦୁଇ ଯନ୍ତ୍ରୀଙ୍କର କୋଟିଏ ପିସି"(ମାଛ ପାଲଟିଛି ପୁଷ ମାସ)** ଶୀର୍ଷକ ଖବର ଜଗତସିଂହପୁର ଜିଲ୍ଲାରେ ଯନ୍ତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିବା ଲକ୍ଷ୍ୟ କରାଯାଉଛି। କେତେକ ଯନ୍ତ୍ରୀଙ୍କର ପ୍ରତିକ୍ରିୟା ପରୋକ୍ଷରେ ପ୍ରକାଶ ପାଉଥିବା ଶୁଣିବାକୁ ମିଳୁଛି। କେତେକ କହୁଛନ୍ତି ଜଗତସିଂହପୁର ଡ୍ରେନେଜ୍ ଡିଭିଜନ୍‌ରୁ ପୂର୍ବତନ ଏକ୍ସିକ୍ୟୁଟିଭ୍ ଇଂଜିନିୟର କୋଟି କୋଟି ଟଙ୍କା ହଡପ କରି ନେଇଥିବା ବେଳେ ସେ ସଂକ୍ରାନ୍ତରେ ସାମ୍ବାଦିକ ଜାଣିପାରିଲେନି କିପରି ? ନା ଜାଣିକି ବିକ୍ରି ହୋଇଯାଇଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ଜଗତସିଂହପୁର ଜିଲ୍ଲାରେ ଅନେକ ଯନ୍ତ୍ରୀ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇ ପ୍ରାୟ ୮ ରୁ ୧୦ ବର୍ଷ ହେବ ରହିଲେଣି। କୋଟି କୋଟି ଟଙ୍କା ଗଚ୍ଛିତ କରିବା ସହିତ ରାଜପ୍ରସାଦ ତିଆରି କରିବାରେ ଲାଗିଛନ୍ତି। ସେଠି ଗଣମାଧ୍ୟମ ପ୍ରତିନିଧିଙ୍କର ଆଖିକୁ ଦେଖାଯାଉନାହିଁ ନା ହାତ ପାଉନାହିଁ ଏପରି ଅନେକ ବିରକ୍ତିର ସହ ଅନେକ କଥା ଛକ ବଜାର ଖଟିରେ ଦିମାଖିଆ ଯନ୍ତ୍ରୀ ବେହିଆ ମୁହଁରେ ଏପରି ଆଲୋଚନା କରୁଥିବା ଶୁଣାଯାଉଛି। କ'ଣ ପାଇଁ ରାଜ୍ୟ ସରକାର ତଥା ବିଭାଗୀୟ ଅଧିକାରୀ ବାରମ୍ବାର ପ୍ରକାଶିତ ଖବର ଉପରେ ଦୃଷ୍ଟି ଦେଉନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି। ସଂପୃକ୍ତ ଡ୍ରେନେଜ୍ ଡିଭିଜନ୍‌ର ଏକ୍ସିକ୍ୟୁଟିଭ୍ ଇଂଜିନିୟର କିଏ ଓ ତାଙ୍କ ସମୟରେ କ'ଣ ସବୁ କାମ ହୋଇଛି, ତାଙ୍କ ସମୟରେ କେତେ ଟଙ୍କା ଆଲର୍ଟମେଣ୍ଟ ଆସିଛି ଓ କେଉଁ କେଉଁ ଜାଗାରେ କ'ଣ ସବୁ କାମ କରିଛନ୍ତି ସେ ସଂକ୍ରାନ୍ତରେ ତଥ୍ୟ ମଗାଯିବା ପାଇଁ ପ୍ରସ୍ତୁତ ଚାଲିଥିବା ଶୁଣାଯାଉଛି। ଏଭଳି ଖବର ଉପରେ ସଂପର୍କବାର୍ତ୍ତା ପକ୍ଷରୁ ଦୃଷ୍ଟି ଦିଆଯାଇ ଅନୁସନ୍ଧାନ ଆରମ୍ଭ କରାଯାଉଥିବା ବିଶେଷ ସୂତ୍ରରୁ ଶୁଣାଯାଉଛି। ବର୍ତ୍ତମାନ ଡ୍ରେନେଜ୍ ଡିଭିଜନ୍‌ର ଏକ୍ସିକ୍ୟୁଟିଭ୍ ଇଂଜିନିୟର(ସୁପରଇନ୍‌ଟେଣ୍ଡେଣ୍ଟ ଇଂଜିନିୟର) ଭାବେ ହରେକୃଷ୍ଣ ବେହେରା କିଛି ମାସ ହେବ ଦାୟିତ୍ୱରେ ରହିଆସୁଛନ୍ତି। ଇଂଜିନିୟର ଶ୍ରୀ ବେହେରା ଜଣେ ଦକ୍ଷ ଓ କରିତ୍‌କର୍ମା ବୋଲି କେତେକ ଠିକାଦାର କହୁଥିବା ବେଳେ ତାଙ୍କ ଘର ଜଗତସିଂହପୁର ଅଞ୍ଚଳ ଗୋପାଳସାଗର ଠାରେ ବୋଲି ଜଣାପଡିଛି। କ୍ରମଶ...

# ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ଭାଗ୍ୟଶାଳୀ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସହରରେ ବିଭିନ୍ନ ଦଳରେ ବହୁ ବଡ ବଡ ରାଜନେତା ବା ମୁଣ୍ଡି ଥାଇ ପୌରାଧ୍ୟକ୍ଷା ଭାବେ ଅର୍ଚ୍ଚନା ସିଂହ ନିର୍ବାଚିତ ହେବାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ କେତେକ କହୁଛନ୍ତି ଅର୍ଚ୍ଚନା ସିଂହ ଜଣେ ଭାଗ୍ୟଶାଳୀ ନାରୀ ନେତ୍ରୀ। କାରଣ ରାଜମୁକୁଟ କାହା ଭାଗ୍ୟରେ ଥିଲା ଜଗତସିଂହପୁର ସହରବାସୀ ଅବଗତ ଥାଇ ସୁଦ୍ଧା ଅଧ୍ୟକ୍ଷା ଅର୍ଚ୍ଚନାଙ୍କ ମୁଣ୍ଡରେ ରାଜମୁକୁଟ ପିନ୍ଧାଇ ଦିଆଗଲା ବୋଲି କୁହାଯାଉଛି। ଯେତେ ସତ ଚେଷ୍ଟା କଲେ ବି ରାଜମୁକୁଟ ଯାହା ଭାଗ୍ୟରେ ଥିବ ସେ ହିଁ ପିନ୍ଧିବ ବୋଲି କୁହାଯାଉଛି। ଅଧ୍ୟକ୍ଷା ଅର୍ଚ୍ଚନା ନିର୍ବାଚନରେ କୌଣସି କଂଗ୍ରେସ ଦଳର ନେତାଙ୍କ ବାହାଦୁରି ନଥିବା କହିଲେ ଚଳେ ବୋଲି କୁହାଯାଉଛି। ୨୦୧୪ ନିର୍ବାଚନରେ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ ସେତବେଳର ବିଧାୟକ ପ୍ରାର୍ଥୀ ୰ ବିଷ୍ଣୁ ଦାସଙ୍କୁ ୨୮୮୮ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଥିଲେ। ପୁଣି ଏଥର ପୌର ଅଧ୍ୟକ୍ଷା କଂଗ୍ରେସ ପ୍ରାର୍ଥିନୀ ଅର୍ଚ୍ଚନା



ଅଧ୍ୟକ୍ଷା ଅର୍ଚ୍ଚନା ସିଂହ



ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ

ସିଂହଙ୍କୁ ବିଜେଡି ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀ ଲାଗିପଡି ବିଜୟୀ କରାଇଥିବା ଆଲୋଚନା ହେଉଛି। କେତେକ ବିଜେଡି କର୍ମୀ କଂଗ୍ରେସକୁ ଭୋଟ ଦେଇଥିବାର ରୋକ୍‌ଠୋକ୍ ଭାବେ କହିବୁଲୁଛନ୍ତି। ଆମର ଯାହାକୁ ପାନେ ଦବାର ଥିଲା ସେ ପାନେ ପାଇଛି ବୋଲି ଖୁସି ଅଛନ୍ତି ବୋଲି ପ୍ରକାଶ କରୁଛନ୍ତି। ରାଜନୀତିରେ ଅଂହକାର ନେତାଙ୍କୁ ସର୍ବଶାନ୍ତ କରିଥାଏ। ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଜଣେ ଦକ୍ଷ ରାଜନେତା ଭାବେ ରାଜନୀତି ଆରମ୍ଭରୁ (ପୃଷ୍ଠା-୨)

## ୨୧ରୁ ୨ ବିଜେପି ଜିତି ଉପାଧ୍ୟକ୍ଷ

### ଜଗତସିଂହପୁର ପୌରପରିଷଦରରେ ଇତିହାସ

ସେହିପରି ଅନ୍ୟପରେ, ପୌର ଉପାଧ୍ୟକ୍ଷ ଭାବେ ବିଜେପି ପ୍ରାର୍ଥୀ ରାଜେନ୍ଦ୍ର କୁମାର ବିଶୋଇ ନିର୍ବାଚିତ ହୋଇଛନ୍ତି। ଏହି ଉପାଧ୍ୟକ୍ଷ ନିର୍ବାଚନରେ କଂଗ୍ରେସ ଓ ବିଜେପି ମେଣ୍ଟକୁ ନେଇ ସହରର ରାଜନୈତିକ ବାତାବରଣ ଉଷ୍ମ ହୋଇଉଠିଛି। ପୌରାଞ୍ଚଳରେ ବିଜେଡିକୁ ଏକ ପ୍ରକାର ଏକଘରିଆ କରିଦେଇଛନ୍ତି ବିରୋଧୀ କଂଗ୍ରେସ ଓ ବିଜେପି। ୨୧ଟି ୱାର୍ଡ ମଧ୍ୟରୁ ବିଜେଡିକୁ ସର୍ବାଧିକ ବିଜେଡି ୯ କାଉନ୍‌ସିଲର ବିଜୟୀ ଘୋଷିତ ହୋଇଥିବା ବେଳେ କଂଗ୍ରେସ ୭ ବିଜେପିକୁ ୨ ଓ ୩ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୨ କାଉନ୍‌ସିଲର ନିର୍ବାଚିତ ହୋଇଥିବା ବେଳେ ବିଜେପି ଉପାଧ୍ୟକ୍ଷ ପଦ ହାତେଇବ ବୋଲି (ପୃଷ୍ଠା-୨)

# ଋଣ ଛାଡ କରିବେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜାରି ରହିଛି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ୟୁକ୍ରେନରେ ଫସିଥିବା ଭାରତୀୟ ମାନଙ୍କୁ ସରକାର ପକ୍ଷରୁ ଉଦ୍ଧାର କରାଯାଇଛି ମାତ୍ର ଉଦ୍ଧାର କରାଯାଇଥିବା ଭାରତୀୟ ନାଗରିକ ମଧ୍ୟରେ ଅଧିକାଂଶ ଡାକ୍ତରୀ ଛାତ୍ରଛାତ୍ରୀ ଅଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ ବିବୃତି ରଖି କହିଛନ୍ତି ୟୁକ୍ରେନରୁ ଫେରିଥିବା ନାଗରିକଙ୍କ ମଧ୍ୟରେ ୧୩୧୯ଜଣ ଛାତ୍ର ରହିଛନ୍ତି ଏବଂ ସେମାନେ ଉପରେ ୧୨୧କୋଟି ଟଙ୍କାର ଋଣରହିଛି। ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ହେତୁ ପିଲାମାନଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ସେମାନଙ୍କ ସମୟ ନଷ୍ଟ ହେଉଛି। ସେ ଆହୁରି ମଧ୍ୟ କହିଛନ୍ତି ପିଲାମାନେ ପାଠ ପଢିବାକୁ ଋଣ ନେଇଥିବା ଟଙ୍କା ଉପରେ ବିଚାରବିମର୍ଶ ସରକାର । ପରିସ୍ଥିତିକୁ ଦୃଷ୍ଟି ରେ ରଖି ସରକାର ଏହି ଦିଗ ପ୍ରତି ଆବଶ୍ୟକ ପଦକ୍ଷେପ ନେବେ। ୧୩୧୯ଜଣ ଛାତ୍ର ଋଣ ନେଇଛନ୍ତି ସେମାନଙ୍କ ଉପରେ ୧୨୧.୬ ଟଙ୍କା ବାକି ରହିଛି। ଏହି ସୂଚନା ୨୧ଟି ବ୍ୟାଙ୍କ ଦେଇଥିବା ବେଳେ ସରକାର ଏନେଇ ନିଷ୍ପତି ନେବେ ବୋଲି ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି।

# ରକେଟ୍ ମାଡ ପରେ ରେପ୍ କରୁଛନ୍ତି ରୁଷ ସୈନ୍ୟ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ୍ ରେ ନରସଂହାର ଜାରି ରଖିଥିବା ରୁଷ ସେନା ପାଶବିକ ଅତ୍ୟାଚାର ଆରମ୍ଭ କରିଛି। ଜଣେ ୧୦ବର୍ଷର ନିଷ୍ପାପ ଶିଶୁକୁ ରୁଷ ସୈନ୍ୟ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଛୋଟ ପିଲାଟି ଦୁଷ୍କର୍ମର ଶିକାର ହୋଇଥିବା ଅଯୋଗ ହୋଇଛି। ୟୁକ୍ରେନ୍ ସଂସଦର ସଦସ୍ୟ ଲେସିଆ ଭାସ୍ୟଲେଙ୍କ ଟ୍ୱିଟ୍ କରି ଏହି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ରୁଷ ସୈନ୍ୟମାନେ ସମ୍ପୃକ୍ତ ନାବାଳିକା ପ୍ରତି ଅମାନୁଷିକ ଅତ୍ୟାଚାର କରିଛନ୍ତି। ଦୁଷ୍କର୍ମରେ ଶିକାର ହୋଇଥିବା ନାବାଳିକାର ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବା ସେ ଟ୍ୱିଟ କରିଛନ୍ତି। ଲେସିଆ କହିଛନ୍ତି ଯେ , ରୁଷ ସୈନ୍ୟମାନେ ମାନେ ଲୁଟ୍ , ଦୁଷ୍କର୍ମ ଏବଂ ହତ୍ୟା କାଣ୍ଡ ଭିଆଉଛନ୍ତି। ରୁଷକୁ ସେ ଅନୈତିକ ଅପରାଧର ଦେଶ ବୋଲି ଆକ୍ଷେପ କରିଛନ୍ତି। ମାର୍ଚ୍ଚ ୨୪ରୁ ୟୁକ୍ରେନ୍ ରେ ଘନ ଘନ ଆକ୍ରମଣ ଜାରି ରଖିଛି ରୁଷ। ଏହି ଯୁଦ୍ଧରେ ହଜାର ସାଧାରଣ



ଲୋକ ଏବଂ ସୈନ୍ୟଙ୍କର ମୃତ୍ୟୁ ଘଟିଛି। ଲକ୍ଷାଧିକ ଲୋକେ ବେଘର ହୋଇ ପଡୋଶୀ ଦେଶକୁ ପଳାୟନ କରିଛନ୍ତି।

## ଇମ୍ରାନ ଖାନ ଫେରାର୍, ପାକିସ୍ତାନରେ ଭାଙ୍ଗିଲା ସରକାର



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାକିସ୍ତାନରେ ଇମ୍ରାନ ସରକାରଙ୍କ ପତନ ହୋଇଛି। ଅବିଶ୍ୱାସ ଭୋଟ୍‌ରେ ଇମ୍ରାନଙ୍କୁ ମାତ୍ର ୧୪୭ ଭୋଟ ମିଳିଛି। ତେବେ ପାକିସ୍ତାନରେ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଭାଇ ସହବାଜ ସରିଫ ନୂଆ ପ୍ରଧାନମନ୍ତ୍ରୀ ହେବେ ବୋଲି ଜଣାପଡିଛି। ଶନିବାର ବିଳମ୍ବିତ ରାତିରେ ସଂସଦରେ ପହଞ୍ଚିଥିଲେ ଇମ୍ରାନ୍ ଖାନ୍। ଅନାସ୍ଥା ପ୍ରସ୍ତାବକୁ ଏଡାଇବାକୁ ଚାହୁଁଥିବା ଇମ୍ରାନ୍ ଶେଷରେ ଏହାର ସମ୍ମୁଖୀନ ହେବାକୁ ରାଜି ହୋଇଥିଲେ। ନହେଲେ ସେ ଗିରଫ ହେବାର ସମ୍ଭାବନା ରହିଥିଲା। ସେହିପରି ପାକିସ୍ତାନର ନ୍ୟାଶନାଲ୍ ଆସେମ୍ବଲିର ଅଧିକାରୀମାନେ ଉପ ବାଚସ୍ପତିଙ୍କୁ ଅନାସ୍ଥା ଭୋଟ କରାଇଦେବାକୁ ରାଜି ଥିଲେ। ସେପଟେ ପାକିସ୍ତାନ ନ୍ୟାସନାଲ୍ ଆସେମ୍ବଲିରେ ଅନାସ୍ଥା ଭୋଟ୍ ହେବାକୁ ଥିବାବେଳେ ସୁପ୍ରିମକୋର୍ଟ ପହଞ୍ଚିଛନ୍ତି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ। ସରକାର ବଞ୍ଚାଇବାକୁ ଇମ୍ରାନ୍ ଖାନ୍‌ଙ୍କ ମ୍ୟାଜିକ୍ ନମ୍ବର ୧୭୨ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା। ନ୍ୟାସନାଲ୍ ଆସେମ୍ବଲିରେ ୩୪୨ ସଦସ୍ୟଙ୍କ ମଧ୍ୟରୁ ୧୯୯ ଜଣ ବିରୋଧୀଙ୍କୁ ସମର୍ଥନ କରୁଥିବା ସୂଚନା ମିଳିଛି।

# ବିଜେପିରେ ମିଶିଲେ ୧୫୦ ଆପ୍ ନେତା

**ଅହମ୍ମଦାବାଦ(ସଂପର୍କବାର୍ତ୍ତା):-** ପଞ୍ଜାବରେ ସଫଳତା ପରେ ଗୁଜୁରାଟ ଉପରେ ନଜର ପକାଇଛି ଆମ୍ ଆଦମୀ ପାର୍ଟିର ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ନିକଟରେ ଗୁଜୁରାଟ ଯାଇ ବଡ ଶୋଭାଯାତ୍ରା କରିଛନ୍ତି। ହେଲେ ସେଠାରୁ ଫେରିବା ପରେ ଦଳକୁ ବଡ ଝଟ୍କା ଦଳର ପ୍ରାୟ ୧୫୦ଜଣ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି କେବଳ ଆପ ନୁହେଁ ବରଂ ଏହି ସମୟ ସମୟ ମଧ୍ୟ କ୍ଷତି ସହିଛି। ଦଳର ଅନେକ ସଦସ୍ୟ ବିଜେପିରେ ଯୋଗଦେବାକୁ ନିଷ୍ପତି ନେଇଛନ୍ତି। ବିଶେଷ କଥା ହେଉଛି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓାଲ ଓ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଗୁଜୁରାଟ ଗସ୍ତ ଫେରୁଫେରୁ ଏତେ ସଂଖ୍ୟକ ଆପ ନେତା ନିଜ ଦଳ ବଦଳାଇ ଦେଇଛନ୍ତି । ଏହାକୁ ନେଇ ଗୁଜୁରାଟ ବିଜେପିର ସାଧାରଣ ପ୍ରଦୀପସିଂହ ବାଘେଲା କହଛନ୍ତି, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଏବଂ ପଞ୍ଜବର ମୁଖ୍ୟମନ୍ତ୍ରୀ ଘରେ ନ ପହଂଚିଣୁ ତାଙ୍କ ଦଳର ଅନେକ ସଦସ୍ୟ ବିଜେପିରେ ଯୋଗ ଦେଇଛନ୍ତି।ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସେମାନେ ଗୁଜୁରାଟରେ ଲୋକଙ୍କୁ ବନାଇ



ପାରିବେ ନାହିଁ ତାଙ୍କର ଗୁଜୁରାଟ ଗସ୍ତର କୌଣସି ଅର୍ଥ ନାହିଁ ଗୁଜୁରାଟବାସୀର ବିଜେପି ଉପରେ ଅଛି। ନୂତନ ନେତାମାନେଙ୍କୁ ଦଳକୁ ସ୍ୱାଗତ କରି ବାଘେଲା କହିଛନ୍ତି, ଆଜି ଆପ ଏବଂ କଂଗ୍ରେସ ଛାଡିଛନ୍ତି। ସେମାନେ କହିବେ ଯେ ତୁମେମାନେ ଅଦରକାରୀ ଥିଲ। କିନ୍ତୁ ମୁଁ କହିବାକୁ ଚାହେଁ ଗୁଜୁରାଟରେ ବିକାଶ ପାଇଁ ଆପଣମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଥାଉ କି ଦୁଇ ଦିନ ତଳେ ଗୁଜୁରାଟ ଗସ୍ତରେ ଯାଇ କେଜ୍ରିଓାଲ ଏବଂ ମାନ ରୋଡ ସୋରେ ଭାଗରେ ନେଇଥିଲେ। ଏହା ସହିତ ସାବରମତୀ ଆଶ୍ରମ ପରିସରସ୍ଥିତ ମହାତ୍ମା ଗାନ୍ଧୀ ରହୁଥିବା ସ୍ଥାନ ହୃଦୟକୁ ଙ୍କୁ ମଧ୍ୟ ଯାଇଥିଲେ ଏହା ବ୍ୟତୀତ କେଜ୍ରିଓାଲ ଦଳର କର୍ମୀ ଏବଂ ଅନ୍ୟ ନେତାଙ୍କ ସହ ବୈଠକ କରିଥିଲେ। ଚଳିତ ବର୍ଷ ଶେଷ ଆଡକୁ ଗୁଜରାଟରେ ବିଧାନସାଭା ନିର୍ବାଚନ ଥିବାରୁ ସେଠାରେ କ୍ଷେତ୍ର ପ୍ରସ୍ତୁତି ଉଦ୍ୟମ କରିବା ଲାଗି ଦୁହେଁ ଅହମ୍ମଦାବାଦ ଯାଇଥିବା ଚର୍ଚ୍ଚା ହୋଇଥିଲ।

## ପ୍ରଥମ ପୃଷ୍ଠାରୁ...

### ହଟିପାରନ୍ତି...

୨୦୦୯ରେ ଆମେ ଏକ ସୁଯୋଗ ହାତଛଡା କରିଥିଲୁ। ବିଜେଡି ଓ ବିଜେପି ମେଣ୍ଟ ଭାଙ୍ଗିବାର ସୁଫଳ କଂଗ୍ରେସ ପାଇବା କଥା କିନ୍ତୁ ସେ ସମୟରେ କଂଗ୍ରେସ ସଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହୋଇଥିଲା ବୋଲି ମୋକିମ୍ ପ୍ରକାଶ କରିଛନ୍ତି। ଏବେ କଂଗ୍ରେସର ନବେକଳେବରର ଆବଶ୍ୟକତା ରହିଛି। ସୋନିଆ ଗାନ୍ଧୀ ଏବେ ରାଜ୍ୟର ନେତାମାନଙ୍କୁ ଭେଟି ଆଲୋଚନା କରୁଛନ୍ତି। ସେହିପରି ଯଦି ନିରଞ୍ଜନ ପଟ୍ଟନାୟକ ପ୍ରକୃତରେ ଇସ୍ତଫା ଦେବାକୁ ଚାହୁଁଥାନ୍ତେ ତେବେ ନୂଆ ନେତୃତ୍ୱ କଂଗ୍ରେସ ଦାୟିତ୍ୱ ନେଇଥାନ୍ତେ। କଂଗ୍ରେସରେ ନେତୃତ୍ୱ ନେବାକୁ ଅନେକ ଦକ୍ଷ ନେତା ଅଛନ୍ତି। ବିଧାୟକମାନଙ୍କୁ ଦାୟିତ୍ୱ ଦେବା ପାଇଁ ନିକଟରେ **ତାରା ଭାଇ** ଦାବି କରିଛନ୍ତି ବୋଲି ମୋକିମ୍ ମତବ୍ୟକ୍ତ କରିଛନ୍ତି। **ନେତୃତ୍ୱ ନେବାର କ୍ଷମତା ନିରଞ୍ଜନ ପଟ୍ଟନାୟକଙ୍କ ନାହିଁ।** ମୋତେ ଯଦି ହାଇକମାଣ୍ଡ ଦିଅନ୍ତି ତେବେ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ ଅଛି ବୋଲି ମୋକିମ୍ କହିଛନ୍ତି।

ସୂଚନା ଥାଉକି ଏହି ଖବର ଆପାତତଃ ଜଣାପଡିବା ପରେ ମୋକିମ୍ ପିସିସି ଅଧ୍ୟକ୍ଷ ହେବା ଯୋଗ୍ୟ ବୋଲି କୁହାଯାଉଛି। କାରଣ ଗତ ପୌର ନିର୍ବାଚନରେ ସିଏମ୍‌ସିରେ ଯେଉଁ ପ୍ରକାରରେ କଂଗ୍ରେସକୁ ଭୋଟର ସମ୍ମତି ଜଣାଇଲେ ବା ମତଦାନ କଲେ ଏସବୁ ମୋକିମ୍‌ଙ୍କ ଦକ୍ଷତାକୁ ପ୍ରମାଣିତ କରୁଛି ବୋଲି କୁହାଯାଉଛି।

### ଡିଜିଙ୍କୁ...

ପରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବଂଶଲ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ, ସଂଘ ତରଫରୁ ଚେତାବନୀ ଦିଆଯାଇଛି କି ଯଦି ସଂପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପୂର୍ବକ ଯଥାଶୀଘ୍ର ନିଲମ୍ବନ କରାନଯାଏ ତେବେ ରାଜ୍ୟବ୍ୟାପୀ ସଂଘ ପକ୍ଷରୁ ଦୃଢ ଆନ୍ଦୋଳନ ଉଠିବ। ଏଠାରେ ପ୍ରକାଶଯୋଗ୍ୟ ଯେ, ୮ ତାରିଖ ଦିନ ସମଗ୍ର ରାଜ୍ୟରେ ସଂଘର ବିଭିନ୍ନ ଜିଲ୍ଲା ଶାଖା ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

### ମିଳିତ...

ଆଲ୍ଲା ରାୟ, ବିଦ୍ୟାଧର ବାରିକ, ମୌସୁମୀ ମହାନ୍ତି, ଅପୂର୍ବ ରଞ୍ଜନ ପଣ୍ଡା, ଚନ୍ଦନ ପାଇକରାୟ, କିଷନ କୁମାର ବରାଇ, ଚିନ୍ମୟ ମହାପାତ୍ର, ଦେବଦତ୍ତ ପାତ୍ର, ସୌମ୍ୟଜିତ୍ ସିହ୍ନା, କପିଳେନ୍ଦ୍ର ପ୍ରଧାନ, ନବୀନ ଚନ୍ଦ୍ର ଦାସ, ଅଜୟ ପଣ୍ଡା, ଓମ୍‌କାର ମହାନ୍ତି, ବିକାଶ ଦାସ, ସରିତଦିପ ଶତପଥୀ ଓ ବହୁ ସାମ୍ବାଦିକ ସାମିଲ୍ ହୋଇଥିଲେ।

### ଅତ୍ୟନ୍ତ...

ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଥିବା ହାବିଲ୍‌ଦାରଙ୍କୁ ନିଲମ୍ବିତ କରାଯାଇଛି। ଥାନା ଅଧିକାରୀ ଓ ତଦନ୍ତକାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିଦିଆଯାଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଇମ୍ରାନଙ୍କୁ...

ଥିବା ସ୍ପିକରଙ୍କୁ ଅଟକାଇଥିଲେ। କିନ୍ତୁ ବାଜଓ୍ୱା ଭିତରକୁ ଯାଇଥିଲେ ଏବଂ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ ଏହାର ଅନ୍ତ ଅତି ଖରାପ ହୋଇଥିଲା। ସେହିପରି ଅନ୍ୟ ଜଣେ ଟୁଇଟର ବ୍ୟବହାରକାରୀ ମାରିୟାନ୍ ଲେଖିଛନ୍ତି ଯେ, ସେ ଖାଁଙ୍କୁ ଚାପୁଡା ମରାଯାଇଥିବା ଶୁଣିଛନ୍ତି, ଏହା କ'ଣ ସତ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟ ଜଣେ ଟୁଇଟର ବ୍ୟବହାରକାରୀ ଲେଖିଛନ୍ତି କ୍ଷମତା ଛାଡିନଥିଲେ ତାଙ୍କୁ ଶାସନ ଗାଦି ଛାଡିବାକୁ ବାଧ କରାଯାଇଥିଲା। ବାଜଓ୍ୱା ଏବଂ ଡିଜିଆ ଏସ୍ଆଇ ହେଲିକପ୍ଟରରେ ଆସି ପ୍ରଧାନମନ୍ତ୍ରୀଙ୍କ ବାସ ଭବନକୁ ପ୍ରବେଶ କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଦୁର୍ବ୍ୟବହାର କରିଥିଲେ। ସୂଚନାଯୋଗ୍ୟ ଯେ, ବିରୋଧୀଙ୍କ ବାସଭବନରେ କ୍ଲିନ୍‌ବୋଲ୍ଡ ହୋଇଛନ୍ତି ଇମ୍ରାନ୍। ଶେଷ ହୋଇଛି ଇମ୍ରାନ ଖାଁ ସରକାରଙ୍କ ସାଢେ ତିନି ବର୍ଷର ଇଂନିଙ୍ଗ୍ସ। ହାଇଡ୍ରାମା ମଧ୍ୟରେ ମଧ୍ୟ ରାତ୍ରିରେ ସଂସଦରେ ଇମ୍ରାନ ସରକାର ବିରୁଦ୍ଧରେ ଗୃହିତ ହୋଇଥିଲା ଅନାସ୍ଥା ଭୋଟ। ପ୍ରସ୍ତାବ ସପକ୍ଷରେ ୧୭୪ ଭୋଟ ପଡିଥିବା ବେଳେ ଇମ୍ରାନ୍‌ଙ୍କ ଦଳର ସାଂସଦ ଅନୁପସ୍ଥିତ ରହିଥିଲେ। ଅନାସ୍ଥା ଭୋଟ ପୂର୍ବରୁ ବାଚସ୍ପତି ଆସତ କାଇଜର ଇସ୍ତଫା ଦେଇଥିଲେ। ଉପବାଚସ୍ପତି କାଶିମ୍ ସୁରି ବି ଦେଇଥିଲେ ଇସ୍ତଫା। ଅସ୍ଥାୟୀ ବାଚସ୍ପତିଙ୍କ ଜରିଆରେ ହୋଇଥିଲା ଭୋଟିଂ। ପାକିସ୍ତାନ ଇତିହାସରେ ପ୍ରଥମ ଥର ପାଇଁ କୌଣସି ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସଫଳ ରହିଛି।

### ୨୧ରୁ ...

କେହି କେବେ ଆଶା କରିନଥିବା ବେଳେ ଉପାଧ୍ୟକ୍ଷ ରାଜେନ୍ଦ୍ର ଦେଖିବାକୁ ଯେପରି ରାଜକୁମାର ସେହିପରି ଭାଗ୍ୟଶାଳୀ ବୋଲି ଆଲୋଚନା କରୁଛନ୍ତି। ଉପାଧ୍ୟକ୍ଷ ରାଜେନ୍ଦ୍ର ଜଣେ ଅତି ଭକ୍ତ, ନମ୍ର ଓ ଶିକ୍ଷିତ ବ୍ୟକ୍ତି ହୋଇଥିବାରୁ ଉଭୟ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମିଳିତ ଉଦ୍ୟମରେ ଜଗତସିଂହପୁର ପୌରପରିଷଦର ଆଶାତିତ ଉନ୍ନତି ହେବ ବୋଲି ସହରବାସୀ ଆଶାପ୍ରକଟ କରୁଛନ୍ତି।

### ଭାଗ୍ୟଶାଳୀ...

ପଞ୍ଚାୟତରୁ ବ୍ଲକ୍, ଜିଲ୍ଲାପରିଷଦ ଓ ବିଧାୟକ ଭାବେ ୩ ଥର ନିର୍ବାଚିତ ହୋଇଆସୁଛନ୍ତି। କେବେ ହାରିବା ସେ ଶିଖିନାହାଁନ୍ତି। ଜଗତସିଂହପୁର ପୌର ଅଞ୍ଚଳର କେତେକ ପୁରୁଖା ତଥା ଦୀର୍ଘ ବର୍ଷ ଧରି ଜନତା ଦଳ ଓ ପରେ ବିଜେଡି ଦଳକୁ ସମର୍ଥନ କରିଆସୁଥିବା ନେତା ବେଇମାନ କରିବାରେ ବେସ୍ ଧୁରନ୍ଧର ଥିବାରୁ ୪ ବିଷ୍ଣୁଙ୍କୁ ହରାଇବା ପରେ ଏବେ ପୌର ଅଧ୍ୟକ୍ଷା ପ୍ରାର୍ଥିନୀଙ୍କୁ ହରାଇଥିବା ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ, ପୌର ଅଧ୍ୟକ୍ଷା ପ୍ରାର୍ଥିନୀ ଓ ତାଙ୍କ ସ୍ୱାମୀଙ୍କର ଅଂହଭାବ, ଅହଂକାର, ପକ୍ଷପାତିତା ଓ ଓଭର କନ୍‌ଫିଡେନ୍ସ ଯୋଗୁ ଠିକ୍ ବାଟରେ ନ ଯିବା, ଯାହାଙ୍କ ସହିତ ସଂଯୋଜକ କରାଯିବା କଥା ନ କରିବା ଓ ଶୃଙ୍ଖଳାରେ ଶେଉଳ ଧରିବା ସଦୃଶ ଭଳି ଚାପିଦେଇ କାହାରିକୁ ନ ଦେବାରୁ ଏପରି ଅବସ୍ଥା ବିଜେଡି ଦଳକୁ ଭୋଗିବାକୁ ପଡିଲା ବୋଲି ମଧ୍ୟ ଖୋଲାଖୋଲି ଆଲୋଚନା କରାଯାଉଛି। ଲେଙ୍କା ପରିବାରକୁ ଆଶ୍ୱାସନା ଦେଇ ପରେ ନିରାଶ କରିବା, ପୂର୍ବରୁ ଅମରେନ୍ଦ୍ରକୁ କୋଣଠେସା ଦେଇ ଆସୁଥିବା ଓ ୪ ବିଷ୍ଣୁଙ୍କ ସମର୍ଥକଙ୍କୁ ସମର୍ଥକଙ୍କ ପାଇଁ ଦଳୀୟ ନେତାଙ୍କର ଲକ୍ଷ୍ମଣରେଖା ଟଣାଯିବା ଏହା ବି ଏକ କାରଣ ବୋଲି ଦର୍ଶାଯାଇ ଅଭିଯୋଗ କରାଯାଉଛି। ଯାହାଫଳରେ କଂଗ୍ରେସ ଅଧ୍ୟକ୍ଷା ପ୍ରାର୍ଥିନୀ ଅର୍ଚ୍ଚନା ସିଂହଙ୍କ ମୁଣ୍ଡରେ ରାଜମୁକୁଟ ପିନ୍ଧାଯିବା ସହଜ ହୋଇପାରିଛି। ଯାହାଫଳରେ ଅଧ୍ୟକ୍ଷା ଅର୍ଚ୍ଚନା ଭାଗ୍ୟଶାଳୀ ନେତ୍ରୀ ଭଳି ଆଖ୍ୟା ଦିଆଯାଇଆସୁଛି।

# ଚାଇନା ବୁଦ୍ଧିରେ ପଡି ଫସିଗଲା ଶ୍ରୀଲଙ୍କା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଶ୍ରୀଲଙ୍କାର ସଙ୍କଟ ଦକ୍ଷିଣ ଏସିଆର ଅନେକ ଦେଶର ଆଖି ଖୋଲିଦେଇଛି। ଚାଇନା ରାସ୍ତାରେ ଚାଲି ମଝି ନଇରେ ଫସିଯାଇଛି ଶ୍ରୀଲଙ୍କା ଧନୀ ହେବାର ସ୍ୱପ୍ନ ଦେଖି ଶ୍ରୀଦିନ ହୋଇପଡିଛି ସୁବର୍ଣ୍ଣ ଲଙ୍କା। ବେଲ୍ଟ ଆଣ୍ଡ ଇନିସିଏଟିଭ୍ ନାଁରେ ଚୀନ୍ ବାଣ୍ଟିଥିଲା ସ୍ୱପ୍ନ। ଶ୍ରୀଲଙ୍କା ମଧ୍ୟ ସୌଦାଗର ଜାଲରେ ପଡିଥିଲ। ଚୀନ୍ ଲୋନ୍ ଅର୍ଥରେ ଶ୍ରୀଲଙ୍କା ନେତା ଦେଖିଥିଲେ କାୟା ପରିବର୍ତ୍ତନର ସ୍ୱପ୍ନ। ଏବେ ସେଇ ସ୍ୱପ୍ନ ଦୁଃଖସ୍ୱପ୍ନ ରେ ପରିଣତ ହୋଇଛି। ଦେଶର ଅର୍ଥନୀତି ଭୁସୁଡି ପଡିଛି। ହାଅନ୍ନର ଚିନ୍ତା ଲୋକଙ୍କୁ କରିଛି ଶରଣାର୍ଥୀ ନେତା ଦୁର୍ଗ ଭିତରେ ଥିବା ବେଳେ ସାଧାରଣ ଜନତା ପେଟ୍ରୋଲ ପମ୍ପରୁ ଗ୍ୟାସ ଷ୍ଟେଶନରେ ଲଢୁଛି ବଂଚିବାର ଯୁଦ୍ଧ। ଶ୍ରୀଲଙ୍କାର ଅର୍ଥନୈତିକ ସଂକଟ ରାଜନୈତିକ ସ୍ଥିତିକୁ ମଧ୍ୟ ଅସ୍ଥିର କରିପକାଇଛି। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷଙ୍କ ଇସ୍ତଫା ଦାବି କରିଛନ୍ତି ସାଧାରଣ ଲୋକେ। ବ୍ୟାପକ ବିରୋଧ ଭିତରେ ଶ୍ରୀଲଙ୍କା କ୍ୟାବିନେଟରେ ସମସ୍ତ ୨୬ଜଣ ମନ୍ତ୍ରୀ ସମୂହ ଇସ୍ତଫା ଦେଇଛନ୍ତି। ଆସନ୍ତା ଦିନରେ ଯଦି ଏପରି ବିଭିଷିକାର ବିଚଳିତ ଚିତ୍ର ଜାରି ରହେ, ତେବେ ଶ୍ରୀଲଙ୍କାରେ ଦେଖାଦେବ ଭଉଙ୍କର ପରିସ୍ଥିତ। ହିଂସା ହତ୍ୟା,ଲୁଟ ଓ ଆତଙ୍କରାଜ ଭଳି ପରିସ୍ଥିତର ସମ୍ମୁଖୀନ ହେବ ଏହି ଦେଶ। ରାଜନୈତିକ ସ୍ଥିତି ମଧ୍ୟ ଅନୁରୂପ ହୋଇପାରେ। ଆଉ ଯାହାର ସିଧାସଳଖ ପ୍ରଭାବ ପଡୋଶୀ ଦେଶ ଅର୍ଥାତ ଭାରତ ଉପରେ ପଡିପାରେ । ତେଣୁ ଶ୍ରୀଲଙ୍କାକୁ ସାହାଯ୍ୟ କରୁଛି ଭାରତ। ଶକ୍ତି ଖାଦ୍ୟ ଶସ୍ୟ ମେଡିସିନ ଓ ଅତ୍ୟବଶ୍ୟକ ସାମଗ୍ରୀ ସବୁର ଅଭାବ। ବାହାର ଦେଶ ଉପରେ ନିର୍ଭରଶୀଳ ଶ୍ରୀଲଙ୍କା ପାଇଁ ୨.୩୧ବିଲିୟନ ଡଲାର ବିଦେଶୀ ମୁଦ୍ରା ଅପହଂଚ। ରଷ୍ଟ୍ରପତି ଗୋଟବାୟା ରାଜପକ୍ଷ ସ୍ୱୀକାର କରିଛନ୍ତି ଯେ, ଶ୍ରୀଲଙ୍କା ୧୦ବିଲିୟନ ଡଲାର ବିଦେଶୀ ମୁଦ୍ରା ଅନ୍ତରଷ୍ଟ୍ରୀୟ ବଜାରରେ ହରାଇଛି। ଦେଢ ଦଶକ ପୂର୍ବକୁ ଲଢେଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରଣନୀତିକାର ଏବଂ ତାଙ୍କ ଭାଇ ମଧ୍ୟସ କିନ୍ତୁ ଏବେ ଏମିତି ଗୋଟିଏ ଯୁଦ୍ଧ ଲଢୁଛନ୍ତି



ଯାହା ସେମାନେ ଜିତିବା ଏକରକମ ଅସମ୍ଭବ। ଶ୍ରୀଲଙ୍କ ଅର୍ଥନୀତିର ପତନ ପାଇଁ ସରକାରଙ୍କ ଭୁଲ ନୀତିକୁ ମଧ୍ୟ ଦାୟୀ କରାଯାଉଛି। ୨୦୧୯ରେକୋଭିଡ୍ କାଳରେ ଲୋକହ୍‌କ ମନ ଜିତିବା ପାଇଁ ସରକାର କର ହ୍ରାସ କରିଥିଲେ। ଯାହା ଶ୍ରୀଲଙ୍କା ପାଇଁ କାଳ ହୋଇଥିଲା ଶ୍ରୀଲଙ୍କାର ଦୁର୍ଦ୍ଦଶାରୁ ଭାରତରେ ସବୁ ମାଗଣା ବାଣ୍ଟିବା ରାଜନୀତି କରୁଥିବା ନେତାଙ୍କର କିଛି ଶିଖିବାର ନାହିଁ କି? କାରଣ ଏମିତି ମାଗଣା ବାଣ୍ଟି ୪୦ବର୍ଷ ତଳେ ଦକ୍ଷିଣ ଆମେରିକାର ସବୁଠାରୁ ଧନି ରଷ୍ଟ୍ର ଥିବା ଭେନେଜୁଏଲା କାଙ୍ଗାଳ ହୋଇଯାଇଛି। ସରୁନି ଶ୍ରୀଲଙ୍କାର ଦୁଃଖ ସ୍ଥାନୀୟ ଉତ୍ପାଦକମାନେ ସାହାର୍ଯ୍ୟ କରିବା ଆତ୍ମନିର୍ଭଶୀଳତା ,ଦୁର୍ନୀତ ବିରୋଧୀ ଏବଂ ସରକାରୀ ଖର୍ଚ୍ଚ ହ୍ରାସ କରିବାରେ ଶ୍ରୀଲଙ୍କାର ଦୁଃଖ ସ୍ଥାନୀୟ ଉତ୍ପାଦକମାନଙ୍କୁ ସାହାର୍ଯ୍ୟ କରିବା, ଆତ୍ମନିର୍ଭରଶୀଳତା ଦୁର୍ନୀତ ବିରୋଧୀ ଏବଂ ସରକାରୀ ଖର୍ଚ୍ଚ ହ୍ରାସ କରିବାରେ ଶ୍ରୀଲଙ୍କା ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟପନ୍ଥାକୁ ଗ୍ରହଣ କରିପାରିଥାନ୍ତେ । ଏହା ବ୍ୟତୀତ ରାଜପକ୍ଷ ସରକାର ଚାଇନାର ପାଣ୍ଠି ଦ୍ୱାରା ପରିଚାଳିତ ଅନେକ ପ୍ରଜୋକ୍ଟକୁ ବନ୍ଦ କରିପାରନ୍ତେ ଯାହା ଦ୍ୱାରା ଦେଶରେ ଋଣଏବଂ ବୋଝ କମାଇବାରେ ସହାୟକ ହୋଇପାରିବ। ସେହିପରି ରାସାୟନିକ ସାର ଉପରେ ପ୍ରତିବନ୍ଧକ ଲଗାଇ କୃଷି କାର୍ଯ୍ୟରେ ଜୈବିକ ସାର ପ୍ରୟୋଗ କରିପାରନ୍ତେ ଏବଂ ଏଥିରେ ଖର୍ଚ୍ଚ ହେଉଥିବା ଅର୍ଥକୁ ପର୍ଯ୍ୟଟନ ଭିତ୍ତିଭୂମିରେ ନିଯୋଗ କରିପାରନ୍ତେ ଶ୍ରୀଲଙ୍କା ସରକାର। କାରଣ ଯେଉଁଭଳି ଭାବେ ଇଷ୍ଟର ବୋମା ବିସ୍ଫୋରଣ ଏବଂ କୋଭିଡ ମହାମାରୀ ଶ୍ରୀଲଙ୍କାର ପର୍ଯ୍ୟଟନ ଭିତ୍ତିଭୂମିକୁ ଦୋହଲାଇ ଦେଇଛି, ଯାହା ଦ୍ୱାରା କ୍ଷତିଗ୍ରସ୍ତ ହୋଇପଡିଛି ଶ୍ରୀଲଙ୍କା ପର୍ଯ୍ୟଟନ ସରକାର। କାରଣ ଯେଉଁଭଳି ଭାବେ ଇଷ୍ଟର ବୋମା ବିସ୍ଫୋରଣ ଏବଂ କୋଭିଡ ମହାମାରୀ ଶ୍ରୀଲଙ୍କା ପର୍ଯ୍ୟଟନ ଭିତ୍ତିଭୂମିକୁ ଦୋହଲାଇ ଦେଇଛି, କିଛି ଯାହା କ୍ଷତିଗ୍ରସ୍ତ ହୋଇପଡିଛି ଶ୍ରୀଲଙ୍କା ପର୍ଯ୍ୟଟନ ଶିଳ୍ପ।

# ରାହୁଲଙ୍କ ନାଁରେ ନିଜର ସମସ୍ତ ସମ୍ପତ୍ତି କରିଦେଲେ ୭୮ବର୍ଷୀୟା ବୃଦ୍ଧା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କର ଆବଶ୍ୟକତା ଦେଶକୁ ରହିଛି । ତାଙ୍କର ଚିନ୍ତାଧାରା ଦେଶକୁ ବହୁ ଆଗକୁ ନେବ। ଏପରି କହିବା ସହ ରାହୁଲ ଗାନ୍ଧୀଙ୍କ ନାଁରେ ସବୁ ସମ୍ପତ୍ତି କଲେ ୭୮ବର୍ଷୀୟ ବୃଦ୍ଧା ବୃଦ୍ଧା ଜଣଙ୍କ ନିଜର ପ୍ରାୟ ୫୦ଲକ୍ଷ ଟଙ୍କାର ସମ୍ପତ୍ତି ରାହୁଲଙ୍କ ନାଁରେ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି।

୫୦ଲକ୍ଷ ଟଙ୍କାର ସମ୍ପତ୍ତି ସହ ୧୦ତୋଳା ସୁନା ଅଳଙ୍କାର ମଧ୍ୟ ରାହୁଲଙ୍କ ନାଁରେ କରିଛନ୍ତି ବୃଦ୍ଧା

ଘଟଣାଟି ଏପରି ଯେ ଉତ୍ତାରଖଣ୍ଡ ଦେହରାଦୁନର ଡାଲନବାଲା ନେହରୁ ରୋଡ୍ ରେ ରୁହନ୍ତ ୭୮ବର୍ଷୀୟ ମହିଳା ପୁଷ୍ପା ମୁଞ୍ଜାଲାଲ୍ ଯାହାଙ୍କର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ରହିଛି ଦୃଢ ଭରସା ଏଣୁ ସେ ନିଜର ସମସ୍ତ ସମ୍ପତ୍ତି ରାହୁଲ ଗାନ୍ଧୀଙ୍କୁ ନାଁରେ କରିଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ୭୮ବର୍ଷୀୟା ବୃଦ୍ଧା ମହିଳାଙ୍କ ଦୃଢ ଭରସା ଥିବା ବେଳେ ଦେଶକୁ ରାହୁଲ ଦରକାର ବୋଲି ସେ ନିଜ ଦୃଢୋକ୍ତି ପ୍ରକାଶ କରିଛନ୍ତି। ତାଙ୍କର ଆଇଡିଆ ହିଁ ଦେଶକୁ ଆଗକୁ ନେବ ବୋଲି କହିଛନ୍ତି। ଏନେଇ କୋର୍ଟରେ ବୃଦ୍ଧାଙ୍କର ସମସ୍ତ ସମ୍ପତ୍ତିର ମାଲିକାନା ଗାନ୍ଧୀଙ୍କ ନାଁରେ ଟ୍ରାନ୍ସଫର କରାଯାଇଛି। ଏଥିରେ ଜମିବାଡି ସହ ୫୦ଲକ୍ଷ




ଟଙ୍କାର ସମ୍ପତି ଓ ୧୦ ତୁଳା (୧୧୬.୬) ଗ୍ରାମ ସୁନା ରହିଛି ପୁଷ୍ପାଙ୍କୁ ଏ ବିଷୟରେ ପଚରାଯିବାରୁ ସେ କହିଛନ୍ତି ଯେ ରାହୁଲ ଗାନ୍ଧୀ ଓ ତାଙ୍କର ଆଇଡିଆ ଦେଶ ପାଇଁ ଆବଶ୍ୟକ ସେ ରାହୁଲଙ୍କ ଚିନ୍ତାଧାରାରେ ଗଭୀର ଭାବେ ଅନୁପ୍ରାଣିତ ହୋଇଛନ୍ତି। ଏଥିପାଇଁ ସେ ତାଙ୍କର ସମସ୍ତ ସମ୍ପତ୍ତି ତାଙ୍କ ନାଁରେ ଲେଖି ଦେଇଛନ୍ତି ବୋଲି ପୁଷ୍ପ କହିଛନ୍ତି। ଏନେଇ କଂଗ୍ରେସ ମେଟ୍ରୋପଲିଟାନ ଅଧ ଲାଲଚାନ୍ଦ ଶର୍ମା ସୂଚନା ଦେଇ କହିଛନ୍ତି ଯେ ପୁଷ୍ପା ତାଙ୍କର ସମସ୍ତ ସମ୍ପତ୍ତି ରାହୁଲ ଗାନ୍ଧୀଙ୍କ ନାଁରେ କରିଦେଇଛନ୍ତି । ଉତ୍ତରାଖଣ୍ଡର ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ଅଧ ଲାଲଚାନ୍ଦ ନାଁରେ ଓ୍ୱିଲ୍ କରିଛନ୍ତି ବୋଲି ଲାଲଚାନ୍ଦ ଶର୍ମା ସୂଚନା ଦେଇଛନ୍ତି। ପୁଷ୍ପା ତାଙ୍କ ସମ୍ପତ୍ତି କାଗଜପତ୍ର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପ୍ରୀତମ ସିଂହଙ୍କୁ ଦେଇଛନ୍ତି। ସମ୍ପତ୍ତି କାଗଜ ଦେଲାବେଳେ ପୁଷ୍ପା କହିଛନ୍ତି ଯେ ଗାନ୍ଧୀ ପରିବାର ଦେଶ ସ୍ୱାଧୀନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଦେଶ ପାଇଁ ସବୁବେଳେ ଆଗରେ ରହି ଦେଶ ପାଇଁ ଜୀବନ ଦେଇଛନ୍ତି। ଶ୍ରୀମତି ଇନ୍ଦିରା ଗାନ୍ଧୀ ହୁଅନ୍ତୁ ବା ରାଜୀବ ଗାନ୍ଧୀ ଦୁଇ ଜଣ ଏହି ଦେଶର ଅଖଣ୍ଡତା ପାଇଁ ନିଜର ପ୍ରାଣବଳି ଦେଇଛନ୍ତି। ତେଣୁସେ ତାଙ୍କ ସମ୍ପତ୍ତି ପାଇଁ ରାହୁଲ ଗାନ୍ଧୀଙ୍କୁ ସବୁଠାରୁ ଉପଯୁକ୍ତ ଦାୟାଦ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଏପ୍ରିଲ୍ ୧୧ ରୁ ୧୭, ୨୦୨୨, ଜଗତସିଂହପୁର

April 11 to 17, 2022, Jagatsinghpur

www.samparkabarta.in




# ସାଂସଦ ଡ. ରାଜଶ୍ରୀଙ୍କର ଚିନ୍ତା

## ଜଗତସିଂହପୁର ସଂସଦୀୟ କ୍ଷେତ୍ର ଲାଗି ଜଳ ସଂରକ୍ଷଣ ଯୋଜନା

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କର ଜଗତସିଂହପୁର ସଂସଦୀୟ କ୍ଷେତ୍ରର ଉନ୍ନତି ଓ ପ୍ରଗତି ଲାଗି ଚିନ୍ତା କରୁଥିବା ଖୁସିର ଖବର ବୋଲି ସାଧାରଣରେ କୁହାଯାଉଛି। ତାଙ୍କ(ରାଜଶ୍ରୀ) କାର୍ଯ୍ୟଧାରା ବେସ୍ ଚଳିତ ପାର୍ଲିଆମେଣ୍ଟରେ ପ୍ରମାଣିତ ହେଉଛି। କିଛିଦିନ ତଳେ ନିକଟରେ ପାର୍ଲିଆମେଣ୍ଟର ୫୫ ନମ୍ବର ଜାତୀୟ ରାଜପଥ ତଥା କନ୍ଦରପୁର-ମାଛଗାଁ ରାସ୍ତାକୁ ଜାତୀୟ ରାଜପଥରେ ପରିଣତ କରି ଏହା ପ୍ରସସ୍ତିକରଣ, ଲେବୁଲ୍ କ୍ରସିଂଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ସଂସଦରେ ଦୃଢ ସ୍ୱରରେ ଦାବି ଉପସ୍ଥାପନା କରିବା ନେଇ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ଜନସାଧାରଣଙ୍କ ମଧ୍ୟରେ ବେସ୍ ଚର୍ଚ୍ଚାର ବିଷୟ ହୋଇଛି। ଏହାପରେ ସଂସଦରେ କେନ୍ଦ୍ର ସରକାରଙ୍କ ଜଳ ସଂରକ୍ଷଣ ଯୋଜନାରେ ଜଗତସିଂହପୁର ଜିଲ୍ଲାର ଓ ପୁରୀ ଜିଲ୍ଲାର ପ୍ରାଚି ନଦୀକୁ ସାମିଲ୍ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ତେବେ ସାଂସଦଙ୍କ ଏହି ସଂସଦୀୟ କ୍ଷେତ୍ର ଜଗତସିଂହପୁର ଜିଲ୍ଲାରେ ଅନେକ ମୃତପ୍ରାୟ ନଦୀଗୁଡିକରେ ବର୍ଷା ଋତୁରେ ବହୁ




ପରିମାଣରେ ବର୍ଷାଜଳ ପ୍ରବାହିତ ହେଉଥିବା ବେଳେ ଅନ୍ୟ ସମୟରେ ସଂପୂର୍ଣ୍ଣ ଶୁଷ୍କ ରହୁଛି। ଏହି ଜଳକୁ ସଂରକ୍ଷଣ କରି କୃଷକମାନଙ୍କ ସ୍ୱାର୍ଥ ରକ୍ଷା ନିମିତ୍ତ ଏହି ଜଳ ବିଭିନ୍ନ ଚାଷ କାର୍ଯ୍ୟ, ଫୁଲଫଳ, ପନିପରିବା ଚାଷ, ମାଛ ଚାଷ, ପଶୁପକ୍ଷୀମାନଙ୍କର ଖରାଦିନେ ଗାଧୋଇବା, ପାଣି ପିଇବା ଏବଂ ଭୂତଳ ଜଳର ସ୍ତର ହ୍ରାସକୁ ରୋକିବା ପାଇଁ ଏହି ସଂରକ୍ଷିତ ଜଳ ଉପଯୋଗୀ ହୋଇପାରିବ ବୋଲି ଡାକ୍ତର ମଲ୍ଲିକ ସଂସଦରେ ଦ୍ୱିତୀୟବାର ଦାବି ଉପସ୍ଥାପନ କରିଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଥିବାରୁ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଦୂରସଂଚାରରେ ସଂସଦରେ ବକ୍ତବ୍ୟ ରଖିବା ଦୃଶ୍ୟକୁ ଦେଖି ଜଗତସିଂହପୁର ସଂସଦୀୟ କ୍ଷେତ୍ରର ଜନସାଧାରଣ ଜଣେ ଯୋଗ୍ୟ ସାଂସଦ ଡ. ରାଜଶ୍ରୀଙ୍କୁ ଚୟନ କରିଥିବା ଏବଂ ପାର୍ଲିଆମେଣ୍ଟକୁ ପଠାଇଥିବା ସମସ୍ତେ ନିଜକୁ ଗର୍ବିତ ବୋଲି ଅନୁଭବ କରୁଛନ୍ତି। ପୂର୍ବରୁ ଯେତେଗୁଡିଏ ସାଂସଦ ଏହି ଜଗତସିଂହପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇ ପାର୍ଲିଆମେଣ୍ଟକୁ ଯାଇଛନ୍ତି କେବେ ଜଗତସିଂହପୁର ସଂସଦୀୟ କ୍ଷେତ୍ର ପାଇଁ ଦୃଢ ସ୍ୱରରେ ମୁହଁ ଖୋଲିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡିଥିବା ବେଳେ ଏବେ ଡ. ରାଜଶ୍ରୀ ଜଗତସିଂହପୁର ସଂସଦୀୟ କ୍ଷେତ୍ରକୁ ପାର୍ଲିଆମେଣ୍ଟରେ ଉଠାଇ ସମଗ୍ର ଦେଶରେ ପରିଚିତ କରାଉଥିବା ବେସ୍ ଖୁସିର ବିଷୟ ବୋଲି ବିଶିଷ୍ଟ ରାଜନୀତିଜ୍ଞ ଓ ବୁଦ୍ଧିଜୀବୀଗଣ ମତବ୍ୟକ୍ତ କରୁଥିବା ଲକ୍ଷ୍ୟ କରାଯାଉଛି।

# ଜାଲ୍ ସାର୍ଟିଫିକେଟ ଦେଇ ବିଜେବିରେ ଆଡମିଶନ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଜାଲ୍ ସାର୍ଟିଫିକେଟ ଦେଇ ବିଜେବି କଲେଜରେ ଆଡମିଶନ ତିନି ବର୍ଷରେ ୮ଛାତ୍ରଛାତ୍ରୀ ଆଡମିସନ କରିଛନ୍ତି। ଏନେଇ ବଡଗଡ ଥାନାରେ ଏତଲା ଦେଲେ ବିଜେବି କଲେଜ କର୍ତ୍ତୃପକ୍ଷ ଖବର ଅନୁଯାୟୀ ଭଦ୍ରକ ପରେ ଏବେ ରାଜଧାନୀରେ ଜାଲଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇ କଲେଜରେ ଆଡମିସନ୍ ହୋଇଥିଲେ। ଏସଂପର୍କରେ ସୂଚନା ପାଇ ଛାନ୍‌ଭିନ୍ କରିଥିଲେ କଲେଜ କର୍ତ୍ତୃପକ୍ଷ । ତେବେ ତିନି ବର୍ଷର ତଥ୍ୟ ଯାଂଚ ପରେ ବିଜେବି କଲେଜରେ ୮ଜଣ ଛାତ୍ରଛାତ୍ରୀ ଜାଲ୍ ସାର୍ଟିଫିକେଟ ଦେଇ ଆଡମିସନ୍ କରିଛନ୍ତି। ଏନେଇ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ନିରଞ୍ଜନ ମିଶ୍ର ବଡଗଡ ଥାନାରେ ଏତଲା ଦେଇଛନ୍ତି।

ସେପଟେ ପୁଲିସ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ଆଇପିସି ଦଫା ଲଗାଇଛି। ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ଏହି ସାର୍ଟିଫିକେଟ୍ କେମିତି ହାତେଇଲେ ? ସେନେଇ ତଦନ୍ତ ହେବ ବୋଲି କହିଛନ୍ତି ବିଜେବି କଲେଜ ଅଧ୍ୟକ୍ଷ।




# ଅପରାଜିତାଙ୍କୁ 'ଏକଘରିଆ' ଷଡ଼ଯନ୍ତ୍ର !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେପିରେ ଆରମ୍ଭ ହେଲା କି କ୍ଷମତା ଯୁଦ୍ଧ ? ଓଡ଼ିଶା ବିଜେପି ବନାମ ଅପରାଜିତା ଷଡଙ୍ଗୀ। ଜେପି ନଡ୍ଡାଙ୍କ ସରଣରେ ବିଧାୟକ ମୋଦିଙ୍କ ପାଖରେ ସାଂସଦ। ରାଷ୍ଟ୍ରୀୟ ସଭାପତି ଶ୍ରୀ ନଡ୍ଡାଙ୍କୁ ରାଜ୍ୟ ସଭାପତି ଓ ତାଙ୍କ ଟିମ୍ ଭେଟିବାର ଦୁଇଦିନ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ସହ ରାଜ୍ୟ ରାଜନୀତି ସଂପର୍କରେ ଆଲୋଚନା କରିଛନ୍ତି ଅପରାଜିତା। ଆଉ ଏହି ଭେଟଘାଟ ବେଳେ ଓଡ଼ିଶା ବିଜେପିରେ ଯାହା ଯାହା ଘଟୁଛି ସବୁ ଗୋଟି ଗୋଟି କରି କହିଛନ୍ତି ସାଂସଦ। ମୋଦି ଅପରାଜିତା ଭେଟଘାଟକୁ ନେଇ ଏବେ ରାଜ୍ୟ ରାଜନୀତି ହୁଲୁସ୍ଥୁଲ ହେଉଥିବା ବେଳେ ସାଂସଦ ବିରୋଧୀ ଗୋଷ୍ଠୀଙ୍କ ନିଦ ଉଡିଯାଇଛି। ପାୱାର କରିଡରରେ ଜୁ କଷାକଷି ବେଳେ ଅପରାଜିତା ମୋଦିଙ୍କୁ ଭେଟି ତାଙ୍କ କ୍ଷମତା ଦେଖାଇଥିବା ଚର୍ଚ୍ଚା ହେଉଛି। ପଞ୍ଚାୟତ ଓ ପୌର ନିର୍ବାଚନ ଝଟ୍‌କା ପରେ ଆତ୍ମସମୀକ୍ଷା ବଦଳରେ ବିଜେପିରେ ଆରମ୍ଭ ହୋଇଛି କ୍ଷମତା କଳି। ସାଂସଦ ଅପରାଜିତା ଷଡଙ୍ଗୀ ଓଡ଼ିଶା ସାରା ବୁଲିବା, ଭୁବନେଶ୍ୱର ମେୟର ପ୍ରାର୍ଥୀ ଦେଇ ଲକ୍ଷାଧିକ ଭୋଟ ପାଇବା ଓ କ୍ଷମତା କେନ୍ଦ୍ରର ନିକଟତର ହେବା ଓଡ଼ିଶା ବିଜେପିରେ ହଜମ ହେଉନି ବୋଲି କୁହାଯାଉଛି।

ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ସାକ୍ଷାତ୍ କରିବା ଅବସରରେ କାଳେ ବିଜେପିର ରାଜ୍ୟ ନେତୃତ୍ୱ ଅପରାଜିତାଙ୍କୁ ଲଗାମ୍ ଦେବାକୁ ଦାବି କରିଥିବା ଆଲୋଚନା ହେଉଛି। ଯଦି ସେମିତି ଠୋସ୍ ପ୍ରମାଣ ମିଳିନି, କିନ୍ତୁ ନଡ୍ଡାଙ୍କୁ ଭେଟି ରାଜ୍ୟ ରାଜନୀତି ସଂପର୍କରେ ଆଲୋଚନା କରିଛନ୍ତି ସଭାପତି ସମୀର ମହାନ୍ତିଙ୍କ ସହ ୬ ଜଣିଆ ଟିମ୍। ଯାହାକୁ ନେଇ ଓ ରାଜ୍ୟ ବିଜେପି ଭିତରେ ଶୀତଳ ଯୁଦ୍ଧ ଚାଲିଥିବା ଚର୍ଚ୍ଚା ହେଉଛି। ବଡ କଥା ହେଲା ସଦ୍ୟ ସମାପ୍ତ ନିର୍ବାଚନମାନଙ୍କରେ କ୍ଷତି ସହିଛି ବିଜେପି। ଭୁବନେଶ୍ୱର ମେୟର ପ୍ରାର୍ଥୀଙ୍କ ପାଇଁ ଦଳ ପତାକା ବି ଦିଆଗଲାନି ବୋଲି କୁହାଗଲା।




ବିଶେଶ୍ୱର ଟୁଡୁଙ୍କୁ ଛାଡି ଆଉ କେହି ବି ପ୍ରଚାରକୁ ଗଲେନି। ରାଜ୍ୟ ସଭାପତି ଅନ୍ୟଆଡେ ବୁଲିଲେ ପଛେ ଭୁବନେଶ୍ୱର ଲାଗି ଚିନ୍ତା କଲେନି। ସଭାପତିଙ୍କ ୱାର୍ଡରେ ବିଜେପି କର୍ପୋରେଟର ପ୍ରାର୍ଥୀ ବି ହାରିଲେ ସଭାପତିଙ୍କ ୱାର୍ଡରେ। କିନ୍ତୁ ନିର୍ବାଚନ ଶେଷ ହେଉ ହେଉ ଦିଲ୍ଲୀ ଯାଇ ଡେରା ମାରିଛନ୍ତି। ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳ ନେତା ଆସନରେ ଲୋକେ ବିଜେପିକୁ ମର୍ଯ୍ୟାଦାର ସହ ବସାଇଛନ୍ତି। କ୍ଷମତାକୁ ଆସିବାକୁ କର୍ମୀ ଗ୍ରାଉଣ୍ଡରେ ଖଟୁଛନ୍ତି କିନ୍ତୁ ଉପରମୁଣ୍ଡ ନେତାଏ କର୍ମୀଙ୍କ ମନୋବଳ ବଢାଇବେ କ'ଣ ନିଜେ ନିଜ ଭିତରେ ବଳ କଷାକଷି ହେଲେଣି। ତେବେ ବିଜେପି ଏହି କ୍ଷମତା ଯୁଦ୍ଧରେ କାହାକୁ ଭରଷା କରୁଛି କେନ୍ଦ୍ରୀୟ ନେତୃତ୍ୱ ତାହାକୁ ଦେଖିବାକୁ ବାକି ରହିଲା ବୋଲି କୁହାଯାଉଛି।

# ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀ ଠାରେ ଚଳିତ ଅପ୍ରେଲ୍ ୫ ଓ ୬ ତାରିଖ ଦୁଇଦିନ ବ୍ୟାପୀ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ବନ୍ଧିତ ପ୍ରଶିକ୍ଷଣ କର୍ମଶାଳା ଗତକାଲି ଉଦ୍‌ଯାପିତ ହୋଇଯାଇଛି।

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ୫୧ ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କର୍ମଶାଳାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର୍ ଶ୍ରୀ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ୨୦୩୦ କାର୍ଯ୍ୟସୂଚୀ (ଏଜେଣ୍ଡା) ପ୍ରସ୍ତୁତ କରାଯାଇଛି। ଏହାର କାର୍ଯ୍ୟକାରିତା ଓ ଶତପ୍ରତିଶତ ସଫଳତା ହାସଲ ଦିଗରେ ବିଭିନ୍ନ ବିଭାଗର ବ୍ୟୟ ଅଟକଳରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗରେ କାର୍ଯ୍ୟରତ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ସମ୍ପୃକ୍ତ ଅଧିକାରୀମାନେ ନିଜ ବିଭାଗରେ ଏ' ଦିଗରେ ତତ୍ପରତାର ସହିତ କାର୍ଯ୍ୟ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଏଜେଣ୍ଡାକୁ ଭିଜନ୍ ଡକ୍ୟୁମେଣ୍ଟ ଭାବେ ପ୍ରାଧାନ୍ୟ ଦେବା ସହ ଧାର୍ଯ୍ୟ ଲକ୍ଷ୍ୟ ସାଧନ ଦିଗରେ ସମସ୍ତଙ୍କ ସମ୍ମିଳିତ ପଦକ୍ଷେପ ଗ୍ରହଣ ଯଥା:- ପ୍ରଦୂଷଣ ହ୍ରାସ ସହ ଉତ୍ତରପିଢ଼ୀଙ୍କ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି, ଜୀବନ ଧାରଣ ମାନ ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ପରିବେଶ ସନ୍ତୁଳନ ରକ୍ଷା ଓ ବିଶ୍ୱତାପନ ନିୟନ୍ତ୍ରଣ ପ୍ରଚେଷ୍ଟା, ଜୈବ ବିବିଧତା ସଂରକ୍ଷଣ, ଜଳ ସଂରକ୍ଷଣ, ଜୀବନଶୈଳୀ ପରିବର୍ତ୍ତନ ଆଧାରରେ ରଣନୀତି ପ୍ରସ୍ତୁତ କରିବା ଦିଗରେ ବିଭିନ୍ନ ବିଭାଗରୁ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବନ୍ୟପ୍ରାଣୀ ଓ ମାନବସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରାଗଲେ ପୃଥିବୀରେ ଜୀବନଧାରଣ ଶତପ୍ରତିଶତ ଉତ୍ତମ ହେବା ସହ ଆଗାମୀ ପିଢ଼ୀଙ୍କ ପାଇଁ ମଧ୍ୟ ଜୀବନ ସୁଗମ ହୋଇପାରିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ରାଜ୍ୟରେ ବିଗତ ଦିନମାନଙ୍କରେ ସଂଘଠିତ ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ଅନିୟମିତ ବର୍ଷା ଆଦି ଅନୁଶୀଳନ କରି ଏହାର ନିରାକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ବିଭାଗମାନଙ୍କ ସମ୍ମିଳିତ ସହଯୋଗ ଆବଶ୍ୟକ। ବିକାଶର ନିରନ୍ତର ପ୍ରକ୍ରିୟାରେ ରାଜ୍ୟର ସମସ୍ତ ବର୍ଗଙ୍କ ସାମଗ୍ରୀକ ବିକାଶ ସାଧନ ପାଇଁ ୨୦୩୦ ଏଜେଣ୍ଡାରେ ସୂଚୀତ ଓ ନିର୍ଦ୍ଧାରିତ ୧୭ ଟି ଉଦ୍ଦେଶ୍ୟ ଏବଂ ତତ୍ ଅନ୍ତର୍ଗତ୧୬୯ ଟି ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ଭୂମିକା ରହିଛି ଏବଂ ନିଜର ବ୍ୟୟ ଅଟକଳରେ ପ୍ରତ୍ୟେକ ବିଭାଗ ପକ୍ଷରୁ ତୃଣମୂଳସ୍ତରରୁ ବିକାଶ ସାଧନର ପ୍ରକ୍ରିୟା, ଗୋଷ୍ଠୀ ସଂଗଠନ ସ୍ତରରୁ ଦକ୍ଷତା ବୃଦ୍ଧି, ଜୀବନ-ଜୀବିକା ବୃଦ୍ଧି କ୍ଷେତ୍ର ଆଦିରେ ଉପାଦେୟ ଯୋଜନା ଓ ପରାମର୍ଶ ମାନ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ।




କର୍ମଶାଳାର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ଏସ୍.ଡି.ଜି. ନୋଡାଲ୍ ଅଧିକାରୀ ମନୀଷ ଅଗ୍ରୱାଲ୍, ଅର୍ଥ ବିଭାଗ ବଜେଟ୍ ନିର୍ଦ୍ଦେଶକ ଡଃ. ସତ୍ୟପ୍ରିୟ ରଥ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରମାଣ ଆଧାରିତ ଯୋଜନା, ଏସ୍.ଡି.ଜି. ମନିଟରିଂ ଫ୍ରେମ୍‌ୱାର୍କ ଏବଂ ଏଥି ସମ୍ବନ୍ଧିତ ଡ୍ୟାସ୍‌ବୋର୍ଡ଼ କାର୍ଯ୍ୟକାରିତା ଆଦି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ, ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀ ସୁନ୍ଦର ନାରାୟଣ ମିଶ୍ର, ଡଃ. ରମେଶ ଚେଲାନ୍ ପ୍ରମୁଖ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଅପରାଜିତାଙ୍କୁ ବର୍ଷାଙ୍କ ପ୍ରଶ୍ନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଟାର୍ଗେଟ କରିଛନ୍ତି ଓଲଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଟ୍ୱିଟ କରି ବର୍ଷା କହିଛନ୍ତି ଯେ ମୁଁ ଜଣେ ଓଡିଆ ଝିଅ, ମୁଁ ଯେବେ ପୁରୀ ଯାଏଁ ଶ୍ରୀ ମନ୍ଦିର ନିକଟରେ ମହିଳାଙ୍କ ନିମନ୍ତେ କୌଣସି ଶୌଚାଳୟ ଦେଖିବାକୁ ପାଏନି। ଅନ୍ୟମହିଳାଙ୍କ ମଧ୍ୟ ସମାନ ସମାସ୍ୟା ରହିଛି ଯଦି ସରକାରଙ୍କ ପକ୍ଷରୁ ଏହି ସୁବିଧା ଯୋଗଇଦେବା ଲାଗି ବ୍ୟବସ୍ଥା କରାଯାଉଛି ତେବେ ଅପରାଜିତା ଷଡଙ୍ଗୀଙ୍କ କଣ ଅସୁବିଧା ମନ୍ଦିର ନେଇ ରାଜନୀତି ନକରିବାକୁ ସେ ଟ୍ୱିଟରେ କହିଛନ୍ତି। ଆଉ ଲେଖିଛନ୍ତି ଗୋଟିଏ ପଟେ ବଦ୍ରିନାଥ ଓ କାଶୀ ବିଶ୍ୱନାଥ ମନ୍ଦିରର ଉନ୍ନତିକରଣ ପ୍ରକଳ୍ପକୁ ସେ ପ୍ରଂଶସା କରୁଥିବାବେଳେ , ପୁରୀ ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରକଳ୍ପକୁ ବିରୋଧ କରୁଛନ୍ତି ଯଦି ତାଙ୍କ ଭଳି ଅନେକ ଭକ୍ତ ଏହି ସୁବିଧା ଦ୍ୱାରା ଉପକୃତ ହୋଇପାରିବେ ତେବେ ଏଥିରେ ଅସୁବିଧା କଣ ବୋଲି ବର୍ଷା ଟ୍ୱିଟ୍ କରି ପ୍ରଶ୍ନ କରିଛନ୍ତି। ମୁଁ ଆପଣଙ୍କୁ ଜଣେ ବିଜ୍ଞ ରାଜନେତା ଭାବୁଥିଲି ଯେତେବେଳେ ଆପଣ ରାଜନୀତିରେ ପ୍ରବେଶ କଲେ ସେତେବେଳେ ଆପଣ ଓଡିଶାର ବିକାଶ ପାଇଁ କରିବେ ବୋଲି ଭାବୁଥିଲେ, ହେଲେ ଆପଣ ମୋତେ ନିରାଶ କଲେ ବୋଲି ବର୍ଷା ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ସଂସଦରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠିବା ପରେ ଏବେ ସାଧାରଣରେ ଏହି ପ୍ରସଙ୍ଗ ଚର୍ଚ୍ଚାର କାରଣ ପାଲଟିଛି ସମ୍ପ୍ରତି ବିବାଦ ଦେଖାଦେଇଥିବା ସ୍ଥାନରେ ଶୌଚାଳୟ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନିର୍ମାଣ କାର୍ଯ୍ୟ ଚାଲିଥିବା ସଂସଦରେ ସ୍ପଷ୍ଟ କରିଛନ୍ତି ପୁରୀ ସାଂସଦ ପୀନାକି ମିଶ୍ର।




**କାଶି ବିଶ୍ୱନାଥ ଓ ବଦ୍ରିନାଥରେ ହେଲା ପୁରୀ ବେଳକୁ ବିରୋଧ କାହିଁକି ?**

# ଅପରାଜିତାଙ୍କୁ କିଏ ମନା କରିଥିଲା ସଙ୍ଗଠନ ସଜାଡିବା ପାଇଁ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦଳ ଭିତରେ ଅପରାଜିତା ଅଡୁଆ ଭୁବନେଶ୍ୱର ସାଂସଦଙ୍କ ବକ୍ତବ୍ୟ ବିଜେପିର କଳି ସୃଷ୍ଟି କରିଛି। ଦଳର ରାଜ୍ୟ ନେତୃତ୍ୱ ଦୁର୍ବଳ ବୋଲି କହି ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ପ୍ରଶ୍ନ ଉଠାଇବା ପରେ ରାଜ୍ୟ ବିଜେପିରେ ଘମାସନ ସୃଷ୍ଟି ହୋଇଛି ସେପଟେ ଅପରାଜିତାଙ୍କୁ ତେରଛା ବାଣ ମାରିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର

ଜୟନାରାୟଣ ପ୍ରଶ୍ନ କରିଛନ୍ତି, ଅପରାଜିତାଙ୍କୁ କିଏ ମନା କରିଥିଲେ ସଙ୍ଗଠନ ସଜାଡିବା ପାଇଁ ? ବିଜେପିର କୋର କିମିଟିରେ ଅପରାଜିତା ଅଛନ୍ତି। ଯଦି ଦଳ ଅସଜଡା ଅଛି ତାଙ୍କର ଦାୟିତ୍ୱ ରହିଛି। ଏକକ ନେତୃତ୍ୱରେ ନୁହେଁ, ଆମେ ମିଳିତ ନେତୃତ୍ୱକୁ ବିଶ୍ୱାସ କରୁ। ଦିଲ୍ଲୀରେ ଆମେ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛୁ। ଆଗରୁ କଣ ହେବ ଅପେକ୍ଷା କର ବୋଲି ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି। ସେପଟେ ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ କହିଛନ୍ତି ଯିଏ ହାରିଛି ସେ ଦୁର୍ବଳ ସଙ୍ଗଠନ କଥା କହିବା ଯିଏ ଜିତିଛି ସେ ସଙ୍ଗଠନ ବାବଦରେ ଭଲ କଥା କହିବ। ଅପରାଜିତା ଯାହା କହିଛନ୍ତି, ସେ ତାଙ୍କ ବ୍ୟକ୍ତିଗତ କଥା ଅନ୍ୟପଟେ ଅପରାଜିତାଙ୍କ ଏଭଳି ମନ୍ତବ୍ୟକୁ ନେଇ ପୂର୍ବରୁ ଦଳର ବରିଷ୍ଠ ନେତା ଖାରବେଳ ସ୍ୱାଇଁ ମଧ୍ୟ ବିରଦୋ କରିଥିଲେ। ଅପରାଜିତାଙ୍କ ଇଙ୍ଗିତକୁ ବିରୋଧ କରିଥିଲେ। ସେ କହିଥିଲେ ଅପରାଜିତା କୌଣସି ନେତୃତ୍ୱଙ୍କୁ ନିର୍ବାଚନରେ ପଚାରି ନାହାଁନ୍ତି ଏବେ ନିର୍ବାଚନରେ ମେୟର ହାରିଯିବା ପରେ ସମଗ୍ର ରାଜ୍ୟ ନେତୃତ୍ୱକୁ ବିରୋଧ କରୁଛନ୍ତି ବୋଲି କହିଥିଲେ ଖାରବେଳ ସ୍ୱାଇଁ । ଅନ୍ୟପଟେ ଯଦି ଦେଖିବା ତେବେ ବିଜେପିର ବିଫଳତା ପରେ ରାଜ୍ୟ ନେତୃତ୍ୱମଣ୍ଡଳୀ ଦିଲ୍ଲୀରେ ରଷ୍ଟ୍ରୀୟ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ସାକ୍ଷାତ କରିଥିଲେ। ଏହି ସାକ୍ଷାତରେ ବିଜେପିର ଗୋଷ୍ଠୀ କନ୍ଦଳ ନେଇ ମଧ୍ୟ ଆଲୋଚନା ହୋଇଥିବା ଅନୁମାନ କରାଯାଉଛି।




# ରାଜ୍ୟରେ ତିଆରି ହେବ ନୂଆ ସଖି କେନ୍ଦ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚଳିତ ଆର୍ଥିକ ବର୍ଷ ନିର୍ଭୟା ପାଣ୍ଠିରୁ ଓଡିଶାକୁ ମିଳିଛି ୨୬.୫୪କୋଟି ଟଙ୍କା ଓାନ ଷ୍ଟପ୍ ସେଣ୍ଟର ସଖି ନିର୍ମାଣ ପାଇଁ ଏହି ଟଙ୍କା ମିଳିଛି ମଙ୍ଗଳବାର ରାଜ୍ୟସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଏହି ତଥ୍ୟ ରଖିଛନ୍ତି। ବିଜେଡି ସାଂସଦ ମୀନାକ୍ଷି ମହନ୍ତଙ୍କ ଅଣତାରକା ପ୍ରଶ୍ନରେ ସ୍ମୃତି ଇରାନୀ ଏହି ଉତ୍ତର ରଖିଛନ୍ତି। କେନ୍ଦ୍ର ସରକାର ରାଜ୍ୟ ଓାରି ନିର୍ଭୟା ପାଣ୍ଠିରୁ କେତେ ଅର୍ଥ ପ୍ରଦାନ କରିଛନ୍ତି। ଏବଂ ଅର୍ଥ ଖର୍ଚ୍ଚର ପରିମାଣ ଓ ପ୍ରକ୍ରିୟା ବିଷୟରେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଇରାନୀ ଉତ୍ତରଖିଥିଲେ ଯେ ଓଡିଶାକୁ ୨୬.୫୪କୋଟି ଟଙ୍କା ମିଳିଛି। କେବଳ ଓାନ ଷ୍ଟପ ସେଣ୍ଟର ସଖି ନିର୍ମାଣ କରିବାକୁ । ତେବେ ନିର୍ଭୟ ପାଣ୍ଠିର ସ୍ୱଚ୍ଛନ୍ଦ ପରିଚାଳନା ସକାଶେ ଏକ ସଶକ୍ତ କମିଟି ଗଠନ ହୋଇଛି। ଏହି କମିଟି ବିଭିନ୍ନ ପ୍ରସ୍ତାବ ଉପରେ ଅନୁଧ୍ୟାନ କରେ। ତା ସହ ବିଭିନ୍ନ ଯୋଜନା ଗୁଡିକର ସ୍ଥିତି ଯାଂଚ କରୁଛି। ବିଭିନ୍ନ ମନ୍ତ୍ରାଳୟ ସହ ସମନ୍ୱୟ ରକ୍ଷା କରି ଯୋଜନା ଗୁଡିକ ସଠିକ୍ କାର୍ଯ୍ୟକାରୀ କରୁଛି।

# ସମ୍ପାଦକୀୟ

## ବାବୁଙ୍କ ରାଜନୀତି

ଲୋକପ୍ରିୟ ଯୋଜନା ମାଧ୍ୟମରେ ରାଜ୍ୟ ସରକାରଗୁଡିକ ଲୋକମାନଙ୍କୁ ଦେଉଥିବା ମାଗଣା ସୁବିଧା ଉପରେ କେନ୍ଦ୍ର ସରକାରଙ୍କ କେତେଜଣ ବରିଷ୍ଠ ସଚିବ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଏଭଳି ସ୍ଥିତି ଜାରି ରହିଲେ ଶ୍ରୀଲଙ୍କା ଭଳି ଆର୍ଥିକ ଦୁର୍ଦ୍ଦଶା ଦେଖାଦେବ। ଏହି ଅମଲାତନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପ୍ରସ୍ତାବରେ ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗର ନାମ ଉଲ୍ଲେଖ କରିଛନ୍ତି। ଦେଖିବାକୁ ଗଲେ ଏସବୁ ଅଣଭାଜପା ରାଜ୍ୟ। ସଦ୍ୟ ସମାପ୍ତ ଉତ୍ତରପ୍ରଦେଶ ଓ ଗୋଆ ବିଧାନସଭା ନିର୍ବାଚନ ବେଳେ ଭାଜପା ମାଗଣା ଏଲପିଜି ଓ ଲୋଭନୀୟ ଘୋଷଣା କରି ଶାସନ ଗାଦିକୁ ଫେରିଛି। କେନ୍ଦ୍ର ସରକାର ମଧ୍ୟ ଉଜ୍ଜ୍ୱଳା ଏବଂ ପିଏମ୍ କିଷାନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି। କିନ୍ତୁ ପ୍ରଧାନସଚିବମାନେ ଉତ୍ତରପ୍ରଦେଶର ନାମ ଆଲୋଚନାବେଳେ ନ ଆଣିବା ସୂଚାଇ ଦେଉଛି ଯେ, ବାବୁ ବି କଲେଣି ରାଜନୀତି।



ଋଣବୋଝରେ ବୁଡି କାଙ୍ଗାଳ ହୋଇଯାଇଥିବା ଶ୍ରୀଲଙ୍କା ଭଳି ସ୍ଥିତି ଭାରତରେ ମଧ୍ୟ ଉପୁଜିପାରେ। ଭାରତର କେତେକ ରାଜ୍ୟ ଲୋକଙ୍କୁ ମାଗଣା ଯୋଜନାରେ ବିପୁଳ ସୁବିଧା ପ୍ରଦାନ କରିବା ଜାରି ରଖିଲେ ଏପରି ସ୍ଥିତି ବେଶି ଦୂର ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସତର୍କ କରାଇଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ। ମାଗଣା ଯୋଜନା ଅସ୍ଥାୟୀ ଏବଂ ଏହା ଦ୍ୱାରା ସଂପୃକ୍ତ ରାଜ୍ୟର ଅର୍ଥନୀତି ଭୁଶୁଡି ଯାଇପାରେ ବୋଲି ଶନିବାର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦୀର୍ଘ ୪ ଘଣ୍ଟାର ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଏବଂ କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ସମେତ କେନ୍ଦ୍ର ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସମ୍ପାଦକ

ବୈଠକରେ ଉପସ୍ଥିତ ଥିବା ଅନେକ ସଚିବ ତଥା ପ୍ରଶାସନିକ ଅଧିକାରୀ କେନ୍ଦ୍ରକୁ ଆସିବା ପୂର୍ବରୁ ବିଭିନ୍ନ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏବେ ଭାରତର ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ରହିଛି। ସେହି ରାଜ୍ୟ ସରକାରଗୁଡିକ ରାଜକୋଷକୁ ସୁହାଇଲା ଭଳି ପଦକ୍ଷେପ ନେଇ ଆର୍ଥିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ଥିଲା। କିନ୍ତୁ ତାହା ହୋଇପାରିନାହିଁ। ଯଦି ସମ୍ପୃକ୍ତ ରାଜ୍ୟଗୁଡିକ ଭାରତର ଅଂଶ ହୋଇ ନ ଥାନ୍ତେ ତେବେ ଏତେବେଳକୁ ସେଗୁଡିକ ଦେବାଳିଆ ହୋଇସାରନ୍ତେଣି। ବିଶେଷ କରି ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ସରକାର ଘୋଷଣା କରିଥିବା ଯୋଜନା ସବୁ ଦୀର୍ଘସ୍ଥାୟୀ ନୁହେଁ। ଏହି ରାଜ୍ୟଗୁଡିକରେ ଋଣବୋଝ ବଢିବା ସହ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି। ଏହି ରାଜ୍ୟଗୁଡିକୁ ଯଥାଶୀଘ୍ର ଉକ୍ତ ସମସ୍ୟାରୁ ମୁକୁଳିବା ପାଇଁ ରାସ୍ତା ବାହାରିବା ଜରୁରୀ ବୋଲି ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ନିର୍ବାଚନରେ ଜନସାଧାରଣଙ୍କୁ ମାଗଣା ସୁବିଧା ଦେବା ପାଇଁ ରାଜନୈତିକ ଦଳଗୁଡିକ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ବୋଝ ବଢାଇବ ବୋଲି ବରିଷ୍ଠ ଅଧିକାରୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ରାଜ୍ୟଗୁଡିକ କେନ୍ଦ୍ରୀୟ ଟିକସ ଏବଂ ଜିଏସ୍‌ଟିରୁ ଭାଗ ନେଇଥାନ୍ତି। ଏହାବ୍ୟତିତ ଅବକାରୀ ଟିକସ, ପେଟ୍ରୋଲ ଓ ଡିଜେଲ୍‌ରୁ ଭାଟ୍, ଜମିବାଡି ଟିକସ, ଯାନବାହାନ ପଞ୍ଜୀକରଣ ଆଦିରୁ ରାଜ୍ୟଗୁଡିକ ଆୟ କରିଥାନ୍ତି। ଅର୍ଥାତ୍ ରାଜ୍ୟଗୁଡିକର ଆୟ ଉତ୍ସ ସୀମିତ ହୋଇଥିବାରୁ ସେମାନେ ଏଭଳି ମାଗଣା ସୁବିଧା ଘୋଷଣା କରିବା ଉପରେ ପ୍ରମୁଖ ଅଧିକାରୀମାନେ ଆଲୋକପାତ କରିଛନ୍ତି।

ଅନ୍ୟପକ୍ଷରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଥିବାରୁ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତାର ପୂର୍ଣ୍ଣ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ସମ୍ବଳ ଅଭାବର ବାହାନା ନ କରି ସେମାନେ ଅଭିନବ ଚିନ୍ତାଧାରା ଆପଣାଇବା ଆବଶ୍ୟକ। ଦାରିଦ୍ର୍ୟ ଦୂରିକରଣ ପାଇଁ ପ୍ରଶାସନିକ ଅଧିକାରୀମାନେ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଜରୁରୀ। ଜାତୀୟ ଦୃଷ୍ଟିକୋଣରୁ ସମସ୍ତେ କିଛି ବଡ ଚିନ୍ତା କରି ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସଚିବମାନଙ୍କ ସହ ଏହା ମୋଦିଙ୍କ ୯ମ ବୈଠକ।

# ବସନ୍ତ ନବରାତ୍ରୀ

ରାମାୟଣ ପୂର୍ବର କଥା । କୋଶଳ ଦେଶର ରାଜା ଥିଲେ ଧ୍ରୁବସିନ୍ଧୁ । ଥରେ ଶିକାରକୁ ଯାଇଥିବା ବେଳେ ସିଂହ ଆକ୍ରମଣରେ ତାଙ୍କର ପ୍ରାଣ ଗଲା । ତାଙ୍କ ପରେ ରାଜକୁମାର ସୁଦର୍ଶନଙ୍କୁ ରାଜମୁକୁଟ ପିନ୍ଧାଯିବାକୁ ପ୍ରୟାସ ଆରମ୍ଭ ହେଲା । ମାତ୍ର ଉଜ୍ଜୟିନୀର ରାଜା ଯୁଦ୍ଧଜିତ୍ ନିଜ ନାତି ଶତ୍ରୁଜିତ୍‌କୁ କୋଶଳର ରାଜା କରିବାକୁ ଚାହୁଁଥିଲେ । ଏଣୁ ସେ କୋଶଳ ପ୍ରଦେଶ ଉପରେ ଆକ୍ରମଣ କରିଦେଲେ । ଫଳରେ ରାଜକୁମାର ସୁଦର୍ଶନ, ମା'ମନୋରମା ଓ ଜଣେ କିନ୍ନର ସହ ରାଜଭବନରୁ ପଳାୟନ କରି ମହର୍ଷି ଭରଦ୍ୱାଜଙ୍କ ନିକଟରେ ଶରଣାପନ୍ନ ହେଲେ । ଶତ୍ରୁଜିତ୍ କୋଶଳର ରାଜଧାନୀ ଅଯୋଧ୍ୟାରେ ରାଜା ହେଲା । ସେ ମହର୍ଷି ଭରଦ୍ୱାଜଙ୍କ ଆଶ୍ରମରେ ଶରଣ ନେଇଥିବା ମନୋରମା ଓ ସୁଦର୍ଶନଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା । ମାତ୍ର ତପସ୍ୱୀ ଭରଦ୍ୱାଜ ତାହା କରାଇ ଦେଲେ ନାହିଁ । ଦିନେ ଭରଦ୍ୱାଜଙ୍କ ପୁତ୍ର ଆଶ୍ରମରେ ଥିବା କିନ୍ନରକୁ ସଂସ୍କୃତରେ କ୍ଲୀବ ବୋଲି ଡାକିଲା । ସେହିଦିନ ଠାରୁ ସୁଦର୍ଶନ ମଧ୍ୟ କିନ୍ନରକୁ କ୍ଲୀବ ନାମରେ ଡାକିବାକୁ ଚିନ୍ତା କଲେ । ମାତ୍ର ସେ ସମ୍ପୂର୍ଣ୍ଣ ଭାବେ କ୍ଲୀବ ଉଚ୍ଚାରଣ କରିନପାରି କ୍ଲୀମ୍ ବୋଲି ଡାକିଲେ । କ୍ଲୀମ୍ ଥିଲା ମାତା ଆଦିଶକ୍ତିଙ୍କ ବୀଜ ଅକ୍ଷର ମନ୍ତ୍ର । ବାରମ୍ବାର ଏହି ନାମ ଉଚ୍ଚାରଣ କରିବାରୁ ଦିନେ ମାତା ଆଦିଶକ୍ତି ପ୍ରକଟ ହୋଇ ସୁଦର୍ଶନଙ୍କୁ ଦିବ୍ୟାସ୍ତ୍ର ପ୍ରଦନା କଲେ । ଥରେ ବନାରସର ରାଜା ଋଷି ଭରଦ୍ୱାଜଙ୍କ ଆଶ୍ରମ ଦେଇ ଯାଉଥିଲେ । ସେ ସୁଦର୍ଶନଙ୍କୁ ଦେଖିଲେ । ଋଷିଙ୍କ ଠାରୁ ତାଙ୍କ ବିଷୟରେ ଜାଣିବା ପରେ ବନାରସର ରାଜା ନଅ ଝିଅ ଶଶିକଳା ସହ ସୁଦର୍ଶନଙ୍କ ବିବାହ କରାଇଲେ । ମାତା ଦୁର୍ଗାଙ୍କ କୃପାରୁ ସୁଦର୍ଶନ ଯୁଦ୍ଧରେ ଶତ୍ରୁଜିତ୍‌ଙ୍କୁ ପରାଜିତ କରି କୋଶଳ ଦେଶର ରାଜା ହେଲେ । ମାତାଙ୍କ କୃପାରୁ ପୁଣି ଥରେ ରାଜ୍ୟ ଫେରି ପାଇଥିବାରୁ ସୁଦର୍ଶନ ଚୈତ୍ର ମାସ ଶୁକ୍ଳପକ୍ଷରେ ବସନ୍ତ ନବରାତ୍ରୀର ପରମ୍ପରା ଚାଲି ଆସିଛି । ପରବର୍ତ୍ତୀ ସମୟରେ ସୁଦର୍ଶନଙ୍କ ବଂଶଧର ଭଗବାନ ଶ୍ରୀରାମ ଶାରଦୀୟ ନବରାତ୍ରୀରେ ମାତାଙ୍କୁ ପୂଜା କରି ରାକ୍ଷସରାଜ ରାବଣର ସଂହାର କରିବାକୁ ସଫଳ ହୋଇଥିଲେ ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଅଂଶୁଘାତରୁ ମୁକ୍ତି ପାଇବାର ପ୍ରାକୃତିକ ଉପାୟ

ସୂର୍ଯ୍ୟଙ୍କ ପ୍ରଖର ତାପ ଦିନକୁ ଦିନ ବଢ଼ି ଚାଲିଛି। ସମସ୍ତଙ୍କର ଗୋଟିଏ ଚିନ୍ତା - ଏ ପ୍ରଚଣ୍ଡ ରୁଦ୍ରତାପରୁ ମୁକ୍ତି ମିଳିବ କିପରି ? ଗରମ ଦିନରେ ସାଧାରଣତଃ କମ ଭୋକ, ଅଧିକ ଶୋଷ ଏବଂ ଅତ୍ୟଧିକ ଝାଳ ବୋହିଥାଏ। ପାଖାପାଖି ଶରୀରରୁ ୨ରୁ ୨.୫ ଲିଟର ଅର୍ଥାତ ୧୦ଗ୍ଲାସ ଜଳୀୟ ଅଂଶ ଶରୀରରୁ ନିର୍ଗତ ହୁଏ। ତେଣୁ ଅତି କମରେ ଏହି ୧୦ ଗ୍ଲାସ ଜଳ ପ୍ରତ୍ୟହ ପିଇବା ଏକାନ୍ତ ଜରୁରୀ। ଏହିଭଳି ଶରୀରର ଉପଯୁକ୍ତ ଯତ୍ନର ଅଭାବ ହେଲେ ବଦହଜମୀ, ଅଜୀର୍ଣ୍ଣଝାଡ଼ା, ନାଳଝାଡ଼ା, କୋଷ୍ଠବଦ୍ଧତା ଏପରିକି ଝାଇଁମରା ପରି ତୀବ୍ର ସମସ୍ୟା ଦେଖାଦେଇ ଥାଏ। ଅବଶ୍ୟ ଏହା ବୟସର ଭିନ୍ନତା, ଶରୀରର ଶକ୍ତି, ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନ ପ୍ରଣାଳୀର ତାରତମ୍ୟ ହେତୁ ହୋଇଥାଏ। ତେଣୁ ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୁଦ୍ରତାପ ଅର୍ଥାତ୍ ଅଂଶୁଘାତରୁ ରକ୍ଷା ପାଇବାକୁ ହେଲେ କେତେକ ଜରୁରୀ ବିଷୟ ପ୍ରତି ଧ୍ୟାନ ଦେବାକୁ ହୁଏ, ଫଳରେ ଶରୀର ସବୁବେଳେ ଥଣ୍ଡା ରହିଥାଏ।

ପ୍ରଥମତଃ ଖରାଦିନରେ ଅନ୍ତତଃ ୧୫ ଗ୍ଲାସ ପାଣି ପିଇବା ଜରୁରୀ। ଏକାଥରକେ ଅଧିକ ପାଣି ପିଇବା ଅନୁଚିତ। ଅଳ୍ପ ଅଳ୍ପ ପାଣି ଅଧିକ ଥର ପିଇଲେ ଭଲ। କେବଳ ସକାଳେ ଉଠି ୨/୩ ଗ୍ଲାସ ଉଷାପାନ କରିବା ବିଧେୟ। ଚା ପିଇବା ଭଳି ପାଣି ପିଆଯାଏ। ସବୁଠୁ ନିରାପଦ ହେଉଛି ଯୁଆଡ଼େ ଗଲେ ମଧ୍ୟ ପାଣି ବୋତଲ ଟିଏ ସାଥିରେ ରହିବା ଉଚିତ।

ଦ୍ୱିତୀୟରେ ସାଧାରଣତଃ ଦେଖାଯାଏ, ଗରମ ସମୟରେ ବିଭିନ୍ନ ପ୍ରକାର ଆଧୁନିକ ଥଣ୍ଡା ପାନୀୟ ଦିଆଯାଏ, ଯାହାକି ଅତି ବିପଦ ଜନକ। ଯଥା - ଆଇସକ୍ରିମ, ଆଧୁନିକ ଆକର୍ଷିତ ବିଭିନ୍ନ ଥଣ୍ଡା ପାନୀୟ, ପ୍ରାୟ ସମସ୍ତଙ୍କ ଫ୍ରିଜରେ ଭରପୁର ଥାଏ। ଏସବୁ ଆଧୁନିକ ଯୁଗର ନୂଆ ସଭ୍ୟତା ଏବଂ ନୂଆ ଫୂର୍ତ୍ତି। ଆପଣ ଜାଣନ୍ତି ଏ ଆଇସକ୍ରିରେ କ'ଣ ଅଛି ? ସିନ୍ଥେଟିକକେମିକାଲ, ଡାଇଏଥିଲ ଗ୍ଲାଇକଲ (ଯେଉଁଥିରେ ରଙ୍ଗ ସଫା ହୁଏ), ଆଲଡି ହାଇଡେ, ସି-୧୭ (ଯଥା ଲୁଗା ରଙ୍ଗ, ପ୍ଲାଷ୍ଟିକ ଏବଂ ରବରେ ମିଶାଯାଏ), ପାଇପୋରନଲ ଇଥାଇଲ ଏସିଟାଟେ (ଯାହା ଚମଡ଼ା ଓ କପଡ଼ା କାରଖାନାକୁ ସଫା କରିବାରେ ବ୍ୟବହୃତ ହୁଏ) ବେଞ୍ଜିଲ ଏବଂ ବହୁ ପ୍ରକାର ଅପ୍ରାକୃତିକ ସୁଗନ୍ଧ ଦିଆଯାଏ। ଏହା ବ୍ୟତୀତ ବିଭିନ୍ନ ଥଣ୍ଡା ମୃଦୁପାନୀୟରେ ଚିନି ଶର୍କରା, ବିଭିନ୍ନ ଫଳରସର ସୁଗନ୍ଧିତ ରସ, ଗ୍ଲୁକୋଜ ପାଣି, ଅପ୍ରାକୃତିକ ରଙ୍ଗ, କାଫିନ, ଅମ୍ଳଜାତୀୟ ପଦାର୍ଥ, ରାସାୟନିକ ପଦାର୍ଥ, ଫେଣ ସୃଷ୍ଟି କାରୀ ପଦାର୍ଥ, କାର୍ବୋନିକ ଏସିଡ଼, ଫସଫୋରିକ ଏସିଡ଼ ଇତ୍ୟାଦି ବହୁ କ୍ଷତିକାରକ ପଦାର୍ଥ ଥାଏ ଯାହାକି ପାଟିକୁ ସୁଆଦ ଲାଗେ ସତ କିନ୍ତୁ ପେଟକୁ ବିଷାକ୍ତ କରେ। ଏଗୁଡ଼ିକ ଶରୀରର ଅଧିକ ତାପ ସୃଷ୍ଟିକାରୀ ରାସାୟନିକ ପଦାର୍ଥ ଯାହା ଶରୀର ମଧ୍ୟରୁ ରକ୍ତ ଶୋଷି ନିଏ ଏବଂ ବିଭିନ୍ନ ଅଂଶରେ ଅତି ମାରାତ୍ମକ ଭାବେ କୁପ୍ରଭାବ ପକାଇଥାଏ। ଅଧିକାଂଶ ବ୍ୟକ୍ତି ହୁଏତ ଏହାର ଭୟାବହତା ଜାଣି ନଥାନ୍ତି କିମ୍ବା ଜାଣି ମଧ୍ୟ ଏକଥାକୁ ହେ ଜ୍ଞାନ ମନେକରନ୍ତି। ପ୍ରତ୍ୟେକ ବ୍ୟକ୍ତି ତାତ୍ତ୍ୱିକ ଦୃଷ୍ଟିରୁ ଏହାର ପ୍ରସ୍ତୁତ ଜ୍ଞାନ କୌଶଳ ଜାଣିବା ବାଞ୍ଛନୀୟ। ଏ ଭଳି ପାନୀୟ ବ୍ୟବହାର ଠାରୁ ଦୂରେଇ ରହିଲେ ହୁଏତ ଶରୀର ଥଣ୍ଡା ରହିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ।

ତୃତୀୟତଃ ପ୍ରାକୃତିକ ଉପାୟରେ ଗ୍ରୀଷ୍ମଋତୁରେ ଥଣ୍ଡା ରହିବାର ବହୁତ ଉପାୟ ରହିଛି। ପ୍ରଥମେ ଖାଦ୍ୟକୁ ନିୟନ୍ତ୍ରଣ କରିବା ଉଚିତ। ଅତିରିକ୍ତ ମସଲାଯୁକ୍ତ ଖାଦ୍ୟ ଭଜା ବା ଛଣା ଖାଦ୍ୟ, ଅଧିକ ତେଲଯୁକ୍ତ ଖାଦ୍ୟ ହଜମ ନହୋଇ ଅଧିକ

ବିଜୟ କୁମାର ପୁଷ୍ଟି
ସଂପାଦକ, ନିରାମୟାଃ, ସିଡ଼ିଏ, ସେକ୍ଟର-୯, କଟକ,
ଦୂରଭାଷ : ୯୮୬୧୪୬୪୯୩୨

ଅମ୍ଳ ସୃଷ୍ଟି ହୁଏ ଫଳରେ ଶରୀରରେ ତାପ ବୃଦ୍ଧି ହୁଏ। ବରଂ ଯେଉଁ ଖାଦ୍ୟ ହଜମ କରାଏ ଏବଂ ଥଣ୍ଡା ରଖେ ଯଥା - ସାଲାଡ଼, ବିଭିନ୍ନ ଋତୁ ଫଳ, ସନ୍ତୁଳା, ଅକାଣ୍ଡିଆ ଚାଉଳର ଭାତ, ଚୋକଡ଼ଯୁକ୍ତ ଅଟାର ରୋଟି, ଗଜାମୁଗ, ଗଜାବୁଟ ଏବଂ ପାନୀୟ ମଧ୍ୟରେ ପରିବା ସିଝା ଝୋଳ, ସବୁଜ ଗହମ ଘାସ ରସ, ଦହିବରା, ସବୁଠାରୁ ଉପକାରୀ। ପରିବା ମଧ୍ୟରେ ଗାଜର, ବିଟ, ମୂଳା, ବିଲାତି ଏବଂ ସବୁଜ ଶାଗ ମଧ୍ୟରେ ପାଳଙ୍ଗ, ମେଥି, କୋଷଲା, ଥାଲକୁଡ଼ି, ଯେଉଁଥିରେ ଜଳୀୟ ଅଂଶ ଅଧିକ ଥାଏ ଏବଂ ପ୍ରାକୃତିକ ଖାଦ୍ୟସାର ଓ ଖଣିଜ ପଦାର୍ଥ ମିଳିବା ସହ ଅଧିକ ବନସ୍ପତୀୟ ରାସାୟନିକ ପଦାର୍ଥ ଏବଂ ପ୍ରାକୃତିକ ରଙ୍ଗ, ରସ ମଧ୍ୟ ଭରପୁର ଥାଏ, ସେହିଭଳି ଫଳ ମାନଙ୍କ ମଧ୍ୟରେ ଫୁଟି କାକୁଡି, ତରଭୁଜ, ଖାରଭୁଜ, ବେଲ, ସପୁରୀ, କମଳା, ମିଠା ଲେମ୍ବୁ ବହୁ ପରିମାଣରେ ଖାଇଲେ ଶରୀର ଥଣ୍ଡା ରହିଥାଏ। ଏ ସମୟରେ ଜ୍ୱର କିମ୍ବା ଅଜୀର୍ଣ୍ଣଝାଡ଼ା ହେଲେ କେବଳ ପାଣିରେ ଲେମ୍ବୁରସ, ପଇଡ଼ ପାଣି କିମ୍ବା ଦହି ଚଲା ଦିନେ ଦୁଇଦିନ ପିଇ ରହିଲେ ଜ୍ୱର କମିବା ସହ ଶରୀର ମଧ୍ୟ ଥଣ୍ଡା ରହେ।

ଆଧୁନିକ ସଭ୍ୟତାରେ ଅପ୍ରାକୃତିକ ଥଣ୍ଡା ପାନୀୟ ଏବଂ ମୃଦୁପାନୀୟ ଅପେକ୍ଷା ସବୁଠୁ ଉତ୍କୃଷ୍ଟ ହେଉଛି ପଇଡ଼ ପାଣି, ତରଭୁଜ ରସ, କମଳା ରସ, ଗାଜର ରସ, ଆଖୁରସ କିମ୍ବା ଲେମ୍ବୁରସ ସହ ମହୁ ଇତ୍ୟାଦି ଯାହାକି ସ୍ୱାସ୍ଥ୍ୟପକ୍ଷେ ହିତକର। ଗରମ ପାନୀୟ ଚା, କଫି ପରିବର୍ତ୍ତେ ବନସ୍ପତୀୟ ଚା କିମ୍ବା ଲେମ୍ବୁ ଚା, ଆଇସକ୍ରିମ ବଦଳରେ କଷ୍ଟାର୍ଡ ଫ୍ରୁଟ, ଫଳ ସାଲାଡ଼ ଏବଂ ବସା ଦହି। ଏସବୁ ଖାଦ୍ୟ ଦ୍ୱାରା ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଥଣ୍ଡା ମଧ୍ୟ ରହିଥାଏ। ଏହା ବ୍ୟତୀତ ଅଂଶୁଘାତରୁ ମୁକ୍ତି ପାଇବା ପାଇଁ କେତେକ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ିଥାଏ। ଯଥା ପ୍ରତ୍ୟହ ୨/୩ ଥର ଥଣ୍ଡା ଜଳରେ ସ୍ନାନ କରିବା ବିଧେୟ। ସପ୍ତାହରେ ଥରେ ନିମ୍ବ ପାଣିରେ ସ୍ନାନ କଲେ ଶକ୍ତି ମିଳିବା ସଙ୍ଗେ ସଙ୍ଗେ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ହୋଇଥାଏ। ଖରା ସମୟରେ ବାହାରକୁ ଗଲେ ଧଳାକନାର ପ୍ୟାଣ୍ଟ ସାର୍ଟ ଓ ଟୋପି କିମ୍ବା ପଗଡ଼ି ବ୍ୟବହାର ସବୁଠାରୁ ନିରାପଦ। ଟାଣ ଖରାରେ ନବାହାରିବା ଭଲ। ଯଦି ଯାଆନ୍ତି, ମୁଣ୍ଡରେ ଓଦା ଗାମୁଛା ସହ ଟୋପି କିମ୍ବା ଛତା ସହ ପାଣି ବୋତଲ ସାଥିରେ ନେବା ଉଚିତ। ଯଥେଷ୍ଟ ପାଣି ପିଇ ବାହାରକୁ ଯିବା ଉଚିତ ଏବଂ ଆଖିରେ ସବୁଜ ରଙ୍ଗର ଚଷମା ପିନ୍ଧିଲେ ଭଲ। ଦେହ ଅବଶ ଲାଗିଲେ ଗଛ ଛାଇ କିମ୍ବା ଥଣ୍ଡା ଯାଗାରେ ବିଶ୍ରାମ ନେବା ଉଚିତ। ଏଥି ସହିତ ଶରୀରରେ ଅଧିକ ଗରମ ବୋଧ ହେଲେ ସଙ୍ଗେ ସଙ୍ଗେ 'ଶୀତଳୀ' ଓ 'ଶୀତ୍କାରୀ' ପ୍ରାଣାୟମ କଲେ ତାପମାତ୍ରା କମିଯାଏ। ପ୍ରତି ଘଣ୍ଟାରେ ଥରେ ପାଣି ପିଇ ମୁହଁ ହାତ ଥଣ୍ଡା ପାଣିରେ ଧୋଇ ଆଖିକୁ ମଧ୍ୟ ପାଣିଛିଟା ମାରିବା ଉଚିତ। ରାତିରେ ଖୋଲା ଯାଗାରେ କିମ୍ବା ଘର ଭିତରେ ଝରକା ଖୋଲି ଶୋଇବା ଅନୁଚିତ। ଘରର କବାଟ ଏବଂ ଝରକାରେ ଖସ ଖସ ବ୍ୟବହାର କରି ପାଣି ପକାଇଲେ ଥଣ୍ଡା ମିଳିବା ସଙ୍ଗେ ସଙ୍ଗେ ସୁଗନ୍ଧି ମିଳିଥାଏ। ଖରାଦିନେ ଆଖି ଥଣ୍ଡା ପାଇଁ କାକୁଡ଼ିକୁ କାଟି ଆଖି ଉପରେ ଲଗାନ୍ତୁ କିମ୍ବା ତୁଳାକୁ ଥଣ୍ଡା କରି ଆଖିରେ ଦେଲେ ମଧ୍ୟ ଉପକାର ମିଳେ। ତଳିପେଟରେ ଜଳପଟି କିମ୍ବା ପ୍ରତ୍ୟହ କଟି ସ୍ନାନ କରିବା ଉଚିତ। ମନେ ରଖନ୍ତୁ ପ୍ରକୃତିର ଋତୁଫଳ ଓ ପରିବା ଖାଆନ୍ତୁ - ଅଂଶୁଘାତରୁ ମୁକ୍ତି ପାଆନ୍ତୁ।

# ବାସନ୍ତିକ ଦୁର୍ଗାପୂଜା

ମହିଷାସୁରମର୍ଦ୍ଦିନୀ ମା'ଦୁର୍ଗା। ମା'ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କେଣ୍ଡେୟ ପୁରାଣ ଆଦିରେ ବର୍ଣ୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟ ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ରାଜା ସୁରଥ ନିଜର ରାଜ୍ୟ ହରାଇ ଜଙ୍ଗଲରେ ଘୁରି ବୁଲୁଥିଲେ। ଏହାପରେ ମେଧା ଋଷି ତାଙ୍କୁ କହିଥିଲେ - ତୁମେ ମା'ଦୁର୍ଗାଙ୍କୁ ପୂଜା କରି ସନ୍ତୁଷ୍ଟ କରାଅ। ଦେଖିବ ତୁମ ରାଜ୍ୟ ତୁମେ ନିଶ୍ଚୟ ଫେରିପାଇବ। ରାଜା ସୁରଥ ଏହା ଶୁଣି ବେଶ୍ ନିଷ୍ଠା ସହାୟକରେ ପୂଜା କରିଥିଲେ ମା'ଙ୍କୁ। ମେଧା ଋଷିଙ୍କ ମାର୍ଗଦର୍ଶନରେ ରାଜା ସୁରଥ ପୂଜା ମାଧ୍ୟମରେ ମା'ଙ୍କୁ ସନ୍ତୁଷ୍ଟ କରାଇପାରିଥିଲେ। ଫଳରେ ମା'ଙ୍କ ଆଶୀର୍ବାଦରୁ ରାଜା ସୁରଥ ନିଜର ରାଜ୍ୟ ଫେରିପାଇଥିଲେ। ସେଦିନ ଥିଲା ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ। ସେବେଠାରୁ ମା'ଙ୍କୁ ଏହି ଋତୁରେ ବାସନ୍ତୀ ଦୁର୍ଗା ଭାବେ ପୂଜା କରାଯାଏ। ଅପରପକ୍ଷରେ ସମସ୍ତ ଦେବତା ମହିଷାସୁରର ଅତ୍ୟାଚାରରେ ଭୟଭୀତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ। ଏହାପରେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତା ତେଜ ସମ୍ମିଳିତ କଲେ ଓ କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞ କୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ। ଏହାପରେ ଦେବୀ ଦୁର୍ଗା ପ୍ରକଟିତ ହେଲେ। ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ। ଶେଷରେ ମା'ଦୁର୍ଗା ସିଂହବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ। ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ତ୍ରିଶୂଳ ଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ। ଖଡ଼ଗ ଦ୍ୱାରା ଶିରଛେଦ କଲେ। ସେହି ସମୟ ଥିଲା ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ। ତେଣୁ ଏହି ସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ। ଏହି ତିଥି ବସନ୍ତ ଋତୁରେ ପଡୁଥିବାରୁ ଏହାକୁ ବାସନ୍ତିକ ଦୁର୍ଗାପୂଜା ବୋଲି କୁହାଯାଏ। ଏଣୁ ବସନ୍ତ ଋତୁରେ ହିଁ ମା'ଦୁର୍ଗା ଆର୍ବିଭୂତା ହୋଇଥିଲେ। ଅନ୍ୟ ଏକ ଦୃଷ୍ଟାନ୍ତରୁ ଜଣାପଡ଼େ ଯେଉଁ ମା'ର ଶସ୍ୟ ଆହାର କରି ମାନବ ସମାଜ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ତ୍ୟାଗ ଉପରେ ଉତ୍‌ଫୁଲ୍ଲ ହୋଇ ଜନମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ।

ପରେ ଶ୍ରୀରାମ ମାତା ସୀତାଙ୍କୁ ଫେରି ପାଇବା ପାଇଁ ରାବଣ ସହିତ ଯୁଦ୍ଧ କରିବା ପାଇଁ ସ୍ଥିର କଲେ। ରାବଣ ପରି ମହାପରାକ୍ରମୀ ଅସୁରଙ୍କୁ ହରାଇବାକୁ ହେଲେ ମା'ଦୁର୍ଗାଙ୍କର ଆଶୀର୍ବାଦ ଏକାନ୍ତ ଆବଶ୍ୟକ। ଏଥିପାଇଁ ଶ୍ରୀରାମ ଶରତ ଋତୁ ତଥା ଆଶ୍ୱିନ ମାସ ଶୁକ୍ଳ ପକ୍ଷରେ ମା'ଦୁର୍ଗାଙ୍କୁ ପୂଜା କରିଥିଲେ। ମା'ମଧ୍ୟ ସନ୍ତୁଷ୍ଟ ଶ୍ରୀରାମଙ୍କୁ ବିଜୟ ବର ପ୍ରଦାନ କରିଥିଲେ। ଏହାପରେ ରାମ ରାବଣକୁ ବଧ କରି ମା'ସୀତାଙ୍କୁ ଫେରାଇ ଆଣିଥିଲେ। ଏଥିପାଇଁ ଶରତ ଋତୁରେ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ। ମା'ଦୁର୍ଗାଙ୍କୁ ନଅ ଦିନ ବ୍ୟାପୀ ପୂଜା ପରେ ଦଶମୀ ଦିନ ବିଜୟଦଶମୀ ପାଳନ କରାଯାଏ। ଏହା ଦେବତା ମାନଙ୍କ ଦ୍ୱାରା ମା'ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ। ଆମ ଭାରତୀୟ ସଂସ୍କୃତିରେ ମଧ୍ୟ ମା'ଦୁର୍ଗାଙ୍କୁ ବର୍ଷର ଆଶ୍ୱିନ ଓ ଚୈତ୍ର ମାସରେ ନଅ ଦିନ ବ୍ୟାପୀ ପୂଜା କରାଯାଏ। ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ ହୋଇଥିବାବେଳେ ବାସନ୍ତିକ ଦୁର୍ଗାପୂଜା ବଙ୍ଗୀୟମାନେ କରିଥାନ୍ତି। ଦୁର୍ଗା ପୂଜାରେ ମା'ଙ୍କର ନଅ ଶକ୍ତି ତଥା ନଅଟି ରୂପକୁ ପୂଜା କରାଯାଏ। ଏହାକୁ ନବରାତ୍ର ପୂଜା ବୋଲି କୁହାଯାଏ।

ନବଦୁର୍ଗାଙ୍କ ଉପାସନା :

ଶୈଳପୁତ୍ରୀ : ମାତା ଦୁର୍ଗାଙ୍କର ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ। ସେ ପର୍ବତରାଜ ହିମାଳୟଙ୍କ କନ୍ୟାରୂପେ ଜନ୍ମିଥିଲେ ବୋଲି ତାଙ୍କର ନାମ ଶୈଳପୁତ୍ରୀ। ସେ ବୃଷବବାହିନୀ, ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭା ପାଏ।

ବ୍ରହ୍ମଚାରିଣୀ : ଦ୍ୱିତୀୟ ସ୍ୱରୂପର ନାମ ବ୍ରହ୍ମଚାରିଣୀ। ବ୍ରହ୍ମଚାରିଣୀ ଅର୍ଥ ତପଃ ଚାରିଣୀ। ମାଙ୍କର ସ୍ୱରୂପ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ। ତାଙ୍କର ଡାହାଣ ହାତରେ ଜପମାଳା ଓ ବାମ ହାତରେ କମଣ୍ଡଳୁ ଶୋଭାପାଉଛି।



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ, ଦୂରଭାଷ :
୯୪୩୭୧୦୩୧୨୫୩

ଚନ୍ଦ୍ରଘଣ୍ଟା : ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା। ଏହି ସ୍ୱରୂପ ଶାନ୍ତିଦାୟକ ଓ କଲ୍ୟାଣକାରୀ। ତାଙ୍କର ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ବିରାଜିତ। ସେ ସିଂହବାହିନୀ, ଦଶଭୁଜରେ ଖଡ଼୍‌ଗ ଆଦି ଶସ୍ତ୍ର ଓ ବାଣ ଆଦି ଅସ୍ତ୍ର ବିଭୂଷିତ।

କୁଷ୍ମାଣ୍ଡ : ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପର ନାମ କୁଷ୍ମାଣ୍ଡ। ମନ୍ଦହାସ ଦ୍ୱାରା ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା ହେତୁ ମାତାଙ୍କୁ କୁଷ୍ମାଣ୍ଡ କୁହାଯାଏ।

ସ୍କନ୍ଦମାତା : ପଞ୍ଚମ ଶକ୍ତିର ନାମ ସ୍କନ୍ଦମାତା। କୁମାର କାର୍ତ୍ତିକେୟଙ୍କର ଅନ୍ୟନାମ ସ୍କନ୍ଦ। ସେ ଭଗବାନ ସ୍କନ୍ଦଙ୍କର ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ।

କାତ୍ୟାୟନୀ : ଷଷ୍ଠ ସ୍ୱରୂପର ନାମ କାତ୍ୟାୟନୀ। ମହର୍ଷି କାତ୍ୟାୟନ ଭଗବତୀ ପରାମ୍ବାଙ୍କ ଉପାସନା କରି ବହୁବର୍ଷ ଘୋର ତପସ୍ୟା କରିଥିଲେ। ତାଙ୍କର ଇଚ୍ଛା ଥିଲା ଯେ ତାଙ୍କ ଘରେ ଭଗବତୀ ଝିଅ ହୋଇ ଜନ୍ମ ନିଅନ୍ତୁ। ମାତା ଭକ୍ତଙ୍କର ସେହି ପ୍ରାର୍ଥନା ସ୍ୱୀକାର କରିଥିଲେ।

କାଳରାତ୍ରୀ : ସପ୍ତମ ଶକ୍ତି କାଳରାତ୍ରୀ। ଏହାଙ୍କ ଶରୀରର ଗାଢ଼କଳା। ମସ୍ତକର କେଶ ମୁକୁଳା। ମାତାଙ୍କର ତିନଟି ନେତ୍ର ବ୍ରହ୍ମାଣ୍ଡ ସଦୃଶ ଗୋଲାକାର। ତାଙ୍କର ବାହନ ଗର୍ଦ୍ଦଭ ବା ଗଧ। ସେ ଚତୁର୍ଭୂଜା। ଡାହାଣ ଉପର ହାତ ଟେକି ସେ ବରମୁଦ୍ରାରେ ସମସ୍ତଙ୍କୁ ବରଦାନ କରନ୍ତି ଓ ତଳହାତ ଅଭୟ ମୁଦ୍ରା ଦେଖାଏ। ବାଆଁପଟ ଉପର ହାତରେ ଲୁହାର କଣ୍ଟା ଓ ତଳ ହାତରେ ଖଡ଼୍‌ଗ ଶୋଭାପାଏ।

ମହାଗୌରୀ : ମାତାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ। ମାଆଙ୍କର ଗୌର ବର୍ଣ୍ଣ। ତାଙ୍କର ସମସ୍ତ ବସ୍ତ୍ର ଆଭୂଷଣ ଶ୍ୱେତ। ମା'ଚତୁର୍ଭୁଜା ଓ ବୃଷବାହିନୀ। ତାଙ୍କର ଡାହାଣ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ତ୍ରିଶୂଳ ଏବଂ ବାଆଁ ପଟ ଉପର ହାତରେ ଡମ୍ବରୁ ଓ ତଳ ହାତ ବରମୁଦ୍ରାରେ ଶୋଭିତ।

ସିଦ୍ଧିଦାତ୍ରୀ : ନବମ ସ୍ୱରୂପର ନାମ ସିଦ୍ଧିଦାତ୍ରୀ। ସେ ସକଳ ପ୍ରକାର ସିଦ୍ଧି କରନ୍ତି। ସେ ଚତୁର୍ଭୁଜା, ସିଂହବାହିନୀ ଓ ପଦ୍ମାସନା। ସେ ଡାହାଣ ପଟ ହାତରେ ଗଦା ଓ ତଳ ହାତରେ ଚକ୍ର ଏବଂ ବାଆଁ ପଟର ଉପର ହାତରେ ପଦ୍ମ ଓ ତଳ ହାତରେ ଶଙ୍ଖ ଧରିଥାଆନ୍ତି।

ମା'ଙ୍କ ପୂଜା ବିଧି : ସାଧାରଣତଃ ଆମ ରାଜ୍ୟରେ ବିଭିନ୍ନ ସ୍ଥାନରେ ବାସନ୍ତିକ ଦୁର୍ଗାଙ୍କୁ ପୂଜା କରାଯାଏ। ଉଭୟ ଶକ୍ତି ପୀଠ ଓ ମୃଣ୍ମୟୀ ଦେବୀଙ୍କ ପୀଠରେ ପୂଜା ବିଧି ସମାନ ରହିଥାଏ। ଶକ୍ତିପୀଠରେ ମା'ଙ୍କ ସହ ବିଭିନ୍ନ ଦେବାଦେବୀ ପୂଜା ପାଉଥିବାବେଳେ ମୃଣ୍ମୟୀ ଦେବୀଙ୍କ ନିକଟରେ ମା'ଙ୍କ ସହ ସିଂହ, ମହିଷାସୁର, ମହିଷି, ଅଗ୍ରପୂଜ୍ୟ ଗଣପତି, ବିଦ୍ୟାଦାତ୍ରୀ, ସରସ୍ୱତୀ, ଧନଦାତ୍ରୀ ଲକ୍ଷ୍ମୀ, ତ୍ରିଭୁବନ ବିଜୟୀ କୁମାର କାର୍ତ୍ତିକେୟ ତଥା ଦେବଦେବ ମହାଦେବଙ୍କୁ ପୂଜା କରାଯାଏ। ଏହାସହ ଉପସ୍ଥିତ ଦେବଦେବୀଙ୍କ ବାହନ ଯଥା ମୂଷିକ, ହଂସ, ପେଚା ଓ ମୟୂରଙ୍କୁ ମଧ୍ୟ ପୂଜା କରାଯାଏ। ମା'ଙ୍କ ପୂଜାବିଧିରେ ଷଷ୍ଠୀଦିନ ବେଲ ଗଛ ମୂଳରେ ମା'ଦୁର୍ଗାଙ୍କୁ ଆବାହନ କରି ବିଲ୍ୱବରଣ କରାଯାଏ। ମହାସପ୍ତମୀରେ ଦୁର୍ଗା, ନବ ପତ୍ରିକା (ନଅଟି ପତ୍ର), ଘଟଉତ୍ତୋଳ, ନବପତ୍ରିକା ସ୍ନାନ, ସପ୍ତମୀ ଚଣ୍ଡୀପାଠ କରାଯାଏ। ଅଷ୍ଟମୀ ଗତେ ରାମନବମୀ ମଧ୍ୟେ ସନ୍ଧି ପୂଜା ଅନୁଷ୍ଠିତ ହୁଏ। ଏଥିରେ ଦୁର୍ଗାଙ୍କୁ କାଳୀ ସ୍ୱରୂପା ପୂଜା ଓ ହୋମ କରାଯାଇ ବଳୀ ପ୍ରଦାନ କରାଯାଏ। କେତେକ ସ୍ଥାନରେ ପାଣି କଖାରୁ ବଳି ଦିଆଯାଉଥିବାବେଳେ ଆଉ କେତେକ ସ୍ଥାନରେ ଜୀବ ମାନଙ୍କୁ ବଳି ଦିଆଯାଏ। ମହାନବମୀ ଦିନ ନବମୀ ଆଦି କଳ୍ପ, ପୂଜା, ଚଣ୍ଡୀପାଠ, ହୋମ ଓ ନଅ ଜଣ କୁମାରୀଙ୍କୁ ପୂଜା କରାଯାଏ। ଏହିଦିନ ହିଁ ପୂର୍ଣ୍ଣାହୂତି ଦିଆଯାଇଥାଏ। ଦଶହରା ଦିନ ଦୁର୍ଗାଙ୍କୁ ସ୍ନାନ ଉପଚାର କରାଯାଇ ଅପରାଜିତା ସ୍ୱରୂପା ପୂଜା କରାଯାଏ। ଏହାପରେ ବିସର୍ଜନ କରାଯାଇଥାଏ।

# ପୁରାଣ ବିଦିତ ଅବତାର ବାଦ ଓ ପ୍ରଭୁ ଶ୍ରୀରାମ

ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ । ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ ।

ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି । ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି । ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମିକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି । ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦଗ୍ଧ ପାଠକ ଓ ଉଦଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି । କାରଣ ଊର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙ୍ମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୂଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ । ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ । ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇ ପାରିବ ।

ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି । (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ । ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ । ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ତ୍ୱର ଚେତନା ହିଁ ଅବତାରକୁ ବୁଝାଏ । ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ । ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି । ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଲାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ । ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ ।

ରାମାୟଣ ଯୁଗରେ (ତ୍ରେତା), କୁଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃକ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ । ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି । ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି ।

ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ ! ହା ଜାନକୀ ହା ଲକ୍ଷ୍ମଣ ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ । ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା । ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷପଥରେ ଘୁରି ବୁଲିଲେ । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା । ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ । ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ଟ୍ୟ ପ୍ରତିପାଦନ କଲେ । ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି । ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି । ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି । ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ ।

ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶ ବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ । ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି । ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି । ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ୍ୟ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଛନ୍ତି । ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି । ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି । ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ । ଜୟ ଶ୍ରୀରାମ ।

# ପାରାଦୀପରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ




**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ଭାରତୀୟ ଜନତା ପାର୍ଟି (ବିଜେପି) ର ୪୨ ତମ ପ୍ରତିଷ୍ଠା ଦିବସ ପାରାଦୀପର ପାନ୍ଥନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜେପି ରାଜ୍ୟ ଏସସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ ଓ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ସଂପଦ ସ୍ୱାଇଁ ଯୋଗଦେଇ ଦଳିୟ ପତାକା ଉତ୍ତୋଳନ କରି ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଜେପିର ପ୍ରତିଷ୍ଠାତା ସଭ୍ୟ ପିୟୁଷଦେବ କାନ୍ତି ବର୍ମନ୍, କୈଳାସ ଚନ୍ଦ୍ର ସ୍ୱାଇଁ (ଗାନୁଭାଇ) ଓ ଶଶାଙ୍କ ଶେଖର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲା । ଏତଦ୍ ବ୍ୟତିତ ନିକଟରେ ଅନୁଷ୍ଠିତ ପୌର ନିର୍ବାଚନରେ ବିଜୟୀ ତିନି ଜଣ ପାରିଷଦ, ପୌରାଧକ୍ଷ ପ୍ରାର୍ଥୀଙ୍କ ସମେତ ସମସ୍ତ ପାରିଷଦ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆଗାମୀ ଦିନରେ ପାରାଦୀପରେ ବିଜେପି ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ । ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ସର୍ବେଶ୍ୱର ବଳିୟାର ସିଂ, ପୌରାଧକ୍ଷ ପ୍ରାର୍ଥୀ ଗୌତମ ନାୟକ, ପାରିଷଦ ପ୍ରତାପ ନାୟକ ଓ ରୁନୀ ପରିଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଜେପି କାର୍ଯ୍ୟକର୍ତ୍ତା ଭବେନ୍ଦ୍ର ଦାଶ, ସର୍ବେଶ୍ୱର ଜେନା, ମନୋଜ ନାୟକ, ଅର୍ଜିଲା ଶିବା, ପ୍ରଫୁଲ୍ଲ ପରିଜା ପ୍ରମୁଖ ପରିଚାଳନା କରିଥିବା ବେଳେ ବଜରଙ୍ଗ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୁଷିଆର ରୁଷା କାଣ୍ଡ

ଭୁଲ କାହାର ? ଏ ଖୋଜ ବେଳେ ବେଳେ ସରଳରେ ହୁଏନାହିଁ। ଛୋଟ ଛୋଟ ମାମଲତକାର ଥକି ପଡ଼ନ୍ତି। ବେଳକୁ ବେଳ ଏକ ଭୁଲରୁ ଅନେକ ଭୁଲକାମ ହୋଇ ହୋଇ ଚାଲେ। ମଞ୍ଜକଥା ଆସ୍ତେ ଆସ୍ତେ, ପୁଟ ଦିଆ ହୋଇ ହୋଇ ସ୍ଥୂଳ ଆକୃତିକୁ ଆସେ ସେତେବେଳକୁ ଦ୍ୱିଦଳରେ ପୁଣି ଅନେକ ଦଳ ପକ୍ଷ ଧରନ୍ତି। ଆସ୍ତେ କେନ୍ଦ୍ରବିନ୍ଦୁର ତରଙ୍ଗାୟିତ ହୋଇ ବିଭିନ୍ନ ବଧସ୍ଥଳୀ ଆକ୍ରାନ୍ତତ ହୋଇଥାଏ ଓ ଜନକ୍ଷୟ, ଧନକ୍ଷୟ, ସୁନ୍ଦର ସୃଷ୍ଟି କ୍ଷୟ ହୋଇଯାଇଥାଏ। ପଡ଼ୋଶୀ ବଦଳା ଯାଇନପାରେ। ବନ୍ଧୁ ବଦଳାଯାଇ ପାରେ। ଦୁଇ ପାଖ ପାଖ ପରିବାର ପଡ଼ୋଶୀ ପ୍ରତିବେଶୀ ପରି ଦୁଇଟି ଗ୍ରାମ, ଦୁଇଟି ଜିଲ୍ଲା, ଦୁଇ ପ୍ରଦେଶ, ଦୁଇ ମହାଦେଶ ଏମିତି ପ୍ରତିବେଶୀ ରହିଥାନ୍ତି। ଏ ଯୁଗରେ ପ୍ରତି ଘରେ କଳି ଅଛି। ଯୌଥ ପରିବାରରେ ଅସନ୍ତୋଷ ରହୁଛି ଏ ପାଇଁ ପୃଥକାନ୍ନ ବା ଭିନ୍ନେ ହୋଇ ଅନେକ ରହୁଛନ୍ତି। ଏପରି ଦୁଇ ପାଖ ପଡ଼ୋଶୀଙ୍କର ବ୍ୟକ୍ତିଗତ ସମସ୍ୟା ରହିଲେ ବି ପଡ଼ୋଶୀର ପରିବାର ମଧ୍ୟରେ କାହାରି ନା କାହାରି ଉଭୟରେ ମିତ୍ରତା ବା ଶତ୍ରୁତା ରହିବା ଦେଖାଯାଉଛି। ପୂର୍ବେ ଲୋକେ ଅନ୍ନ ସଂସ୍ଥାନ ଓ କାମ ଭୋଗ ପାଇଁ ଝଗଡ଼ା କଳି କରୁଥିଲେ। ଲୋକେ ଅନପଢ଼ ଥିଲେ ବୋଲି ଏସବୁ ସମସ୍ୟାରେ ଠେଙ୍ଗାରେ, ଟେକା ପଥର ବା ବାହୁ ଯୁଦ୍ଧରେ ପରିସ୍ପର ଆକ୍ରମଣ ହେଉଥିଲା। ହେଲେ ବର୍ତ୍ତମାନ ଲୋକେ ସର୍ବତ୍ର ଶିକ୍ଷିତ ସେହି ମୌଳିକ ସମସ୍ୟା ମାନ ଏବେ ବିଭିନ୍ନ ରଙ୍ଗର ରଞ୍ଜିତ ବିସ୍ତାରବାଦ ସମସ୍ତଙ୍କୁ ଧରୁଛି। ପ୍ରତ୍ୟେକ ଦେଶର ପ୍ରଜାଙ୍କ ଆୟରୁ ବିଭିନ୍ନ ଉପାୟରେ ରାଜକର ଆଦାୟ ସହିତ ସ୍ଥାନୀୟ ପ୍ରକୃତିରୁ ଖଣି ଖାଦାନ, ଶସ୍ୟାଦି ଉତ୍ପାଦନ ଦ୍ରବ୍ୟରୁ ବହୁ ଅର୍ଥ ବିଭିନ୍ନ ଦେଶୀୟ ସରକାର ସରଳରେ ଅର୍ଥ ସଂଗ୍ରହ କରୁଛନ୍ତି। ଫଳରେ ଖାଦ୍ୟ ଦ୍ରବ୍ୟ ସମସ୍ୟା ପରି ଏବେ ପର ଭୂମିର ପ୍ରକୃତିଗତ ଦାନୀୟ ଅନେକଗତ ଖଣିଜ ଦ୍ରବ୍ୟ କୁଳାଳାୟିତ ହୋଇ ତାକୁ ପଣ୍ୟ ଦ୍ରବ୍ୟ କରି ଶୀଘ୍ରାତି ଶୀଘ୍ର ଲାଲେଲାଲ ହେବା ପାଇ ବିସ୍ତାରବାଦ ଚିନ୍ତା ବଢ଼ୁଛି। ବଳ ସଂଗ୍ରହ ଯାହାଫରେ ଧନ ଓ ଶାସନ କ୍ଷମତା ଅଛି ସେ ମନଇଚ୍ଛା ସୈନ୍ୟବଳ ସଂଗ୍ରହ କରିପାରୁଛନ୍ତି। ସୈନ୍ୟଙ୍କୁ ବସାଇ ବସାଇ କେହି ଦରମା ଦେଇ ଦୀର୍ଘଦିନ ପୋଷିବା ଦେଖାଯାଏନାହିଁ। ପ୍ରତ୍ୟେକ ରାଜାଙ୍କ କାନୁନ ପଛରେ ଅଛି ସୈନ୍ୟମାନେ। ସେବଳରେ ଅନ୍ୟର ବଞ୍ଚିବାର ଅଧିକାରକୁ ଛିନ୍ନ କରିବାକୁ ପଛାଉନାହାଁନ୍ତି।

ପ୍ରତି ରାଜ୍ୟର, ପ୍ରତି ଦେଶର ପ୍ରଜାମାନେ ନିଶ୍ଚେ ଅପେକ୍ଷାକୃତ ସଂଖ୍ୟାଧିକ। ପ୍ରକୃତିର ପଞ୍ଚମହାଭୂତ ସମ୍ବନ୍ଧ ଯେତେ ଦ୍ରବ୍ୟ ସେ ସବୁର ସମସ୍ତେ ସମାନ ଉପଭୋକ୍ତା। ପ୍ରକୃତି ଓ ପୃଥିବୀ ସମସ୍ତଙ୍କ ଆଧାର ସମସ୍ତଙ୍କ ମାଆପରି। ପ୍ରଜାମାନେ ନିରାପଦରେ ରହିବା ପାଇଁ ରାଜ ସରକାର ବା ଦେଶ ସରକାରଙ୍କୁ କର ଦେଉଛନ୍ତି। ଏକ ଏକ ବ୍ୟକ୍ତିଗତ ଅର୍ଥରେ ସମୂହ ଉନ୍ନତି କେବେ ହେବା ସମ୍ଭବ ନୁହେଁ ଏଥିପାଇଁ ଏକତାର ବଳ ପାଇଁ ସରକାର କର ସଂଗ୍ରହ କରି ସେ ଦେଶର ବା ରାଜ୍ୟର ପ୍ରଜା ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ରାଜଧନ ବଡ଼ ଧନ। ଦୁଇ ପାଖାପାଖି ଦେଶ ମଧ୍ୟରେ କଳି, ମତ, ଭେଦ, ଯୁଦ୍ଧରେ ପ୍ରବଳ କ୍ଷତି। ଉଭୟ ଦେଶ ପ୍ରଜାଙ୍କର ହେଉଛି। ହେଲେ ପ୍ରଜାଙ୍କର ସ୍ୱର ସେ କଳି ବେଳେ ରାଜାଙ୍କୁ ଶୁଣିବାକୁ ବା ଶାସକଙ୍କୁ ଶୁଣିବାକୁ ତର ନଥାଏ। କେମିତି ଭୂମି ବଣ୍ଟନରେ ଥିଲେ ଦୁଇ ପାଖାପାଖି ସ୍ଥାନରେ ମତ ଫରକ ହେବନାହିଁ ବା ମତ ଫରକ ହେବ ଏହାପାଇଁ ଏମିତି ପାଠ ରହିଛି। ସବୁ ବିଦ୍ୟାରେ ବୁଦ୍ଧିଜୀବୀ ଅଛନ୍ତି। ଏହି ଭୂମି ବିଦ୍ୟାରେ ଏମିତି ଜ୍ଞାନୀ ବୁଦ୍ଧିଜୀବୀ ଅଛନ୍ତି। ଏ ସମୟକୁ ବହୁ ବିଦ୍ୟାକୁ ପ୍ରବଳ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଅଣଦେଖା, ଯେଉଁ ବିଦ୍ୟାରେ ହଠାତ ଧନୀ ହୋଇ ସଂସାରରେ ପ୍ରତିଷ୍ଠା ଶୀଘ୍ର ପାଇ ହେବ, ଏପରି ବିଦ୍ୟା ପ୍ରାଧାନ୍ୟ ଦିଆଯାଉଛି ମାତ୍ର ଦୀର୍ଘ ଦୃଷ୍ଟିରଖି ପୁରୁଷ ପୁରୁଷ ଆଗକୁ ନିଷ୍କଣ୍ଟକ ବାସ କରିହେବ ଏପରି ଭାବନା କାହାରି ଏବେ ଉଦୟ ହେଉନାହିଁ। ଏପାଇଁ ବହୁନଜିର ଶାସ୍ତ୍ରରେ ଅଛି ତାକୁ ଲୋକକଥା, ଗାଉଁଲି କଥା, ମାଇଥ କହି, ଆଉଡାଇ ଦିଆଯାଉଛି। ବହୁ ଅତୀତରେ ଅନେକ ଯୁଦ୍ଧର ଉଦାହରଣ ଅଛି ଏଥିରୁ ହୁଏତ କେହି କିଛି ଶିକ୍ଷାକରୁ ନାହାଁନ୍ତି।

ଭାରତର, ଚୀନର, ପାକିସ୍ଥାନର, ଯେଉଁ ମତ ଭେଦ ସମସ୍ୟା ଅଛି ତାହା ତିନି ଦେଶର ପ୍ରକୃତରେ ବାସ୍ତୁ ସମସ୍ୟାରୁ ଘଟୁଛି। ଜଳ ଉଚ୍ଚରୁ ତଳକୁ ନିଶ୍ଚେ ଗଡ଼ିବ, ପବନ ଗରମ ହେଲେ ଉପରକୁ ଉଠିବ ଏହି ଦୁଇଟି ପାଖାପାଖ ଅଞ୍ଚ ପାଇଁ ଦୁଃଖ ସମସ୍ୟା ନିଶ୍ଚେ କରାଇବ। ବାସ୍ତୁର ଏକ ଚୌକ କାଟିଲେ ନିଶ୍ଚେ ସେ ଚାରି ବାହୁ ଆବଦ୍ଧରେ, ଚାରି ଦିଗ, ଚାରି କୋଣ ଓ ପରସ୍ପର ସମ୍ମୁଖ କୋଣ ଗୁଡ଼ିକୁ ସଂଯୁକ୍ତ କଲେ ଯେଉଁ ଗୁଣ ଚିହ୍ନିଟି ବାସ୍ତୁ ମଧ୍ୟରେ ସୃଷ୍ଟି ହୁଏ। ଏଥିରୁ ସ୍ଥାନଟିର କେଉଁ କୋଣରେ କ୍ଳେଶ ଆସିବ ତାର କାରଣ ଧରାପଡ଼େ। ପୂର୍ବ ଉତ୍ତର କୋଣରୁ ଦକ୍ଷିଣ ପଶ୍ଚିମ କୋଣ ମଧ୍ୟରେ ସର୍ବଦା ଶତ୍ରୁତା ଭାବ। ତ୍ରିଦେବ ଦେମ ମହାଦେବ ଇଶାନ ପୂର୍ବ ଉତ୍ତର ଅଧିଶ୍ୱର ଓ ଦକ୍ଷିଣ ପଶ୍ଚିମ ଯାହା ନୈଋତ ତାହା ଏକ ରାକ୍ଷସର ଅଧିପତିତ୍ୱରେ ରହିଛି। ପ୍ରକୃତରେ ବାସ୍ତୁରେ ହିଁ ଦେବାସୁର ସଂଗ୍ରାମ ସର୍ବତ୍ର ରହିଛି। ଅଗ୍ନୀକୋଣ ଦକ୍ଷିଣ ପୂର୍ବ କୋଣ ଓ ବାୟୁକୋଣ ଉତ୍ତର ପଶ୍ଚିମ କୋଣ, ଦକ୍ଷିଣା ପବନ ସର୍ବଦା ସମୁଦ୍ରପଟ ଦକ୍ଷିଣ ଅଗ୍ନୀରୁ ବହୁଥାଏ। ଆମ ଓଡ଼ିଶାରେ ବର୍ଷାର ମୂଳଉତ୍ସ ବଙ୍ଗୋପସାଗର ଯାହା ତାମିଲନାଡୁ ଆନ୍ଧ୍ରପଟରୁ ହିଁ ମୌସୁମୀ ବର୍ଷା ବତ୍ୟାର ଉତ୍ସ। ପ୍ରବଳ ଶୀତ ପବନ ପ୍ରତ୍ୟାବର୍ତ୍ତନ ମୌସୁମୀ ବାୟୁରେ ଉତ୍ତର ପଶ୍ଚିମରୁ ହିଁ ବହୁଛି। ମହାବାତ୍ୟାର ବେଗ ଅଗ୍ନୀକୋଣରୁ ଆସି ବାୟୁକୋଣରୁ ଚକ୍ରକାଟି ଭୟଙ୍କର ଭାବରେ ଓଡ଼ିଶାରେ ଆଘାତ କରୁଛି। ଅଗ୍ନୀ ଓ ବାୟୁ ଏମାନେ ପରସ୍ପର ସମ୍ମୁଖରେ ରାଶିଚକ୍ର ବିଭାଗ ବିଧାନରେ ପ୍ରତି ଅଗ୍ନୀ ରାଶିରୁ ବାୟୁ ରାଶି ୧୮୦ ଦୂରତ୍ୱରେ ରହିଛି ବା ବାୟୁ ରାଶିରୁ ସେପରି ଅଛି। ଅଗ୍ନୀପଟ ବୃଦ୍ଧି ହୋଇ, ଜଳ ଭୂମି ସମ୍ପୃକ୍ତି ଯେଉଁଠି ସେହିଠି ହିଁ ବିବାଦ ଘନୀଭୂତ ରହିଛି। ୟୁକ୍ରେନ ଭୂମିରୁ ପୂର୍ବ ଉତ୍ତରରେ ମସ୍କୋ ରାଜଧାନୀ ଓ ଋଷିଆଦେଶ ଓ ଋଷିଆରୁ ନୈଋତରେ ୟୁକ୍ରେନ। କୃଷ୍ଣ ସାଗର ୟୁକ୍ରେନର ଅଗ୍ନୀକୋଣ ବୃଦ୍ଧିରେ ସଂପୃକ୍ତ, ଯେଉଁଠି ବିଗତ କଳ ବନ୍ଦର ପାଇଁ ଦୁଇ ଦେଶ ମଧ୍ୟରେ କିଛି ବୁଝାମଣା ୟୁଏସଏସଆର ଭାଙ୍ଗିବା ପରେ ହୋଇଥିଲା। ରୁଦ୍ରାସ୍ତ୍ର ତ୍ରିଶୂଳ, ଦେବ ଆୟୁଧ ଏଥିରୁ ବାହାରି ରକ୍ଷା ନାହିଁ। ଏକଥା ଏବେ ପ୍ରତ୍ୟକ୍ଷ ଘଟୁଛି। ଶାସ୍ତ୍ରରେ ଅଛି ଦେବସୁର ସଂଗ୍ରାମରେ ଦେବତା ଶେଷରେ ଜିତନ୍ତି। ଅତଏବ ୟୁକ୍ରେନର ଏବେ ଏକ ମାସରୁ ଅଧିକ ଦିନ ମଧ୍ୟରେ ଆଗ୍ନେୟାସ୍ତ୍ର ନିଆଁରେ କଣ କ୍ଷତି ନହେଉଛି। ଏସବୁ ନ ଘଟିବା ପାଇଁ ରାକ୍ଷସୀ ମାୟା ପ୍ରକଟ ହିଁ ରୁଦ୍ରକୋପ। କପଟାଚାରୀ ରାକ୍ଷସ ଶକ୍ତି ଭାବେ ମୋର କିଛି କ୍ଷୟ ପରେ, ଅରି ଫେରି ଯିବେ ପୁଣି ମୁଁ ମାୟାର ଦିଗ ବଦଳାଇ ବି କିନ୍ତୁ ରୁଦ୍ରଶାନ୍ତି ନ ହେଲେ କେବେ ଅଗ୍ନୀକୋପ କମିବ ନାହିଁ। ବ୍ରହ୍ମା ଓ ବିଷ୍ଣୁ ଏପରି ପ୍ରଳୟରୁ ତାଣ୍ଡବକୁ ଶାନ୍ତି କରିପାରନ୍ତି। ଅର୍ଥାତ୍ ପ୍ରଳୟ ପରେ ପୁନଃ ସୃଷ୍ଟି ଓ ପାଳନ ହାର ମାଳିକ ବିଷ୍ଣୁ ଏଥିରୁ ରକ୍ଷା କୌଶଳ ବାହାର କରିପାରନ୍ତି। ବିଷ୍ଣୁ ମାୟାକୁ କେହି ଟପିନାହାଁନ୍ତି। ବ୍ରହ୍ମା ସୃଷ୍ଟିର ବିଶ୍ୱ ସମ୍ବାଦିକ ଶକ୍ତି, ନାରଦ ଅଛନ୍ତି। ଏଇ ନାରଦ ଶାନ୍ତି ମେଡ଼ି ଆମାନେ ଚାହିଁଲେ ଯୁଦ୍ଧର ଦିଗ ଅବଶ୍ୟ ଶାନ୍ତ ହୋଇଯିବ। ଯେଉଁ ପାଇଁ ତର୍କ ତାକୁ କେମିତି ବର୍ଣ୍ଣନ ବା ଖଣ୍ଡନ କଲେ ସମସ୍ୟା ତୁଟିବ। ଏହା ମହା ବିଶ୍ୱକର୍ମା, ନଳ ବିଦ୍ୟା ଏ ମାନଙ୍କ ଦ୍ୱାରା ଧାର୍ଯ୍ୟ ପଥ ଆପଣେଇବା ବର୍ତ୍ତମାନ ଜରୁରୀ। ରୁଦ୍ର ଶାନ୍ତି ବର୍ତ୍ତମାନ ଆବଶ୍ୟକ ଋଷିଆ ଶାନ୍ତି ଆବଶ୍ୟକ।

# ପାରାଦୀପ ବନ୍ଦର ପେନସନର୍ସ ଆସୋସିଏସନ୍‌ର କାର୍ଯ୍ୟକାରିଣୀ ବୈଠକ ମେ ୬ରେ

**ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ବନ୍ଦର ସେବା ନିବୃତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ବୁଧବାର ଦିନ ନୂଆବଜାରସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏହି ବୈଠକରେ ସଂଘର ସଭାପତି ଯତିକାନ୍ତ ବେହେରା ସଭାପତିତ୍ୱ କରିଥିଲେ । ମହାମାରୀ କରୋନାରେ ଦିବଂଗତ ପେନସନର ଓ ଫ୍ୟାମିଲି ପେନସନର୍‌ମାନଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ବିଗତ ଦିନର ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଶେଷ ହେଉଥିବାରୁ ଆସନ୍ତା ମେ ମାସ ୬ ତାରିଖ ଦିନ ନୂତନ କାର୍ଯ୍ୟକାରୀ କମିଟି ନିମନ୍ତେ ୧୧ତମ ସାଧାରଣ ନିର୍ବାଚନ ଦିନ ୧୦ ଘଟିକା ସମୟରେ ସ୍ଥାନୀୟ ପୋର୍ଟ କ୍ଲବ୍ ପରିସରରେ ଅନୁଷ୍ଠିତ ହେବ । ସଂଘର ସଦସ୍ୟମାନେ ଏହି ଦିନ ପୋର୍ଟ କ୍ଲବ୍‌ରେ ପହଂଚିବାକୁ ସଂଘର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ବୈଷ୍ଣବ ଚରଣ ପଟ୍ଟନାୟକ, ସହ ସମ୍ପାଦକ ନିତ୍ୟାନନ୍ଦ ପଣ୍ଡାଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ ।

# ଆରମ୍ଭ ହେଲା କରୋନାର ୪ର୍ଥ ଲହର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନାର ସଂକ୍ରମଣ ପୁଣି ଥରେ ଦେଶରେ ମୁଣ୍ଡ ଟେକିଲାଣି । ଦେଶରେ କିଛି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ମିଡିଆ ରିପୋର୍ଟ ଅନୁଯାୟୀ ଦିଲ୍ଲୀ, ହରିୟାଣା ଓ ଗୁଜୁରାଟରେ ଗତ ୧ ସପ୍ତାହ ମଧ୍ୟରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୨୪ ମଧ୍ୟରେ ଦେଶରେ ୧୦୫୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୦ରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଦେଶରେ କରୋନା ଟିକାକରଣ ଦ୍ରୁତଗତିରେ ଚାଲିଥିବା ବେଳେ ସରକାରଙ୍କ ତରଫରୁ ବୁଷ୍ଟର ଡୋଜ୍ ସମସ୍ତେ ନେବାକୁ ଅପିଲ୍ କରାଯାଇଛି । ବିଭିନ୍ନ ରାଜ୍ୟରେ ବେଳକୁ ବେଳେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କେରଳ, ଦିଲ୍ଲୀ, ହରିୟାଣା, ମହାରାଷ୍ଟ୍ର ଓ ମିଜୋରାମ ସରକାରଙ୍କୁ କେନ୍ଦ୍ର ସରକାର ପତ୍ର ଲେକିଛନ୍ତି । ଏଥିରେ ସ୍ୱାସ୍ଥ୍ୟ ସଚିବ ରାଜ୍ୟରେ ସତର୍କତା ରହିବା ଓ ସଂକ୍ରମିତଙ୍କ ବୃଦ୍ଧି ଉପରେ ନଜର ଦେବାକୁ କହିଛନ୍ତି । ଚାରି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଲେଖାଯାଇଥିବା ଚିଠିରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି ଯେଉଁଠି କରୋନା ସଂକ୍ରମିତ ବୃଦ୍ଧି ହେଉଛି ସେଠାରେ ବିଶେଷ ଧ୍ୟାନ ଦିଆଯାଉ ।



## ରାଜ୍ୟରେ ଆଉ ୮ଜଣ କରୋନା ପଜିଟିଭ୍

ଭୁବନେଶ୍ୱର(ସଂପର୍କବାର୍ତ୍ତା):- ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତେବେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫ଜଣ କ୍ୱାରେନ୍‌ଟାଇନ୍‌ରେ ରହିଥିବା ବେଳେ ୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ସେହିପରି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ଜଣେ ଚିହ୍ନଟ ହୋଇଛନ୍ତି ।

# ଖାରବେଳ ସ୍ୱାଇଁଙ୍କ ବିସ୍ଫୋରକ ମନ୍ତବ୍ୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଧର୍ମେନ୍ଦ୍ର ପ୍ରଥମେ ବିଜେପିର ରାଜ୍ୟ ସଭାପତି ହୁଅନ୍ତୁ ନବୀନଙ୍କ ବିରୋଧରେ ନକହିବା ପାଇଁ କେନ୍ଦ୍ରୀୟ ନେତାମାନେ କହିଥିଲେ ଏବେ ଆରଏସଏସରେ ମୋର ବିରୋଧୀ ନାହାନ୍ତି ଗୌତମ ଆଦାନୀଙ୍କ ପାଇଁ ମୁଁ ୨୦୧୪ରେ ବିଜେପିକୁ ଯାଇପାରିନଥିଲି । ଭୁବନେଶ୍ୱର ବରିଷ୍ଠ ବିଜେପିନେତା ତଥା ପୂର୍ବତନ ସାଂସଦ ମହାମେଘବାହାନ ଐର ଖାରବେଳ ସ୍ୱାଇଁ ରାଜ୍ୟ ରାଜନୀତି ସମ୍ପର୍କରେ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ଏକ ସାକ୍ଷାତକାରରେ ଖାରବେଳ ଯାହା କହିଛନ୍ତି ତାହା ବିଜେପି ଶିବିରକୁ ଆଲୋଡିତ ରହିଛି। ସେହି ପରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଲଢ଼ିବା ସହ ଲଢ଼ିବା ପାଇଁ ବିଜେପିରେ ନେତା ନାହାନ୍ତି। ନବୀନ ବିଜେପିର ଶ୍ରେଷ୍ଠ ବନ୍ଧୁ ଥିବାରୁ ତାଙ୍କ ବିରୋଧରେ କିଛି ନକହିବା ପାଇଁ କେନ୍ଦ୍ରୀୟ ନେତାମାନେ କହିଥିଲେ। ଆଡଭାନୀଙ୍କୁ ପୂର୍ବରୁ ବିଜେପି ନେତାମାନେ ବିଜେଡିର ଷ୍ଟ୍ରାଟେଜି ସମ୍ପର୍କରେ ଜଣାଇଥିଲେବି ନବୀବଙ୍କ ବିରୋଧରେ ନଲାଗିବାକୁ ପରାମର୍ଶ ଦିଆଯାଇଥିଲା ବୋଲି ସେ କହିଛନ୍ତି। ଏକ ସାକ୍ଷାତକାରରେ ଖାରବେଳେ ସ୍ୱାଇଁ କହିଛନ୍ତି ଯେ ନବୀନ ପଟ୍ଟନାୟକ ବାହା ହୋଇନାହାନ୍ତି। ସେ ନିଜ ପାଇଁ କିଛି କରିନାହାନ୍ତି। ତେଣୁ ଲୋକଙ୍କର ଧାରଣ ରହିଛି ନବୀନ ବାବୁ ଭଲ ଲୋକ ସେ ଭଲ କାମ କରୁଛନ୍ତି ବୋଲି ଲୋକେ ଭାବୁଛନ୍ତି। ସେହିପରି ବିଜେଡିକୁ ବିଜେପି ହିଁ ଗଢ଼ିବା ସହ ମଜବୁତ କରିଥିଲା ଅନେକ ବିଜେଡି ନେତାଙ୍କ ପାଇଁ ବାଜପେୟୀ ନିଜେ ଯାଇ ପ୍ରଚାର କରିଥିଲେ ନବୀନ ବାବୁ ଜଣେ ବହୁ ଚତୁର ଓ ସୁବିଧାବାଦୀ ନେତା ଆମେ ବିଜେପିକୁ ଦୃଢ଼ କରିବାକୁ ଚିନ୍ତା କଲୁ ନାହିଁ।



୨୦୦୯ପରଠାରୁ ଆମେ ନିଷ୍ପତି ନେଇପାରିନାହିଁ। ତେବେ ୨୦୨୪ରେ ବିଜେପି ରାଜ୍ୟରେ ଏକାକୀ ସରକାର ସରକାରୀ ଗଢ଼ିବ ବୋଲି ଶ୍ରୀ ସ୍ୱାଇଁ ବାହାସ୍ଫୋଟ ମାରିବାକୁ ପଛାଇନାହାନ୍ତି। ସେ କହିଲେ ଯେ, ବିଜେପି ଓଡିଶାରେ ନଜିତିଲେ ଚଳିବ ବୋଲକେନ୍ଦ୍ରୀୟ ନେତାମାନେ ଭାବୁଥିଲେ। କିନ୍ତୁ ଏବେ ଓଡିଶାରେ ସରାକର ଗଢ଼ିବାର ଆବଶ୍ୟକତା ରହିଛି ବୋଲି ରଷ୍ଟ୍ରୀୟ ବିଜେପି ନେତାମାନେ ଅନୁଭବ କରିଛନ୍ତି। ଓଡିଶାରେ କିଏ ବିଜେପର ନେତୃତ୍ୱ ନେବେ ଦି ମାସ ପରେ ଏନେଇ ସଂକେତ ମିଳିବ। ଯେପର୍ଯ୍ୟନ୍ତ ନବୀନଙ୍କୁ ମୁକାବିଲା କରିବା ଭଳି ସ୍ଥାନୀୟ ନେତୃତ୍ୱ ନବାହାରିବେ ସେପର୍ଯ୍ୟନ୍ତ ବିଜେପି ଜିତିପାରିବ ନାହିଁ। ନଚେତ ପଶ୍ଚିମବଙ୍ଗ ଭଳି ଅବସ୍ଥା ଭୋଗିବାକୁ ପଡିକ । ଧିରେ ଧିରେ ବିଜେପିକ ଶକ୍ତି ଥିବା ଭଳି ଲୋକମାନେ ଆସିବାକୁ ଆରମ୍ଭ କରିଛନ୍ତି। ମୋଉପରେ ଅତ୍ୟାଚାର କରାଗଲା ବୋଲି ମୁଁ ସହ୍ୟ କରିପାରିଲିନ। ତେଣୁ ବିଜେପି ଛାଡିବା ପାଇଁ ବାଧ ହୋଇଥିଲି। ଉତ୍କଳ ଫେଲ ମାରିଗଲା ନବୀନଙ୍କୁ ମୁକାବିଲା କରିବା ଭଳି ଆମର ସାମର୍ଥ୍ୟ ନଥିଲା ଏବେ ଆରଏସଏସରେ ମୋର ଆଉ କେହି ବିରୋଧି ନାହାନ୍ତି। ମୁଁ ୨୦୧୪ରେ ପୁଣି ବିଜେପିକୁ ଫେରିଥାନ୍ତି. କିନ୍ତୁ ନବୀନ ବାବୁ ମୋତେ ସାଂସଦ କରାଇ ନଦେବା ପାଇଁ ଏବେକାରୀ ପୁରୀ ସାଂସଦଙ୍କ ଜରିଆରେ ଗୌତମ ଆଦାନୀଙ୍କ ସହ ଯୋଗେଯୋଗ କଲେ। ତେଣୁ ମୁଁବିଜେପିକୁ ଯାଇପାରିଲି ନାହିଁ । ସେହିପାରି ଧର୍ମେନ୍ଦ୍ର ପ୍ରଧାନ ଯଦି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ତେବେ ରାଜ୍ୟ ସଭାପତି ହୁଅନ୍ତୁ। ଅନ୍ୟ ରାଜ୍ୟରେ ବିଜେପି ନେତା ମାନେ ରାଜ୍ୟ ସଭାପତି ହୋଇ ମୁଖ୍ୟମନ୍ତ୍ରୀ ହେଉଛନ୍ତି।

# କଟକ ମେୟରଙ୍କ କଡ଼ା ନିର୍ଦ୍ଦେଶ, ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**କଟକ (ତପନ ମହାନ୍ତି):-** ସିଏମ୍‌ସି ୱାର୍ଡ଼ ନମ୍ବର ୧୭ରେ ମେୟର ସୁବାସ ସିଂହ ସଫେଇ କାର୍ଯ୍ୟର ତଦାରଖ କରିଛନ୍ତି। ଭୋଟ ୬ଟାରେ ମେୟର ଶ୍ରୀସିଂହ ୱାର୍ଡ଼ରେ ପହଞ୍ଚି ୱାର୍ଡ଼ ପରିକ୍ରମା କରିଥିଲେ। ଏପରିକି ନିଜ ହାତରେ ଇଟା ହଟାଇ ରାସ୍ତା ସଫା କରିଥିଲେ। ଶ୍ରୀ ସିଂହ ଆଜି ନିଜର ହୋଣ୍ଡା ଆକ୍ଟିଭା ଗାଡ଼ି ଧରି ହାଜିରା ପଏଣ୍ଟରେ ପହଞ୍ଚିଥିଲେ। ଏହାପରେ ସେ ପୁରା ୱାର୍ଡ଼ ପରିକ୍ରମା କରିଥିଲେ। ୱାର୍ଡ଼ରେ କିପରି ସବୁ ସମସ୍ୟାର ସମାଧାନ ହୋଇପାରିବ ସେଥିପାଇଁ ଶ୍ରୀ ସିଂହ ଜନସାଧାରଣ, ସୁରକ୍ଷାକର୍ମୀ ଏବଂ ମ୍ୟୁନିସିପାଲଟି କର୍ମଚାରୀମାନଙ୍କୁ ସାମିଲ କରିଥିଲେ। ରାସ୍ତାରେ ପଡ଼ିଥିବା ଗଶଡ଼ି, ବାଲି ଆଦିକୁ ରାସ୍ତାରୁ ସଫା କରାଇଥିଲେ। ମ୍ୟୁନିସିପାଲଟି କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ସିଂହ କହିଲେ ଯେ, ସମସ୍ତ କାମ ଠିକ୍ ସମୟରେ ହେବା ଉଚିତ। କାମ ନିଷ୍ଠାର ସହ କଲେ ୱାର୍ଡ଼ବାସୀଙ୍କ ଆସ୍ଥାଭାଜନ ହୋଇପାରିବ। ଏହାଦ୍ୱାରା କଯକ ପୌର ନିଗମର ସୁନାମ ବଢ଼ିବ ବୋଲି ଶ୍ରୀସିଂହ କହିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସତର୍କ କରାଇ ଦେଇଥିଲେ। ସକାଳ ୭ ଟା ସୁଦ୍ଧା ରାସ୍ତାଘାଟ ସଫେଇ ସାରି ସକାଳ ୯ଟା ସୁଦ୍ଧା ବର୍ଜ୍ୟବସ୍ତୁ ରାସ୍ତାରୁ ଉଠାଇବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ମେୟର ଚାଲି ଚାଲି ଯାଇ ସଫେଇ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଡ୍ରେନ ସ୍ଥିତିମ ମଧ୍ୟ ପରଖିଥିଲେ ସବୁ କର୍ମଚରୀମାନଙ୍କୁ ମେୟର ପରାମର୍ଶ ଦେଇଥିଲେ। ମେୟରଙ୍କ ଏହି ୱାର୍ଡ଼ ପରିକ୍ରମା ସମୟରେ ମେୟରଙ୍କ ସହ ୧୭ନଂ, ୱାର୍ଡ଼ର କର୍ପୋରେଟର ଏ ଶ୍ରୀଦେବୀ, ସାନିଗରୀ ଇନ୍‌ସପେକ୍ଟର ପତିତ ପାବନ ମହାପାତ୍ର, ବିବିଜି କମ୍ପାନୀ କର୍ମଚ୍ଚରୀ, ମ୍ୟୁନିସିପାଲଟି କର୍ମଚାରୀ, ସୁରକ୍ଷା କର୍ମଚ୍ଚରୀ ଏ ଉମେଶ କୁମାର ଓ ଜଗବନ୍ଧୁ ସାହୁ ଉପସ୍ଥିତ ଥିଲେ।




# ଜୁନ୍ ୧୯ ଓ ୨୬ ରେ ସମବାୟ ନିର୍ବାଚନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସମବାୟ ନିର୍ବାଚନ ଆୟୁକ୍ତଙ୍କ ସୁପାରିସ ଆଧାରରେ ଆସନ୍ତା ଜୁନ୍ ୧୯ଓ୨୬ତାରିଖରେ ପ୍ରାଥମିକ ସମବାୟ ସମିତି ଗୁଡିକର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆଜି ସମବାୟ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ବିଧବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ପ୍ରାଥମିକ ସମବାୟ ସମିତି ଗୁଡିକର ପରିଚାଳନା କମିଟି କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ଜୁନ୍ ୧୯ଓ୨୬ ତାରିଖରେ ଭୋଟ ଲାଗି ରାଜ୍ୟ ସମବାୟ ନିର୍ବାଚନ ଆୟୁକ୍ତ ମାର୍ଚ୍ଚ ୩୦ରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଏହାକୁ ଆଧାର କରି ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜୁନ୍ ୧୯ଓ୨୬ତାରିଖରେ ରାଜ୍ୟର ସମସ୍ତ ପ୍ରାଥମିକ ସମବାୟ ସମିତିରେ ନିର୍ବାଚନ କରାଯିବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରାଥମିକ ସମବାୟ ସମିତି ଗୁଡିକର କାର୍ଯ୍ୟକାଳ ୨୦୨୦ରୁ ଶେଷ ହୋଇସାରଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ସମବାୟ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା ରାଜ୍ୟର ୨୭୧୦ଟି ପାକ୍ସ ଓ ଲ୍ୟାମ୍ପସ ଥିବାବେଳେ ଅନ୍ୟାନ୍ୟ ସମିତିକୁ ମିଶାଇ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ସମବାୟ ସମିତି ରହିଛି। ପ୍ରତ୍ୟେକ ସମିତିରେ ପ୍ରାୟ ୨୧ଜଣ ଲେଖାଏଁ ପରିଚାଳନା ସଦସ୍ୟ ରହିଥିବାବେଳେ ସେଥିମଧ୍ୟରୁ ୧୫ଜଣ ପରିଚାଳନା ସଦସ୍ୟ ସିଧାସଳଖ ନିର୍ବାଚିତ ହେବାକୁ ରହିଥିବାବେଳେ ଅବଶିଷ୍ଟ ସଭ୍ୟ ସରକାରୀ ଭାବେ ମନୋନୀତ ହୋଇଥାନ୍ତି ଜୁନ୍ ୨୬ସୁଦ୍ଧା ପାକ୍ସ ଓ ଲ୍ୟାମ୍ପସର ନିର୍ବାଚନ ପରେ ନିର୍ବାଚିତ ସଭାପତି ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ୧୭ଟିକେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ସଦସ୍ୟ ପ୍ରକିୟାରେ ସାମିଲ ହେବେ। ରାଜ୍ୟରେ କଟକ ଓ ବ୍ରହ୍ମପୁରରେ ୨ଟି ଲେଖାଏଁ କେନ୍ଦ୍ର ସମବାୟ ବ୍ୟାଙ୍କ ରହିଛି। ଏସବୁ ପ୍ରାଥମିକ ସମବାୟ ସଂସ୍ଥାରେ ପ୍ରାୟ ୩୦ଲକ୍ଷ ସଦସ୍ୟ ଅଛନ୍ତି ଓ ସେମାନେ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହାପରେ ଜିଲ୍‌ସ୍ତରରେ ଓ ପରେ ଆପେକ୍ସ ବଡି ତଥା ରାଜ୍ୟସ୍ତରୀୟ ସମବାୟ ନିର୍ବାଚନ ପ୍ରକ୍ରିୟା ହେବ। ପ୍ରାଥମିକ ସମବାୟ ସମିତିରେ ଜୁନ୍ ୧୯ଓ୨୬ ତାରିଖରେ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାରୁ ଆଗାମୀ ୩୫ଦିନ ଭିତରେ ପ୍ରାଥମିକ ସଦସ୍ୟଙ୍କର ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ, ନାମାଙ୍କନପତ୍ର ଦାଖଲ, ଯାଂଚ ପ୍ରତ୍ୟାହାର ଓ ଭୋଟଗ୍ରହଣ ଆଦି କାର୍ଯ୍ୟସୂଚୀ ଘୋଷଣା ହେବ ବୋଲି ଆୟୋଗଙ୍କ ପକ୍ଷରୁ ଜଣାଯାଇଛି ।




# ନକଲି ମଦ କମ୍ପାନୀ ମାଲିକ କନେଷ୍ଟବଳ

**ଗଞ୍ଜାମ(ସଂପର୍କବାର୍ତ୍ତା):-** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳରେ ଏକ କୁକୁଡା ଫାର୍ମ ହାଉସ୍‌ରେ ତିଆରି ହେଉଥିଲା ଡୁପ୍ଲିକେଟ୍ ମଦ। ଆଉ ଏହି ମଦ ବିକ୍ରି ହେଉଥିଲା ବ୍ରହ୍ମପୁର ସହରର ବଡ ବଜାର ଅଞ୍ଚଳରେ। ନକଲି ମଦ ପ୍ରସ୍ତୁ କରି ସାରିବା ପରେ ଏକ ଅଟୋ ଯୋଗେ ବିକ୍ରି କରିବା ଲାଗି ବ୍ରହ୍ମପୁର ଆସୁଥିବା ନେଇ ବଡ ବଜାର ଥାନାରେ କାର୍ଯ୍ୟରତ ସବ-ଇନିସ୍ପେକ୍ଟର ରଞ୍ଜିତ କୁମାର ଦାଶ କୌଣସି ସୂତ୍ରରୁ ଖବର ପାଇଥିଲେ। ଏ ନେଇ ବଡ ବଜାର ଥାନା ପୋଲିସ୍ ପକ୍ଷରୁ ସେହି ଅଟୋ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ନକଲି ମଦ ବୋତଲ ଥିବା ପୋଲିସ୍ ଦେଖିବା ପରେ ଡ୍ରାଇଭରକୁ ପଚରା ଉଚୁରା କରିବା ପରେ ଦିଗପହଣ୍ଡି ଥାନା ଲଙ୍ଗଳଦେଇ ହନୁମାନ ନଗରରେ ନକଲି ମଦ କାରଖାନା ଉପରେ ଚଢ଼ାଉ କରିଥିଲା। ପରେ ଏହି ଅଭିଯୋଗରେ ବଡ ବଜାର ଥାନା ପୋଲିସ୍ ଜଣେ କନେଷ୍ଟବଳ ସମେତ ୩ ଜଣଙ୍କୁ ଗିରଫ କରିଛି। କନେଷ୍ଟବଳ ଜଣକ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ହନୁମାନନଗର ଲଙ୍ଗଳଦେଇର ଚିନିମିନି ବାରିକ। ସେ ବ୍ରହ୍ମପୁର ରିଜର୍ଭ ପୋଲିସ୍‌ର ବୋମା ସ୍କ୍ୱାର୍ଡରେ କାମ କରୁଥିବା ଜଣାପଡିଛି। ଏହା ସହ ଅଟୋ ଡ୍ରାଇଭର ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗାଁର ରନୋଜ ଦାସ ଓ ବ୍ରହ୍ମପୁରର ବାବୁ ସାହୁଙ୍କୁ ପୋଲିସ୍ ଗିରଫ କରିଛି। ପୋଲିସ୍ ନକଲି ମଦ କାରଖାନା ତଥା ଚିନିମିନି ବାରିକଙ୍କ ଫାର୍ମ ହାଉସ୍‌ରୁ ୪୦୪ଟି ନକଲି ବିଦେଶୀ ମଦ ବୋତଲ ଖାଲି ମଦ ବୋତଲ, ୨ ଲିଟର ସ୍ପିରିଟ, ୧ ଲିଟର ପୋଚ, ୬୦ଟି ବିଭିନ୍ନ ବ୍ରାଣ୍ଡର ଲେବେଲ୍ ଜବତ କରିଛି। ତେବେ କେବେଠାରୁ ସେ ମଦ ଫ୍ୟାକ୍ଟ୍ରି ଚଳାଇଛନ୍ତି ଓ ତାଙ୍କ ସହ କିଏ କିଏ ସଂପୃକ୍ତ ଅଛନ୍ତି ତାହା ତଦନ୍ତ କରାଯାଉଥିବା ପୋଲିସ୍ ପକ୍ଷରୁ କୁହାଯାଇଛି।



# ସୀମାନ୍ତ କେଶରୀ କ୍ୟାପ୍ଟେନ୍ ଆଶୁତୋଷ କୁମାର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କ୍ୟାପ୍ଟେନ୍ ଆଶୁତୋଷକୁମାର ୧୫ ଅକ୍ଟୋବର ୧୯୯୬ ମସିହାରେ ବିହାର ପ୍ରଦେଶର ମାଧେପୁର ଜିଲ୍ଲା ପରମାନପୁର ଗ୍ରାମରେ ଜନ୍ମଲାଭ କରିଥିଲେ । ସହିଦ ଆଶୁତୋଷଙ୍କର ପିତାଙ୍କ ନାମ ଶ୍ରୀ ରବୀନ୍ଦ୍ର ଯାଦବ, ମାତାଙ୍କ ନାମ ଶ୍ରୀମତୀ ଗୀତା ଦେବୀ, ଦୁଇ ଭଉଣୀଙ୍କ ନାମ ଯଥାକ୍ରମେ ଖୁସ୍‌ବୁ କୁମାରୀ ଏବଂ ଅଂଶୁକୁମାରୀ ।

କ୍ୟାପ୍ଟେନ୍ ଆଶୁତୋଷଙ୍କର ବାଲ୍ୟକାଳରୁ ଆମ ଦେଶର ପ୍ରତିରକ୍ଷା ବାହିନୀରେ ଯୋଗଦେବାର ଅଭିଳାଷ ଥିଲା । ତେଣୁ ସେ ସୈନିକସ୍କୁଲ ଭୁବନେଶ୍ୱରରେ ଷଷ୍ଠ ଶ୍ରେଣୀରେ ଶିକ୍ଷାଗ୍ରହଣ କରିବାପାଇଁ ନାମ ଲେଖାଇଥିଲେ । ଓଡିଶାର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନ ତାଙ୍କ ବ୍ୟକ୍ତିତ୍ୱର ସମୁଚିତ ବିକାଶ ଘଟାଇଥିଲା , ଫଳରେ ସେ ଜାତୀୟ ପ୍ରତିରକ୍ଷା ବାହିନୀ (ଏନ୍.ଡି.ଏ)ରେ ପ୍ରବେଶ କରିବାର ଯୋଗ୍ୟତା ଲାଭ କରିଥିଲେ । ଏନ୍.ଡି.ଏ.ରେ ଟ୍ରେନିଙ୍ଗ୍ ଶେଷ କରି ସେ ଡେରାଡୁନ୍ ସ୍ଥିତ ଭାରତୀୟ ମିଲିଟାରୀ ଏକାଡେମୀ (ଆଇ.ଏମ୍.ଏ)ରେ ଶିକ୍ଷା ସମାପ୍ତ କରିଥିଲେ । ଜୁନ୍ ୨୦୧୮ ରେ ଜଣେ କମିସନ୍‌ଡ ଅଫିସର ଭାବରେ ଲେଫ୍ଟନାଂଟ ପଦବୀରେ ୧୮ ମାଡ୍ରାସ୍ ରେଜିମେଂଟରେ ଯୋଗ ଦେଇଥିଲେ ।

ନଭେମ୍ବର ୨୦୨୦ ରେ , ୧୮ ମାଡ୍ରାସ୍ ରେଜିମେଂଟ କୁପ୍‌ଓ୍ୱାରା ଜିଲ୍ଲାରେ ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ହୋଇଥିଲେ । ୮ ନଭେମ୍ବର ୨୦୨୦ରେ କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କ ଇଉନିଟ୍ ଅନୁପ୍ରବେଶ ସୁରକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ । (ଏ.ଓ.ଆର୍) । ସେ କୌଶଳ କ୍ରମେ ତାଙ୍କ ଟ୍ରୁପ୍‌କୁ ସଜାଗ ରଖିଥିଲେ , ଯେପରି କୌଣସି ଆତ୍ମଗୋପନ କାରୀ ଶତ୍ରୁ ଗୁପ୍ତ ପଥଦେଇ ପ୍ରବେଶ କରି ନପାରନ୍ତି । ଗୁଳି ବିନିମୟ ସମୟରେ ତାଙ୍କଦ୍ୱାରା ତିନିଜଣ ଶତ୍ରୁସୈନ୍ୟ ନିହତ ହୋଇଥିଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଶତ୍ରୁ ସେନାର ଗୁଳିରେ ଆଶୁତୋଷଙ୍କ ସମେତ ତାଙ୍କର ଅନ୍ୟ ଚାରିଜଣ ସହଯୋଗୀ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ । ପରବର୍ତୀ



ସମୟରେ କ୍ୟାପ୍ଟେନ ଆଶୁତୋଶ, ତାଙ୍କର ହାବିଲଦାର ପ୍ରବୀଣ କୁମାର ଏବଂ ରାଇଫଲ୍ ମ୍ୟାନ୍ ର୍ୟାଡା ମାହେଶ୍ୱର ସହିଦ ହୋଇଥିଲେ ।

ଆଜି ତାଙ୍କର ଜୀବନ ଲିପି ସୈନିକସ୍କୁଲ ଭୁବନେଶ୍ୱରରର କ୍ୟାଡେଟ୍ ମାନଙ୍କ ପାଇଁ ଜଣେ ଦେଶପ୍ରେମୀ ସହିଦର ଜ୍ୱଳନ୍ତ ଉଦାହରଣ ହୋଇ ରହିଛି । ସିନିକସ୍କୁଲ ଭୁବନେଶ୍ୱର ପ୍ରାଧିକାରୀ ନୂତନ କରି ପ୍ରତିଷ୍ଠା କରାଯାଇଥିବା ସୈନିକସ୍କୁଲ ଟ୍ରେନିଙ୍ଗ୍ ଜୋନ୍‌କୁ ତାଙ୍କ ସମ୍ମାନାର୍ଥେ 'ଆଶୁତୋଶ ଦ୍ୱାର ଏସ୍.ଏସ୍.ବି. ଟ୍ରେନିଙ୍ଗ୍ ଜୋନ୍' ନାମରେ ନାମିତ କରିଛନ୍ତି । ସ୍କୁଲର ସହିଦ ସ୍ମୃତିସ୍ତମ୍ଭ( ଅମର ଯଓାନ)ର ପଥର ଉପରେ ତାଙ୍କର ନାମ ଖୋଦିତ ହୋଇଛି ।

ମଧ୍ୟଭାରତ ଏରିଆ ହେଡ୍ କ୍ୱାର୍ଟରସ୍ , ଛତିଶଗଡ ହେଡ୍ କ୍ୱାର୍ଟରସ୍ ଏବଂ ଓଡିଶା ଭୁବନେଶ୍ୱର ସବ୍ ଏରିଆ ହେଡ୍ କ୍ୱାର୍ଟରସ୍ ଆର୍ଥିକ ସହାୟତାରେ ସ୍କୁଲ କ୍ୟାପ୍ଟେନ୍ ଆଶୁତୋଶଙ୍କର ଏକ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ନିର୍ମାଣ କରିଛି । ଏହି ବୀର ଯବାନଙ୍କର ମୃତ୍ୟୁବାର୍ଷିକୀରେ ଏନ୍.ଡି.ଏ. ମୋଟିଭେସନାଲ ସେଲକୁ ତାଙ୍କ ନାମରେ ନାମିତ କରାଯାଇଛି ।

୪ ଏପ୍ରିଲ ୨୦୨୨ରେ ମରଣୋତର ସୂର୍ଯ୍ୟଚକ୍ରରେ ସମ୍ମାନିତ ସହିଦ କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ ତାଙ୍କର ପିତା ଶ୍ରୀ ରବୀନ୍ଦ୍ର ଭାରତୀ , ମାତା ଶ୍ରୀମତୀ ଗୀତା ଦେବୀ ଏବଂ ଭଉଣୀ ଅଂଶୁକୁମାରୀଙ୍କୁ ସୈନିକସ୍କୁଲ ଭୁବନେଶ୍ୱରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସୈନିକସ୍କୁଲ ପାଇଁ ଆବେଗ ଓ ଗୌରବର ଏକ ଉତ୍ସବ ଥିଲା ।

ସୈନିକସ୍କୁଲ ଅଧ୍ୟକ୍ଷ କ୍ୟାପ୍ଟେନ୍ ଏସ୍.ଡୋମିନିକ୍ ରାୟନ ସହିଦଙ୍କ ପିତା-ମାତାଙ୍କୁ ସମ୍ବର୍ଦ୍ଧନା ଦେବା ଓ ପ୍ରତିମୂର୍ତ୍ତି ସ୍ଥାପନ କରିବାର ସମସ୍ତ ଦାୟିତ୍ୱ ବହନ କରିଥିଲେ । ଏହା ଆଗାମୀ ପିଢିର ସୈନିକସ୍କୁଲ କ୍ୟାଡେଟ୍ ମାନଙ୍କ ପାଇଁ ନିଶ୍ଚିତ ରୂପେ ଏକ ଅନୁପ୍ରେରଣା ହୋଇ ରହିବ । ଏହି ଉତ୍ସବରେ ସୈନିକସ୍କୁଲର ପୁରାତନ ଛାତ୍ର ସଂସଦର ବହୁ ପ୍ରତିନିଧି , ବିଦ୍ୟାଳୟର କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ''ଭାରତ ମାତା କୀ ଜୟ'', ''କ୍ୟାପ୍ଟେନ୍ ଅଅଶୁତୋଷ କୁମାର ଅମର ରହେ '' ଧ୍ୱନିରେ ସୈନିକସ୍କୁଲ ପରିସର ପ୍ରକମ୍ପିତ ହୋଇ ଉଠିଥିଲା ।

## ଭାତ ନ ଦେବାରୁ ମା'କୁ ମାରିଦେଲା ପୁଅ

**ସୋର(ସଂପର୍କବାର୍ତ୍ତା):-** ନିଶାସକ୍ତ ପୁଅର ଉନ୍ମତ୍ତ କାଣ୍ଡ । ଭାତ ଦେବାରେ ବିଳମ୍ବ ହେବାରୁ ମାଆକୁ ଠେଙ୍ଗାରେ ପିଟି ପିଟି ମାରିଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ଥାନା ସିଙ୍ଗା । ଖୁଣ୍ଟା । ପଞ୍ଚାୟତ ଗୁଜୁଡିଆ ଗ୍ରାମରେ । ମୃତ ମହିଳା ଜଣକ ହେଲେ ସତ୍ୟଭାମା । ଏହି ଗାଁର ପୁରୁଷୋତ୍ତମ




ବେହେରାଙ୍କ ସାନ ପୁଅ ରତିକାନ୍ତ ମା'ଙ୍କୁ ନିଶାସକ୍ତ ଅବସ୍ଥାରେ ଭାତ ମାଗିଥିଲେ । ମା' ଭାତ ଆଣି ଦେବାରେ ବିଳମ୍ବ ହେବାରୁ ଏଥିରେ ରତିକାନ୍ତ ଉତ୍‌କ୍ଷିପ୍ତ ହୋଇଯାଇଥିଲେ । ପାଖରେ ପଡିଥିବା ଏକ ଠେଙ୍ଗାରେ ମା' ସତ୍ୟଭାମାଙ୍କୁ ପାହାର ପରେ ପାହାର ପିଟି ଚାଲିଥିଲେ । ମାଡ ବେଳେ ବାପା ପୁରୁଷୋତ୍ତମ ଉଦ୍ଧାର କରିବାକୁ ଯିବାରୁ ବାପାକୁ ମଧ ରତିକାନ୍ତ ମାଡ ଦେଇଥିଲେ । ଭୟରେ ପୁରୁଷୋତ୍ତମ ପଡୋଶୀ ଘରକୁ ଯାଇ ଅଚେତ ହୋଇ ପଡିଯାଇଥିଲେ । ରତିକାନ୍ତ ନିକଟ ବକ୍ଷଡମ୍ବଲରେ ନିଶାସକ୍ତ ଅବସ୍ଥାରେ ପଡିଥିବାରୁ ଗାଁ ଲୋକ ଟେକି ଆଣି ଘରେ ପୁରାଇ ଚାବି ପକାଇ ଦେଇଥିଲେ । ଖବର ପାଇ ସୋର ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି ।

## ଗରିବ ବସ୍ତିରୁ କଟକର ଡେପୁଟି ମେୟର

**କଟକ(ତପନ ମହାନ୍ତି):-** ଗରିବ ବସ୍ତିରୁ ଡେପୁଟି ମେୟର । ସଂଘର୍ଷ ଜୀବନରୁ ସଫଳତାର ଯାତ୍ରା । ଭଙ୍ଗା କୁଡିଆ ଘରୁ ସେ ଦେଖିଛନ୍ତି ବସ୍ତିର ଦୁଃଖ । ମାପିଛନ୍ତି ବସ୍ତିବାସିନ୍ଦାଙ୍କ ଅଦେଖା ଯନ୍ତ୍ରଣା । ପାଠପଢିବାକୁ ଯିବାବେଳେ ଭେଟିଛନ୍ତି ବ୍ୟବସ୍ଥାର ବିଡମ୍ବନାରେ ବାହୁନି କାନ୍ଦୁଥିବା ଚରିତ୍ରମାନଙ୍କୁ । ବର୍ଷା ହେଲେ ଘରେ ବାହାରେ ଆଣ୍ଠୁଏ ଆଣ୍ଠୁଏ ପାଣି, କୃତ୍ରିମ ବନ୍ୟାରେ ହସ୍ତସନ୍ତ ଜୀବନ । ଏମିତି ଅନେକ ସମସ୍ୟାର ସୀମା ଡେଇଁ ଶେଷରେ ସଫଳତା ପାଇଥିବା ଦମୟନ୍ତୀ ମାଝୀ ଏବେ ନିଜେ ଲୋକଙ୍କ ଦୁଃଖ ବୁଝି ସମସ୍ୟାର ସମାଧାନ କରିବାକୁ ଅଣ୍ଟା ଭିଡିଛନ୍ତି । ଆଉ କଟକର ଡେପୁଟି ମେୟର ହେବା ପରେ ସେ ଲୋକଙ୍କ ପାଇଁ କାମ କରିବାକୁ ଆଶାବାଦୀ ଅଛନ୍ତି ।

ଆଜି ଦମୟନ୍ତୀଙ୍କୁ ସଫଳତା ମିଳିବା ପରେ ତାଙ୍କ ପାଖକୁ ଅନେକ ଶୁଭେଚ୍ଛାର ସୁଅ ଛୁଟୁଛି ।




ହେଲେ ତାଙ୍କ ସଫଳତାର ଯାତ୍ରା ବେଶ ସଂଘର୍ଷମୟ । ୫ବର୍ଷ ତଳୁ ବାପାଙ୍କୁ ଛଡାଇ ନେଇଛି ନିଷ୍ଠୁର ବିଧାତା । ବାପା ଗଲା ପରେ ସେବେଠାରୁ ସାନ ଭାଇ ସାନ ଭଉଣୀଙ୍କ ଦାୟିତ୍ୱ ତାଙ୍କରି କାନ୍ଧରେ । ଦୁଃଖ କଷ୍ଟର ବାଧବାଧକତା ଭିତରେ ସେ ପାଠରେ ଆଗେଇ ଚାଲିଲେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ବିକମ୍ ପାଠ ପଢା ଶେଷ କଲେ । ଆଉ ଏବେ ବସ୍ତି ପିଲାଙ୍କୁ ନିଜ ଭଳି ପାଠୁଆ କରିବାକୁ ଜାରି ରଖିଛନ୍ତି ପ୍ରୟାସ ।

ପାଠପଢାର ଭିଡ ଓ ପରିବାର ଚଳାଇବାର ଦାୟିତ୍ୱବୋଧ ଭିତରେ ସେ ରାଜନୀତିରେ ପାଦ ଦେଲେ ଆଉ ସଫଳ ବି ହେଲେ । କଟକ ଜଗତପୁର ବାଲିସାହି ବସ୍ତିରୁ ଦୟମନ୍ତୀ ମାଝୀ କଟକ ମହାନଗର ନିଗମ ଡେପୁଟି ମେୟର ଭାବେ ଦାୟିତ୍ୱ ନେଲେ । ଦମୟନ୍ତୀ ରାଜନୀତିରେ ନୂଆ ସତ ହେଲେ ଲୋକଙ୍କ ସେବା କରିବାକୁ ସେ ଭାରି ଆଗ୍ରହୀ । କାରଣ ପାଖରୁ ଲୋକଙ୍କ ଦୁଃଖ ଦେଖିଥିବା ଦମୟନ୍ତୀ ମନରେ କେବେ ନା କେବେ ଭାବନ୍ତି ସେବା କରିବା ପାଇଁ ସମାଧାନ କରିବା ପାଇଁ ।

ସମୟ ଓ ପରିସ୍ଥିତି ଦମୟନ୍ତୀଙ୍କୁ ଆଣି ଦେଇଛି ନୂଆ ପରିଚୟ । ଦମୟନ୍ତୀ ମାଝୀ ଏବେ କଟକର ଡେପୁଟି ମେୟର । କିଛି କରିବାର ଇଚ୍ଛା ନେଇ ଦାୟିତ୍ୱ ନେଇଥିବା ଦମୟନ୍ତୀ ଲୋକଙ୍କ ସ୍ୱର ସାଜନ୍ତୁ, ସମାଧାନର ସୂତ୍ର ସାଜନ୍ତୁ ଏହାହିଁ ଆଶା ।

# କଟକ ରେଳବାଇ ପକ୍ଷରୁ ଜବାବ ଦାଖଲ

**କଟକ(ସଂପର୍କବାର୍ତ୍ତା):-** ମାତୃଭବନ ନିକଟରେ ରେଳବାଇ ପୋଲ ଥିବାରୁ ସେଠାରେ ଜଳ ନିଷ୍କାସନରେ ସମସ୍ୟା ହେଉଛି । ତେଣୁ ସେହି ସ୍ଥାନରେ ରେଳ ଲାଇନ୍ ତଳ ଆରସିସି ବକ୍ସ ନିର୍ମାଣ ପାଇଁ ଜାଇକା ପକ୍ଷରୁ ରେଳବାଇ ନିକଟରେ ୨୦୧୪ ମସିହାରେ ୯କୋଟି ୧୩ ଲକ୍ଷ ୧୯ ହଜାର ୩୬୯ ଟଙ୍କା ଜମା କରାଯାଇଥିଲା । ତେବେ ଏହି ପ୍ରକଳ୍ପର ଏଷ୍ଟିମେଟ୍ ଖର୍ଚ୍ଚ ବଢ଼ିଯିବାରୁ ଜାଇକା ପୁନର୍ବାର ୨୦୧୮ ମସିହାରେ ଆଉ ୪ କୋଟି ୧୧ ଲକ୍ଷ ୬୬ହଜାର ୯୬୯ ଟଙ୍କା ଜମା କରିଥିଲା । ଦୀର୍ଘ ୮ ବର୍ଷ ତଳେ ଜାଇକା ପକ୍ଷରୁ ଟଙ୍କା ଜମା ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ ଆଜି ରେଳବାଇ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ କୁହାଯାଇଛି । ତେବେ ଚଳିତ ମାସ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ଏବଂ ମଉଗଜପୁରରେ ଆରମ୍ଭ ହୋଇଥିବା ଦୁଇଟି ପ୍ରକଳ୍ପ ଆରମ୍ଭ ହୋଇ ପୁଣି ବନ୍ଦ ହୋଇଯାଇଥିଲା । ଏବେ ପୁଣି କାର୍ଯ୍ୟ ଆରମ୍ଭ କରିଛି । କାଠଯୋଡ଼ି ପାଣି ପ୍ରଦୂଷଣକୁ ନେଇ ସିଏମ୍‌ସି ପକ୍ଷରୁ ଦଖଲ ସତ୍ୟପାଠରେ ସବୁ ଦୋଷ ରେଳବାଇ ମୁଣ୍ଡକୁ ଠେଲି ଦିଆଯାଇଥିଲା । ମାତୃଭବନ ନିକଟରେ ଲେବାଇ ବକ୍ସ ନିର୍ମାଣ କରୁନଥିବାରୁ ସ୍ୱେରେଜ୍ ବର୍ଜ୍ୟଜଳ ମଉଗଜପୁର ଏସ୍‌ଟିପିକୁ ଯାଇନପାରି କାଠଯୋଡ଼ିରେ ଯାଇ ପଡୁଛି । ସିଏମ୍‌ସିର ଏହି ଜବାନ ପରେ ହାଇକୋର୍ଟ ପୂର୍ବ ଶୁଣାଣୀରେ ରେଳବାଇ କର୍ତ୍ତୃପକ୍ଷଙ୍କ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ । ଆଜି ରେଳବାଇ ଜବାବ ଦଖଲ ପରେ ହାଇକୋର୍ଟ ଏହି ମାମଲାରେ ଶୁଣାଣି ଆସନ୍ତା ଜୁନ୍ ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି । ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ଆଗତ ମାମଲାର ଶୁଣାଣି

**୮ ବର୍ଷ ତଳୁ ଜାଇକା ଦେଲାଣି ଟଙ୍କା**

ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆଜି ପୂର୍ବତଟ ରେଲୱେର ବରିଷ୍ଠ ଡିଭିଜିନାଲ ଇଂ ରାଜେଶ କୁମାର ଦାସ ଏହି ସତ୍ୟପାଠ ଦାଖଲ କରିଥିଲେ । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ରେଲୱେ ଧାରଣାର ତିନୋଟି ସ୍ଥାନରେ ଆରସିସି ବକ୍ସ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । ମଉଗଜପୁର ନିକଟରେ ଦୁଇଟି ଏବଂ ମାତୃଭବନ ନିକଟରେ ଗୋଟିଏ ନିର୍ମାଣ ପାଇଁ ସ୍ଥିର ହୋଇଥିଲା । ମାତୃଭବନ ଠାରେ ବିଭିନ୍ନ କାରଣରୁ ଏହି ବକ୍ସ ନିର୍ମାଣ ହୋଇପାରିନାହିଁ । ମଉଗଜପୁରରେ ଦୁଇଟି ବକ୍ସ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ଜାଇକା ୨୦୧୪ ମସିହାରେ ରେଳବାଇ କର୍ତ୍ତୃପକ୍ଷଙ୍କୁ ଗୋଟିଏ ପ୍ରକଳ୍ପ ପାଇଁ ୭ କୋଟି ୬୫ ଲକ୍ଷ ୩ ହଜାର ୧୦୯ ଟଙ୍କା ଏବଂ ଅନ୍ୟ ଏକ ପ୍ରକଳ୍ପ ପଶଇଁ ୨ କୋଟି ୪୮ ଲକ୍ଷ ୩୭ ହଜାର ୪୨୨ ଟଙ୍କା ଜମା କରିଥିଲେ । କିନ୍ତୁ ମଉଗଜପୁରରେ ଜମି ଅଧିଗ୍ରହଣକୁ ନେଇ ସମସ୍ୟା ହେବାରୁ ଏହି ପ୍ରକଳ୍ପ ଆରମ୍ଭ ହେବାର ବିଳମ୍ବ ଘଟିଥିଲା । ୨୦୧୯ରେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିବାବେଳେ ପରେ କୋଭିଡ୍ ପାଇଁ ଏହା ବନ୍ଦ ହୋଇଯାଇଥିଲା । ଏବେ ଜୋରଦାରରେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ସମ୍ପର୍କରେ ଆଜି ଭୁବନେଶ୍ୱର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମର କମିଶନର ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ ଜବାବ ଦାଖଲ କରିଛନ୍ତି ।

## ପଳାଶୁଣୀ ଟ୍ରକ ଧକ୍କା, ମଦ ପିଇଥିଲେ ଟ୍ରକ ଡ୍ରାଇଭର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସୋମବାର ଭୁବନେଶ୍ୱର ପଳାଶୁଣି ଛକରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ଡ୍ରାଇଭର ସୌଭାଗୀ ଗଂଜନ ପାତ୍ରକୁ ପୋଲିସ ଗିରଫ କରିଛି ଏହି ଖବର ଜଣେ ପୋଲିସ କର୍ମଚାରୀଙ୍କଠାରୁ ମିଳିଛି । ମଦ ନିଶାରେ ଥିବାରୁ ସେ ଚଳାଉଥିବା ଟ୍ରକକୁ ନିୟନ୍ତ୍ରଣ କରିପାରିନଥିଲେ ବୋଲି ଅନୁମାନ କରାଯାଉଛି । କାରଣ ପ୍ରଥମେ ସେଏକ ହ୍ୟୁଣ୍ଡାଇ କାରକୁ ଧକ୍କା ଦେଇଥିଲେ, ଏହା ପରେ ନୀଳ ରଙ୍ଗର ଅଲଟୋ କାରକୁ ଧକ୍କା ଦେଇଥିଲେ । ପ୍ରଥମେ ହ୍ୟୁଣ୍ଡାଇ କାରକୁ ଧକ୍କା ଦେବା ପରେ ବି ଡ୍ରାଇଭର ଜଣଙ୍କ ସଚେତନ ହୋଇପାରିଲେ ନାହିଁ । ପୁଣି ନୀଳ



ରଙ୍ଗର ଅଲଟୋ କାରକୁ ଧକ୍କା ଦେଲେ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ମଂଚେଶ୍ୱର ପୋଲିସ ଏହି ଦିଗକୁ ଗୁରୁତ୍ୱ ଦେଉନାହିଁ । ଆମେ ମଂଚେଶ୍ୱର ଥାନକୁ ଯେତେବେଳେ ଏ ସଂକ୍ରାନ୍ତରେ ପ୍ରଶ୍ନ କରିଥିଲୁ , ସେମାନେ ହାଲକାରେ କହିଥିଲେ ଡ୍ରାଇଭର ଜଣଙ୍କ କାରଟିରୁ ଦେଖିପାରିଲେ ନାହିଁ, ସେଥିପାଇଁ ଧକ୍କା ଦେଇଦେଲେ । ଏଠାରେ ସନ୍ଦେହ ସୃଷ୍ଟି ହେଉଛି ଯେ ମଂଚେଶ୍ୱର ପୋଲିସ୍ ସେ ଟ୍ରକ୍ ଡ୍ରାଇଭର ଓ ମାଲିକଙ୍କୁ ବଂଚାଇବାକୁ ଚେଷ୍ଟା କରୁଛନ୍ତି କି ? କାରଣ ମଦ ପିଇବା କାରଣରୁ ଦୁର୍ଘଟଣା ଘଟାଇବା କଥା ପ୍ରମାଣିତ ହେଲେ ସେ ଟ୍ରକ୍ ଜବତ ହେବ । କିନ୍ତୁ ସାଧାରଣ ଦୁର୍ଘଟଣାଲେ ସହଜରେ ଟ୍ରକ୍ ବି ବାହାରିଯିବେ ଡ୍ରାଇଭର ବି ଖଲାସ ହୋଇଯିବ ଏବଂ ମାଲିକ କି ବର୍ତିଯିବ ।

# କୋରାପୁଟରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଅଧିବେଶନ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଆସନ୍ତା ଏପ୍ରିଲ ୧୬, ୧୭ ଓ ୧୮ ତିନିଦିନ ଧରି କୋରାପୁଟର ଜୟପୁର ସ୍ଥିତ ଏମଏସ୍ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ଠାରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଂଗଠନର ସଭାପତି ରବି ରଥ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଏହି ଅଧିବେଶନରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇ ଆସୁଥିବା ୨୦୦ ସମ୍ବାଦପତ୍ରର ସମ୍ପାଦକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଅଧିବେଶନରେ ଦାବି କରାଯିବ । ଏଠାରେ ଉଲ୍ଲେଖ କରାଯାଇପାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁ କ୍ରମାଗତ ଭାବେ ଭାରତ ବର୍ଷ ତଥା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବହୁ ସମସ୍ୟା ଦେଇ ଗତି କରୁଛନ୍ତି । କରୋନା ମହାମାରୀ ଯୋଗୁ ପ୍ରୋତ୍ସାହନ ଅଭାବରୁ ଗତ ଦୁଇବର୍ଷରେ ଶହ ଶହ ସମ୍ବାଦପତ୍ର ବନ୍ଦ ହୋଇଗଲାଣି । ସବୁଠୁ ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିବା ବେଳେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱଦିନ ଧରି ସାମ୍ବାଦିକମାନଙ୍କୁ ରାଜ୍ୟ ସଚିବାଳୟକୁ ଯିବାକୁ ଅନୁମତି ଦିଆଯାଉନାହିଁ । ଏ ସମ୍ପର୍କରେ ମଧ ରାଜ୍ୟରେ ପ୍ରକାଶ ପାଉଥିବା ବୃହତ୍ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମମାନେ ମଧ ପ୍ରତିବାଦ କରିନାହାନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ସରକାରୀ ଅନୁମୋଦନ ପ୍ରଦାନ, କେନ୍ଦ୍ର ସରକାରଙ୍କ ଡିଏଭିପି ଅନୁମୋଦିତ ସମ୍ବାଦପତ୍ରଗୁଡ଼ିକ ପାଇଁ ଜାରି ବିଜ୍ଞାପନ ଦର ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ ସରକାରୀ କ୍ୱାଟର ଭୁବନେଶ୍ୱରରେ ଯୋଗାଇବା, ଦିଲ୍ଲୀରେ ଥିବା ଇଣ୍ଡିଆନ ନ୍ୟୁଜ୍‌ପେପର ସୋସଇଟି ଭଳି ଓଡ଼ିଶାରେ ଏକ ଭବନ ନିର୍ମାଣ କରି ସମ୍ବାଦପତ୍ରର କାର୍ଯ୍ୟାଳୟ ପାଇଁ କୋଠରୀ ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଓଡ଼ିଶାରେ ସାମ୍ବାଦିକ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯିବ, ଭାରତ ବର୍ଷର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଦୁଇ ହଜାର ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଡିଏଭିପି ଅନୁମୋଦନ ଦେଉଥିବା ବେଳେ ରାଜ୍ୟ ସରକାରମାନେ ଏହି ପ୍ରକ୍ରିୟାକୁ ଲାଗୁ କରନ୍ତୁ ଏବଂ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏ ସମ୍ପର୍କରେ ମହାସଂଘ ସଭାପତି ଶ୍ରୀ ରଥ ପ୍ରକାଶ କରିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଭେଟି ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ବୋଲି ଅପରାଜିତା ଟ୍ୱିଟ ଯୋଗ ସୂଚନା ଦେଇଛନ୍ତି । ମୋଦିଙ୍କୁ ଅପରାଜିତାଙ୍କ ସାକ୍ଷାତ ନେଇ ବିଜେପି ଅଳିନ୍ଦରେ ଚର୍ଚ୍ଚା ଜୋରଧରିଛି । ନିକଟରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ରାଜ୍ୟ ବିଜେପିର ବରିଷ୍ଠ ପଦାଧିକାରୀମାନେ ଦିଲ୍ଲୀଗସ୍ତରେ ଯାଇଥିଲେ । ଦିଲ୍ଲୀ ଗସ୍ତକାଳରେ ସେମାନେ ବିଜେପି ରଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଭେଟିଥିଲେ । ଆଲୋଚନା କାଳରେ ସେମାନେ ଭୁବନେଶ୍ୱର ସାଂସଦ ଅପରାଜିତାଙ୍କ ମନମାନି ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି ଚର୍ଚ୍ଚା ହେଉଥିବା । ଏମିତିକି ଅପରାଜିତାଙ୍କ ବିରୋଧରେ ସେମାନେ ଫେରାଦ ମଧ ହୋଇଥିଲେ । ଅପରପକ୍ଷରେ ନିକଟରେ ସଂସଦ ଭବନରେ ଅପରାଜିତା ଷଡଙ୍ଗୀ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ । ଅନ୍ୟ ବିଜେପି ସାଂସଦମାନେ ନବୀନଙ୍କୁ ଭେଟିନଥିବାବେଳେ ଅପରାଜିତାଙ୍କ ଏଭଳି ଭେଟଘାଟକୁ ନେଇ ମଧ ଚର୍ଚ୍ଚା ହୋଇଥିଲା ସଂସଦରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ପୁରୀ ସାଂସଦ ପିନାକୀ ମିଶ୍ର ମୁହାଁମୁହିଁ ହୋଇଥିବାବେଳେ ଅପରାଜିତାଙ୍କ ପାଇଁ କେହି ବାହାରି ନଥିଲେ । ଖୁବଶୀଘ୍ର ବିଜେପିର ସାଂଗଠନିକସ୍ତରରେ ବଡ ଧରଣର ଅଦଳବଦଳ ହେବବୋଲି ଚର୍ଚ୍ଚା ହେଉଥିବାବେଳେ ମୋଦିଙ୍କ ସହ ଅପରାଜିତାଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ । ଜଣେ ସାଂସଦ ଭାବେ ସେ ନିର୍ବାଚନମଣ୍ଡଳୀର ବିକାଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ ନା ଦଳର ଆଭ୍ୟନ୍ତରୀଣ ବ୍ୟାପାର ଓ ସାଂଗଠନିକ ତ୍ରୁଟିବିଚ୍ୟୁତି ସମ୍ପର୍କରେ ଅପରାଜିତା ମୋଦିଙ୍କୁ ଅବଗତ କରାଯାଇଛନ୍ତି ସେନେଇ ଚର୍ଚ୍ଚା ଜୋର ଧରିଛି ।

ସୂଚନାଯୋଗ୍ୟଯେ, ଅପରାଜିତା ନିଜ ଟ୍ୱିଟରେ ଉଲ୍ଲେଖ କରିଛନ୍ତିଯେ ସେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନାରେ ସୌଭାଗ୍ୟ ପାଇଛନ୍ତି । ସେ ବହୁ ପ୍ରସଙ୍ଗରେ ଆଲୋଚନା କରିବା ସହ ତାଙ୍କର ପରାମର୍ଶ ଲୋଡିଥିଲେ । ମୋଦିଙ୍କ ପରାମର୍ଶ ଓ ମାର୍ଗଦର୍ଶନ ପାଇଁ ସେ କୃତଜ୍ଞତା ଜ୍ଞାପନ କରୁଛନ୍ତି । ମୋଦି ଜନଗଣଙ୍କର ପସନ୍ଦ ହୋଇଥିବାବେଳେ ପ୍ରେରଣାର ଉତ୍ସ ବୋଲି ଅପରାଜିତା କହିଛନ୍ତି ।

# ୨୦୨୩ରେ ବଦଳିଯିବ ଦୁନିଆଁ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଶ୍ୱକୁ ନେଇ ଅନେକ ଭବିଷ୍ୟବାଣୀ ଆମେ ଶୁଣି ସାରିଲେଣି । ଯେମିତିକି କରୋନା ମହାମାରୀ ଏବଂ ଋଷ ୟୁକ୍ରେନ ଯୁଦ୍ଧ । ତେବେ ୨୦୨୩କୁ ନେଇ ବାବା ବେଙ୍ଗା ଭବିଷ୍ୟବାଣୀ ଆପଣ ଶୁଣିଲେ ହୁଏତ ମୁଣ୍ଡ କାମ କରିବା ବନ୍ଦ କରିଦେବ । ବାବା ବେଙ୍ଗା ଭାରତ ପାଇଁ ଯାହା କହି ଯାଇଛନ୍ତି ଶୁଣିଲେ ଆପଣଙ୍କ ପାଦ ତଳୁ ମାଟି ଖସି ଯିବ । **ଆସନ୍ତୁ ଜାଣିବା ବାବା ବେଙ୍ଗା ଭାରତକୁ ନେଇ କଣ କହିଛନ୍ତି** ବାବା ବେଙ୍ଗା ଜଣେ ଭୀକ୍ଷୁ ଥିଲେ । ୟୁଗୁନ୍ ଗାଡିଆର ବାସିନ୍ଦା ଥିଲେ ବାବା ୧୯୧୧ରେ ଜନ୍ମ ଗ୍ରହଣ କରିଥିଲେ । ୧୨ବର୍ଷ ବୟସରେ ସେ ନିଜ ଦୃଷ୍ଟି ଶକ୍ତି ହରାଇ ଥିଲେ । ହେଲେ ଭବିଷ୍ୟ ଦେଖିବାର ଶକ୍ତି ପାଇଥିଲେ । ଆଖିରେ କିଛି ଦେଖିପାରୁ ନଥିଲେ ହେଲେ ଭବିଷ୍ୟତରେ କୋଉଠି କଣ ଘଟିବ ସବୁ ଜାଣି ପାରୁ ଥିଲେ । ସୁନାମୀ କଥା ହେଉ କି ପାଣି ପାଗ ପରିବର୍ତ୍ତନ କି ମହାମାରୀ ସବୁକିଛି ପୂର୍ବକୁ ଅନୁଭବ କରିସାରିଥିଲେ ବାବ ବେଙ୍ଗା ୧୯୯୬ରେ ବାବା ବେଙ୍ଗା ଙ୍କ



ମୃତ୍ୟୁ ହୋଇଥିଲା ବାବ ବେଙ୍ଗା ଙ୍କ କହିବା ଅନୁଯାୟୀ ୨୦୨୩ରେ ଭାରତ ସମେତ ଅନେକ ଦେଶରେ ଜଳ ସଙ୍କଟ ଦେଖାଯିବ । ସମୁଦ୍ର ନଦୀ ନାଳର ପାଣି ସବୁ ଦୂଷିତ ହୋଇଯିବ । ଏମିତିକି ପାଣି ଜମି ଯିବା କାରଣରୁ ଲୋକଙ୍କୁ ଅନ୍ୟ ସ୍ଥାନକୁ ଯିବାକୁ ପଡିବ । ଲୋକଘର ଦ୍ୱାରା ଛାଡିବେ ଭାରତରେ ୫୦ଡିଗ୍ରୀ ରହିବ ଦିନର ତାପମାତ୍ରା ବଢିଲେ ଫସଲ ନଷ୍ଟ ହେବ । ଫସଲରେ ପୋକ ଜୋକ ଲାଗିଯିବେ । ଦେଶରେ ଅକାଳ ପଡିଯିବ । ତା ସହ ଏକ ଘାତକ ଭାଇରସ ପୁଣି ଦୁନିଆକୁ କନ୍ଦାଇବ। ୨୦୨୨ଶେଷ ଆଡକୁ ଏହି ଭାଇରସ ପାଇଁ ସଂକ୍ରମଣ ଖୁବ ବଢି ଚାଲିବା ସ୍ୱାସ୍ଥ୍ୟ ବ୍ୟବସ୍ଥା ଫେଲ ମାରିବା ଲୋକ ପୋକ ମାଛି ଭଳି ମରି ଚାଲିବେ । ଟେକ୍ନୋଲୋଜି ବଢିଲେ ବି କିଛି ଦେବନି । ହିନ୍ଦ ମହାସାଗରରୁ ଉଠିବ ଏକ ବିରାଟ ସୁନାମୀ ଯାହା ଅଷ୍ଟ୍ରେଲିଆ , ଇଣ୍ଡୋନେସିଆ , ନ୍ୟୁଜିଲାଣ୍ଡ ଓ ଭାରତର କିଛି ଅଂଚଳକୁ ଧୋଇ ଦେବ । ଲକ୍ଷ ଲକ୍ଷ ଲୋକ ପାଣିରେ ଭାସି ମରିଯିବେ । ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ଭାରତ ଉପରେ ଏଲିୟନ୍ସ ଆକ୍ରମଣ କରିବେ । ଏଭଳୀ ଭବିଷ୍ୟବାଣୀ ବାବା ବେଙ୍ଗୀ ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଏପ୍ରିଲ୍ ୧୧ ରୁ ୧୭, ୨୦୨୨, ଜଗତସିଂହପୁର
April 11 to 17, 2022, Jagatsinghpur


# କୁସୁମଦେବୀ କଲେଜରେ ଦିବ୍ୟାଙ୍ଗ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର

**କଟକ(ସଂପର୍କବାର୍ତ୍ତା):-** ସିଏମ୍‌ସିର ୫୩ନଂ ୱାର୍ଡ଼ ଅନ୍ତର୍ଗତ ଦରଖାପାଟଣାସ୍ଥିତ କୁସୁମଦେବୀ ସତସଙ୍ଗ ମହିଳା ମହାବିଦ୍ୟାଳୟରେ ଜଣେ ଦିବ୍ୟାଙ୍ଗ ଅଧ୍ୟାପିକାଙ୍କୁ କଲେଜର ଅନ୍ୟ ଷ୍ଟାଫ୍‌ମାନେ ଦୁର୍ବ୍ୟବହାର କରୁଛନ୍ତି। ଏ ବିଷୟରେ କଲେଜ ଅଧକ୍ଷାଙ୍କୁ ସଂପୃକ୍ତ ଅଧ୍ୟାପିକା ଅବଗତ କରୁଥିଲେ। ମଧ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, କୁସୁମଦେବୀ ମହିଳା କଲେଜରେ ୧୯୯୫ ମସିହାରୁ ଇଂରାଜ ଅଧ୍ୟାପିକା ଭାବେ ଦିବ୍ୟାଙ୍ଗ ଅଧ୍ୟାପିକା ତୁଷାରକାନ୍ତି ସାହୁ ଶିକ୍ଷଦାନ କରିଆସୁଛନ୍ତି। ୨୦୦୯ ମସିହାରେ ସରକାର ଏହି କଲେଜ ଅଧ୍ୟାପିକାଙ୍କୁ ଦରମା ଦେବାକୁ ଘୋଷଣା କରିଥିଲେ। ତେବେ ୨୦୧୭ ମସିହାରେ ଦରମା ଦେଇଥିଲେ। ଏହି ଅର୍ଥ ଅଧ୍ୟାପିକାଙ୍କୁ ଏରିୟର ଭାବେ ଦିଆଯାଇଥିଲା। ସେତେବେଳେ କଲେଜ କର୍ତ୍ତୃପକ୍ଷ ଅଧ୍ୟାପିକାଙ୍କ ସମସ୍ତ ଦରମାକୁ କାଟି ରଖିଥିଲେ। ଅଧ୍ୟାପିକା ବେତନ କଟାଯାଇଥିବା ସଂପର୍କରେ କଲେଜ ପରିଚାଳନା କମିଟି ସଭାପତି ତଥା ଏଡ଼ିୟମ୍, ଜିଲ୍ଲାପାଳ, ଶିକ୍ଷା ବିଭାଗ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ମନ୍ତ୍ରୀ, ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଟ୍ୱିଟ୍ ମଧ କରିଛନ୍ତି। ହେଲେ ସମସ୍ୟାର ସମାଧାନ ହୋଇପାରୁନାହିଁ। ସେ ୫୫ପ୍ରତିଶତ (ପୋଲିଓ) ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କ ସ୍ୱାମୀ ଧରିଧରି ତାଙ୍କୁ କଲେଜରୁ ଛାଡ଼ିବାକୁ ନେଲାବେଳ ଗେଟରେ ଜଗିଥିବା ପିଅନ ତାଙ୍କ ସ୍ୱାମୀଙ୍କୁ ଅଧାରୁ ଫେରାଇ ଦେଉଛନ୍ତି। ଏଥିପାଇଁ ସେ ମାନସିକ ଚାପରେ ଅଛନ୍ତି। ଘରେ ଆତ୍ମହତ୍ୟା କରିବାକୁ ଦୁଇଥର ଚେଷ୍ଟା କରିଛନ୍ତି ବୋଲି ତାଙ୍କ ସ୍ୱାମୀ ସୁଧାକର ମହାରଣା ଜଣାଇଛନ୍ତି। ଏ ବିଷୟରେ କଲେଜ ଅଧକ୍ଷା ଲୋପାମୁଦ୍ରା ଦାସ ନାଏକଙ୍କୁ ପଚାରିବାରୁ ସେ କହନ୍ତି ଯେହେତୁ ଏହା ଏକ ମହିଳା କଲେଜ ତେଣୁ ତାଙ୍କ ସ୍ୱାମୀଙ୍କୁ କଲେଜ କର୍ତ୍ତୃପକ୍ଷ ଦରମା ଦେଉଥିଲେ। ତେଣୁ ସରକାର ଯେତେବେଳ ଦରମା ଦେଲେ ସେହି ଅର୍ଥ (୩ ଲକ୍ଷ ୩୬ ହଜାର ୭୨୫ ଟଙ୍କା)କୁ କଲେଜ କର୍ତ୍ତୃପକ୍ଷ କାଟି ରଖିଛନ୍ତି। କେବଳ ତାଙ୍କର ନୁହଁ ସମସ୍ତ ଅଧ୍ୟାପିକାଙ୍କ ବେତନକୁ କାଟି ରଖାଯାଇଛି। ଏଥିପାଇଁ କଲେଜରେ ଏକ ରିଜୋଲ୍ୟୁସନ୍ ଅନୁମୋଦିତ ମଧ ହୋଇଥିଲା। ଏହି ଅଭିଯୋଗକୁ ନେଇ ତୁଷାରକାନ୍ତି ମଧ କୋର୍ଟକୁ ଯାଇସାରିଛନ୍ତି ବୋଲି ସେ କହିଛନ୍ତି।

# ବିଇଓଙ୍କୁ ଅସମ୍ମାନିତ କରି ସିଆର୍‌ସିସି ନିଲମ୍ବିତ

**କୋରେଇ(ସଂପର୍କବାର୍ତ୍ତା):-** କୋରେଇ ଶିକ୍ଷା ମଣ୍ଡଳର ଅଧିକାରୀଙ୍କୁ ଭର୍ଚୁଆଲ୍ ବୈଠକରେ ଅସମ୍ମାନ କରିବା ଯୋଗୁ ସୋତି କ୍ଲଷ୍ଟରର ସିଆର୍‌ସିସି ପ୍ରଶାନ୍ତ ବେହେରାଙ୍କୁ ନିଲମ୍ବନ କରାଯାଇଛି। ଚଳିତ ମାସ ୬ ତାରିଖରେ କୋରେଇ ବିଇଓ ସୁଦର୍ଶନ ମଲିକ ମଧ୍ୟାହ୍ନ ଭୋଜନ ସଂପର୍କରେ ସମସ୍ତ ସିଆର୍‌ସିସିଙ୍କୁ ନେଇ ଭର୍ଚୁଆଲ୍ ବୈଠକ କରିଥିଲେ।




ବୈଠକରେ ସୋତି କ୍ଲଷ୍ଟର ଅନ୍ତର୍ଗତ ଏକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ସମ୍ପର୍କରେ ସିଆର୍‌ସିସି ପ୍ରଶାନ୍ତ ବେହେରା ଆଲୋଚନା କରିଥିଲେ। ଆଲୋଚନା ସମୟରେ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଦେଇଥିବା ଉତ୍ତରରେ କ୍ଷୁବ୍ଧ ହୋଇ ସୋତି ସିଆର୍‌ସିସି ଶ୍ରୀ ବେହେରାଙ୍କୁ ଅସମ୍ମାନିତ କରିଥିଲେ। ଅନ୍ୟପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଶ୍ରୀ ବେହେରା। ଏଭଳି କିଛି ହୋଇନଥିବା କହିଛନ୍ତି ଶ୍ରୀ ବେହେରା। ତେବେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏପରି ଭାଷା ପ୍ରୟୋଗ କରିବା ଆଇନ ସଙ୍ଗତ ହୋଇନଥିବାରୁ ଶ୍ରୀ ବେହେରାଙ୍କୁ ନିଲମ୍ବନ କରାଯାଇଥିବା ବିଇଓ ଶ୍ରୀ ମଲିକ କହିଛନ୍ତି। ନିଲମ୍ବନ ପତ୍ର ଡାକ ଯୋଗେ ସିଆର୍‌ସିସି ଶ୍ରୀ ବେହେରାଙ୍କୁ ପଠାଯାଇଛି।

# ରାଜ୍ୟପାଳଙ୍କ ଦ୍ୱାରା ବିବୁଧରଂଜନଙ୍କ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ହାତରେ ବିଶିଷ୍ଟ ଲେଖକ ଡକ୍ଟର ବିବୁଧରଂଜନଙ୍କ ଲିଖିତ ତିନିଗୋଟି ପୁସ୍ତକ 'ମର୍ଡର ମିଷ୍ଟ୍ରି ଅଫ୍ ଶ୍ରୀ ଚୈତନ୍ୟ' (ଇଂରାଜୀ), 'ହିଁ ମୃତ୍ୟୁ ପରେବି ଜୀବନ' ଓ 'ଭକ୍ତ ଡ଼ୋରୀରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ କବି ରକ୍ଷକ ନାୟକ ଓ ପ୍ରକାଶକ ବିଜୟ କୁମାର ମହାପାତ୍ର (ବି କେ ପବ୍ଲିକେସନ୍ସ ପ୍ରା. ଲି.) ଉପସ୍ଥିତ ଥିଲେ।



# କଟକ ସଦର ବ୍ଲକ୍ ଆର୍‌ଟିଆଇ ତଥ୍ୟ ଦେଉନାହିଁ

**କଟକ(ସଂପର୍କବାର୍ତ୍ତା):-** ପ୍ରଶାସନରେ ସ୍ୱଚ୍ଛତା ଆଣିବାପାଇଁ ସରକାର ସୂଚନା ଅଧିକାର ଆଇନ ଲାଗୁ କରିଛନ୍ତି। ଏହି ଆଇନ ବଳରେ ସରକାରୀ କାର୍ଯ୍ୟାଳୟରୁ ଦରକାରୀ ତଥ୍ୟ ୩୦ ଦିନ ମଧରେ ଦେବାର ନିୟମ ରହିଛି। ମାତ୍ର କଟକସଦର କାର୍ଯ୍ୟାଳୟରେ ଏହି ଆଇନକୁ ଉଲ୍ଲଂଘନ କରାଯାଉଛି ବୋଲି ଆୟଡ଼ପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗୋକୁଳ ପ୍ରଧାନ ଅଭିଯୋଗ କରିଛନ୍ତି। ଫନିର କ୍ଷୟକ୍ଷତି ଆକଳନ ତଥ୍ୟ ଜାଣିବାପାଇଁ ୨୦୨୦ ମାର୍ଚ୍ଚ ମାସରେ ଶ୍ରୀ ପ୍ରଧାନ ବ୍ଲକର ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଆବେଦନକାରୀ ଏହି ସୂଚନା ପାଇପାରିନାହାନ୍ତି। ଏଥିଯୋଗୁଁ ୨୦୨୦ ମେ ୨୬ରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥାବିଡ଼ିଓ ରାଜୀବ ଲୋଚନ ପରିଡ଼ାଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ମଧ ଅପିଲକୁ ଏ ପର୍ଯ୍ୟନ୍ତ ଝୁଲାଇ ରଖିଛନ୍ତି। ଏହି ବ୍ଲକ କାର୍ଯ୍ୟାଳୟରୁ ତଥ୍ୟ ମିଳୁ ନ ଥିବାରୁ ରାଜ୍ୟ ସୂଚନା ଆୟୁକ୍ତଙ୍କ ଇଜିଲାସରେ ସଦର ବ୍ଲକର ଦ୍ୱିତୀୟ ଅପିଲ ମାମଲା ବଢ଼ିବାରେ ଲାଗିଛି। ତେଣୁ ଏଥିରେ ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସୂଚନା ଆୟୁକ୍ତ କଟକ ଜିଲ୍ଲାପାଳଙ୍କୁ ଏ ଅଭିଯୋଗରେ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଆୟୁକ୍ତଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କଟକସଦର ଲୋକ ସୂଚନା ଅଧିକାରୀଙ୍କୁ ନୋଟିସ ମଧ କରି ସାରିଛନ୍ତି। ହେଲେ ବ୍ଲଖ ଜନ ସୂଚନା ଅଧିକାରୀ ଏହାକୁ ଖାତିର କରୁନାହାନ୍ତି।

# ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ପ୍ରତିବାଦ

**କଟକ(ସଂପର୍କବାର୍ତ୍ତା):-** ଜଣେ ଡାକ୍ତର କେବଳ ଦ୍ୱିତୀୟ ଭଗବାନ ନୁହଁନ୍ତ ତାଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ହେଉଛି ରୋଗୀଟିର ସେବା ଓ ଆନ୍ତରିକତାପୂର୍ଣ୍ଣ ଦାୟିତ୍ୱ। ଗତ ଦୁଇବର୍ଷ ହେଲା କରୋନା ମହାମାରୀ ବେଳେ ବିଶ୍ୱବ୍ୟାପୀ ସହ ଭାରତର ହଜାର ହଜାର କେବଳ ଡାକ୍ତର ନୁହଁନ୍ତି, ଫାର୍ମାସିଷ୍ଟ, ନର୍ସିଂ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମଚାରୀଙ୍କ ଜୀବନ ଅକାଳେ ଝଡ଼ି ପଡ଼ିଛି। ସରକାର ଡାକ୍ତର ମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଆଇନ ଦେଇଛନ୍ତି କିନ୍ତୁ ତାହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ନିକଟରେ ରାଜସ୍ଥାନ, ଲାଲସଟ ସ୍ଥିତ ଆନନ୍ଦ ହସ୍ପିଟାଲରେ ସ୍ୱର୍ଣ୍ଣ ପଦକପ୍ରାପ୍ତ ଖ୍ୟାତନାମା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ଆତ୍ମହତ୍ୟା ସମଗ୍ର ଡାକ୍ତର ସମାଜକୁ ବ୍ୟଥିତ କରିଛି। ଏକ ଆସନ୍ନ ପ୍ରସବା ମହିଳାଙ୍କର ପ୍ରସୂତୀ ପରବର୍ତ୍ତୀ ପ୍ରତିକ୍ରିୟା ଯୋଗୁଁ ରକ୍ତସ୍ରାବ ହୋଇ ମୃତ୍ୟୁବରଣ ଘଟଣାରେ ଡା.ଶର୍ମାଙ୍କ କୌଣସି ଭୁଲ ନଥାଇ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା ଅପରାଧ ଭାବେ ବିବେଚନା କରିବାର ଦୁଃଖଦ ଘଟଣାରେ ଅତ୍ୟନ୍ତ ମାନସିକ ଚାପ ଓ ସର୍ବସାଧାରଣରେ ନିନ୍ଦିତ ତଥା ଅପମାନିତ ହେବାର ମାନସିକ ଚାପ ଯୋଗୁଁ ଡା.ଶର୍ମା ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେଲେ। ଏହି ଦୁଃଖଦ ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରାଯାଇ ସମସ୍ତ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ଭାରତୀୟ ଚିକିତ୍ସକ ସଂଘର ଡାକରାରେ ସମଗ୍ର ଦେଶରେ ଡାକ୍ତରମାନେ ଏପ୍ରିଲ ୨ ତାରିଖରେ କଳା ବ୍ୟାଜ ପିନ୍ଧିବା ସହିତ ସନ୍ଧ୍ୟାରେ ଏକ ନୀରବ ଶୋଭାଯାତ୍ରା କରି ଏହି ଦୁଃଖଦ ଘଟଣାର ପ୍ରତିବାଦ କରିଅଛନ୍ତି। ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ସଂପାଦକ ଡା.ବ୍ରଜ କିଶୋର ଦାଶଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ମେଡ଼ିକାଲ କ୍ୟାମ୍ପସରେ ପରିକ୍ରମ କରିଥିଲା। ଏଥିରେ ରାଜ୍ୟ ଅର୍ଥ ସମ୍ପାଦକ ଡା.ମୃତ୍ୟୁଞ୍ଜୟ ମହାପାତ୍ର, ଆଇ.ଏମ୍.କେନ୍ଦ୍ରିୟ କମିଟି ସଭ୍ୟ ଡା.ଜନ୍ମେଜୟ ମହାପାତ୍ର, ଡା.ଦେବ ପ୍ରସାଦ ମହାନ୍ତି, ଡା. ଦୀପକ ଦାସ, ବିଶିଷ୍ଟ ଯୁବ ମାନସିକ ରୋଗ ବିଶେଷଜ୍ଞ ଡା.ସମ୍ରାଟ କର, ଡା. ଜ୍ୟୋର୍ତିମୟ ନାୟକ ଏବଂ ଏସ.ସି.ବି. ମେଡ଼ିକାଲ କଲେଜର ଛାତ୍ର ନେତା ଓ ବହୁ ଛାତ୍ରଛାତ୍ରୀ ଏହି ଶୋଭା ଯାତ୍ରାରେ ଯୋଗ ଦେଇଥିଲେ।




# ରସଲପୁର ଗ୍ରାମରେ ବାସନ୍ତୀ ପୂଜା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ବ୍ଲକ୍ ରସଲପୁର ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟ ସଲଗ୍ନ ପଡିଆରେ ସବୁବର୍ଷ ପରି ଏ ବର୍ଷ ମଧ ଦେବୀ ମଣ୍ଡପରେ **ଶ୍ରୀ ଶ୍ରୀ ମା' ବାସନ୍ତୀ ଦୁର୍ଗାଙ୍କର ତ୍ରିଦିନାତ୍ମକ ଦଶହରା(ପାର୍ବଣ)** ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଏହା ୭ ତାରିଖ ଠାରୁ ଆରମ୍ଭ ହୋଇ ୫ ଦିନ ପର୍ଯ୍ୟନ୍ତ ତଥା ୧୧ ତାରିଖ ସୋମବାର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ରହିଛି। ଏହି ବାସନ୍ତୀ ପୂଜାରେ ଆଖପାଖ ଅଞ୍ଚଳର ବହୁ ଧର୍ମାବଲମ୍ବି ତଥା ଶ୍ରଦ୍ଧାଳୁମାନେ ପହଞ୍ଚୁଥିବା ଓ ଜନଗହଳି ପରିପୂର୍ଣ୍ଣତା ରହୁଥିବା ଲକ୍ଷ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମଟିକୁ ସ୍ଥାନୀୟ ମୁରବୀ ଭାବେ ମହେଶ୍ୱର ମହାପାତ୍ର, ବିଜୟ କୁମାର ପତି, ଶୁଭେନ୍ଦୁ ମହାନ୍ତି, ଦେବାଶିଷ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଆସୁଛି। ନବମୀ ଦିନ କାଳିକା ନାଚ ବେସ୍ ଆକର୍ଷଣୀୟ ହୋଇଥିବା ବେଳେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।



# କଟକ ମେୟରଙ୍କୁ ସମ୍ବର୍ଦ୍ଧନା

**କଟକ (ସଂପର୍କବାର୍ତ୍ତା) -** କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନଂ୫୧ରେ ୱାର୍ଡ଼ ସଭାପତି ନୀଳମାଧବ ଖୁଣ୍ଟିଆ, କର୍ପୋରେଟର ପ୍ରାର୍ଥୀ ରାଜଲକ୍ଷ୍ମୀ ଖୁଣ୍ଟିଆ, ତିନି ଘରିଆ ପୂଜା କମିଟି ସଭାପତି ଲେନିନ୍ ଖୁଣ୍ଟିଆ, ଲକ୍ଷ୍ମୀଧର ପଶାୟତ, ବୃନ୍ଦାବନ ବରାଳ, ହରିସାହୁ, ମୁନାଭାଇ, ସୁବାସ ଚନ୍ଦ୍ର ସାହୁ, ଶୁଭମ୍ ରାଉତରାୟ, ତିଲୁ ଖୁଣ୍ଟିଆ, ଧନଞ୍ଜୟ ନନ୍ଦ, ମଳୟ ଭାଇ, ଯୁବ ବିଜେଡ଼ି ନେତା ପ୍ରଭାସ ପଶାୟତ, ଆଲୋକ କୁମାର ବସ୍ତିଆ, ମୁନୁ ବାବୁ, ସସ୍ମିତା ଦିଦି, ୱାର୍ଡ଼ର ବରିଷ୍ଠ ନେତା ବିଘ୍ନେଶ୍ୱର ପଶାୟତ ପ୍ରମୁଖ ମେୟର ସୁବାସ ସିଂହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏହି ୱାର୍ଡ଼କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି।



## ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଓଡିଆ ଯୁବ ଲେଖକ ସମ୍ମେଳନ ମିଳିତ ଆନୁକୂଲ୍ୟରେ

# ମହାସମାରୋହରେ ହେବ ବିଷୁବ ସାହିତ୍ୟ ପର୍ବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଖୋର୍ଦ୍ଧା ସାହିତ୍ୟ ସଂସଦ ଏବଂ ଓଡିଆ ଯୁବ ଲେଖକ ସମ୍ମେଳନର ମିଳିତ ଆନୁକୂଲ୍ୟରେ 'ରାଜ୍ୟ ଲେଖକ ସମାବେଶ ଓ ବିଷୁବ ସାହିତ୍ୟ ପର୍ବ' ଆସନ୍ତା ୧୪ ଅପ୍ରେଲ ଗୁରୁବାର ଦିନ ସ୍ଥାନୀୟ ପ୍ରାଣନାଥ ମହାବିଦ୍ୟାଳୟର ମୈତ୍ରୀ ଭବନରେ ମହାସମାରୋହରେ ଆୟୋଜିତ ହେବ ବୋଲି ଓଡିଆ ଯୁବ ଲେଖକ ସମ୍ମେଳନର ରାଜ୍ୟ ସାଧାରଣ ସଂପାଦକ ବନୋଜ ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜକ ତଥା ସାହିତ୍ୟ ସଂସଦର ଉପଦେଷ୍ଟା ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଏବଂ ସଂପାଦକ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ ଶ୍ରୀରାମ ନଗରସ୍ଥିତ ଖୋର୍ଦ୍ଧା ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଦିବସ ବ୍ୟାପି ଚାରିଗୋଟି ସୋପାନ ମାଧ୍ୟମରେ ହେବାକୁ ଥିବା ଏହି ସାହିତ୍ୟ ପର୍ବରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ସାହିତ୍ୟିକ ମାନେ ଯୋଗଦାନ କରି ସେମାନଙ୍କ ପ୍ରଜ୍ଞାଦୀପ୍ତ ଅଭିଭାଷଣ ପ୍ରଦାନ କରିବେ। ଏହି ସମାବେଶ ସାହିତ୍ୟ ଜଗତରେ ନୂତନ ପିଢୀଙ୍କୁ ଦିଗ୍‌ଦର୍ଶନ ଯୋଗାଇଦେବ ବୋଲି ଆୟୋଜକ ମାନେ କହିଛନ୍ତି। ଶେଷରେ ସାହିତ୍ୟ ସଂସଦର ସହସଂପାଦକ ଡକ୍ଟର କୈଳାଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ଡକ୍ଟର ସସ୍ମିତା ପଟ୍ଟନାୟକ, ସଂଗଠନ ସଂପାଦକ ବିଭୂପ୍ରସାଦ ହରିଚନ୍ଦନ, କୋଷାଧକ୍ଷ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାକ୍ତନ ସଂପାଦକ ଡକ୍ଟର ନିରଂଜନ ମହାନ୍ତି, ଶିକ୍ଷାବିତ୍ ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ, ଉପଦେଷ୍ଟା ବଂଶୀଧର ରାଉତ, ଆଇନଜୀବି ବିଧାନ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଭୀମସେନ ପ୍ରଧାନ, କବି ଆରତୀ ମଂଜରୀ ଦାଶ, ଅଧ୍ୟାପିକା ସସ୍ମିତା ମୁଦୁଲି, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, କବି ବାସୁଦେବ ସାହୁ ପ୍ରମୁଖଙ୍କ ସମେତ ସଂସଦର ସମସ୍ତ ସଭ୍ୟ ତଥା କର୍ମକର୍ତାମାନେ ଉପସ୍ଥିତ ଥିଲେ।




# ଭଗବାନ ପର୍ଶୁରାମ ନିଜ ମାଙ୍କ ମୁଣ୍ଡ କାଟିଥିଲେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ଋଷି ଜମଦଗ୍ନି ଓ ରେଣୁକାଙ୍କ ପୁତ୍ର ପର୍ଶୁରାମ ତାଙ୍କ ମାଙ୍କ ମୁଣ୍ଡ କାଟିଦେଇଥିବାର ଆପଣମାନେ ପୁରାଣରେ ପଢିଥିବେ ଓ ଜାଣିଥିବେ। ତେବେ ଆପମାନଙ୍କ ମଧରୁ ବହୁତ କମ ଲୋକେ ଜାଣିଥିବେ ପର୍ଶୁରାମଙ୍କ ଏପରି ପଦକ୍ଷେପର କାରଣ ଶାସ୍ତ୍ରାନୁସାରେ ଜମଦଗ୍ନୀ ଓ ମାତା ରେଣୁକାଙ୍କ ୫ପୁଅଙ୍କ ମଧ୍ୟରୁ ପର୍ଶୁରାମ ଥିଲେ ସାନ ପ୍ରଥମେ ତାଙ୍କ ନାମ ରାମ ଥିଲା ତେବେ ଶିବଙ୍କ ଠାରୁ ବରରେ ପ୍ରାପ୍ତ କରିଥିବା ପରଶୁ ଯୋଗୁ ପରେ ସେ ପର୍ଶୁରାମ ଭାବେ ପରିଚିତ ହୋଇଥିଲେ। ପର୍ଶୁରାମ ତାଙ୍କ କ୍ରୋଧୀ ସ୍ୱଭାବ ଯୋଗୁ ମଧ ପରିଚିତ ଥିଲେ ଥରକର କଥା ମାତା ରେଣୁକା ଆଶ୍ରମ ନିକଟସ୍ଥ ନଦୀକୁ ପାଣି ଆଣିବାକୁ ଯାଇଥିଲେ ସେଠାରେ ସେ ପାଣି ଆଣିବା ବେଳେ ଜଣେ ରାଜପୁତ୍ରଙ୍କୁ ଦେଖି ମୋହିତ ହୋଇଥିଲେ। ।ଏପରିକି ସେ କଣ ପାଇଁ ଆସିଛନ୍ତି ତା ଭି ଭୁଲି ଯାଇଥିଲେ ଏଣେ ଆଶ୍ରମରେ ଜମଦଗ୍ନୀ ରେଣୁକାଙ୍କ ଅପେକ୍ଷା କରିଥିଲେ ସେ ଧ୍ୟାନବଳରେ ରେଣୁକାଙ୍କ ମନୋବସ୍ଥା ଜାଣିପାରି କ୍ରୋଧିତ ହୋଇଥିଲେ। ରେଣୁକା ବିଳମ୍ବରେ ଆଶ୍ରମରେ ଆସି ପହଂଚିବାରୁ ଜମଦଗ୍ନୀ ବଡପୁଅଙ୍କୁ ମାତାଙ୍କ ବଧ ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ସେ ତାହା ନ କରିବାର ଜଣଜଣ କରି ୪ପୁଅଙ୍କ ଏକା ନିର୍ଦ୍ଦେଶ ଦେଇ ହେବା ପରେ ଏଥିଲାଗି ପର୍ଶୁ ରାମଙ୍କୁ ନିର୍ଦ୍ଦେଶ ଦେଇ ମାତାଙ୍କ ସମେତ ୪ଭ୍ରାତାଙ୍କୁ ବଦ୍ଧ କରିବାକୁ କହିଥିଲେ। ପର୍ଶୁରାମ ସାମନ୍ୟ ବିଳମ୍ବ ନ କରି ପିତାଆଜ୍ଞା ପାଳନ କରିଥିଲେ। ଏଥିରେ ସନ୍ତୁଷ୍ଟ ହୋଇ ଜମଦ୍ୟଗ୍ନୀ ପର୍ଶୁରାମଙ୍କୁ ବର ଯାଚନା କରିଥିଲେ। ଏଥିରେ ସେ ତାଙ୍କ ମାତା ଓ ୪ଭାଇଙ୍କୁ ପୂନର୍ଜୀବନଲାଗି ନିବେଦନ କରିବା ସହ ନିଜ ଲାଗି ଅଜୟ ବରକାମନା କରିଥିଲେ। ଏଥିରେ ପିତା ତାଙ୍କର ସମସ୍ତ କାମନା ପୂର୍ତ୍ତି କରିଥିଲେ। ପର୍ଶୁରାମ ତାଙ୍କ ପିତାଙ୍କ ଶକ୍ତି ସମ୍ପର୍କରେ ଜ୍ଞାତ ଥିଲେ । ଏଣୁ ଆଜ୍ଞା ପାଳନ କରି ପିତାଙ୍କ ପୁରଣ କରିବା ସହ ତାଙ୍କ ତପ ବଳରେ ଭାଇ ଓ ମାତାଙ୍କ ପ୍ରାଣ ତାଙ୍କର ସମସ୍ତ କାମନା ପୂର୍ତ୍ତି କରିଥିଲେ । ପର୍ଶୁରାମ ତାଙ୍କ ଶକ୍ତି ସମ୍ପର୍କରେ ଜ୍ଞାତ ଥିଲେ । ଏଣୁ ଆଜ୍ଞା ପାଳନ କରି ପିତାଙ୍କ ଇଚ୍ଛା ପୁରଣ କରିବା ସହ ତାଙ୍କ ତପ ବଳରେ ଭାଇ ଓ ମାତାଙ୍କ ପ୍ରାଣ ରକ୍ଷା ବି କରିଥିଲେ। ଏଣୁ ବିଷ୍ଣୁଙ୍କ ଦଶବତାରରୁ ପର୍ଶୁରାମ ତାଙ୍କର ଷଷ୍ଠ ଅବତାର ଥିଲେ ଓ ରାମଚନ୍ଦ୍ର ଙ୍କ ସମୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲେ। ଏପରିକି ଭାଗବାନ ଶ୍ରୀରାମଙ୍କ ସହ ପର୍ଶୁରାମଙ୍କ ଯୁଦ୍ଧ ହୋଇଥିବା ବି ପୁରାଣରେ ବର୍ଣ୍ଣିତ ରହିଛି।



# କ୍ଷୀର ଠାରୁ ଅଧିକ ସ୍ୱାସ୍ଥ୍ୟକର ବିୟର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କ୍ଷୀରକୁ ଅତ୍ୟନ୍ତ ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଉଥିବା ବେଳେ ବିୟର ଏହାଠାରୁ ସ୍ୱାସ୍ଥ୍ୟକର ବୋଲି ପ୍ରକାଶ କରିଛି ପେଟା ଏହା ସହିତ ବିୟର ଓ କ୍ଷୀର ପିଇବା ଦ୍ୱାରା କଣ କଣ ଫାଇଦା ମିଳୁଛି ଏବଂ କଣ କ୍ଷତି ହେଉଛି ଏହା ଉପରେ ମଧ ଆଲୋଚନା କରାଯାଇଛି। ହାଡ ସଶକ୍ତ ନଥିଲେ(ଅଷ୍ଟିଓପୋରୋସିସ )ରେ କ୍ଷୀର ପିଇବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର ତେବେ ନିକଟରେ ଏକ ଅଧ୍ୟନରୁ ମିଳିଥିବା ସୂଚନା ଅନୁଯାୟୀ ପିଇବା ଅଷ୍ଟିଓପୋରୋସିସ୍ ପାଇଁ ଅଧିକ ଘାତକ ସାବ୍ୟସ୍ତ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଦେଖାଦେଉଥିବା କିଛି ଶାରୀରିକ ସମସ୍ୟା ଉପରେ ମଧ ପେଟା ପକ୍ଷରୁ ଦୃଷ୍ଟିପାତ କରାଯାଇଛି। କ୍ଷୀରପାନ ଦ୍ୱାରା ହୃଦରୋଗ କ୍ୟାନ୍ସର ମଧୁମେହ(ଡାଇବେଟିସ୍) ମେଦ ବହୁଳତା ଏବଂ ବ୍ରଣ ପରି ସମସ୍ୟା ଦେଖା ଦେଇଥାଏ। ଏହା ସହିତ ମ୍ୟୁକସ୍ (ଚର୍ମ ରୋଗ) ଏବଂ ଲାକ୍ଟୋଜ ଇନଟଲେରାନ୍ସ ପରି ରୋଗ ମଧ ଦେଖାଦେଇଥାଏ। ତେବେ ହାର୍ଭାର୍ଡ ମେଡିକାଲ ସ୍କୁଲ ପକ୍ଷରୁ କରାଯାଇଥିବା ୧୦୦ରୁ ଅଧିକ ଅଧୟନ ନିୟମିତ ସୀମିତ ପରିମାଣରେ ମଦ୍ୟପାନ ସୁସ୍ଥ ରହିବାରେ ସହାୟକ ହୋଇଥାଏ। ନିୟମିତ ମୃଦୁ ମଦ୍ୟପାନ ଦ୍ୱାରା ହୃଦଘାତକୁ ପ୍ରତିରୋଧ କରିହେବା ଏହା ସହିତ ଧମନୀରେ ହେଉଥିବା ବ୍ଲକେଜ୍ ହଟାଇବାରେ ମଧ ଏହା ସହାୟକ ହୋଇଥାଏ। ହୃଦରୋଗ ସମ୍ବନ୍ଧୀୟ ସମସ୍ତ ରୋଗରୁ ମୁକ୍ତି ମିଳୁଥିବା ବେକେଷ୍ଟୋନ ଓ ପ୍ରତିରୋଧ କରିହେବ। ଏହା ସହିତ ଧମନୀରେ ହେଉଥିବା ବ୍ଲକେଜ୍ ହଟାଇବାରେ ମଧ ଏହା ସହାୟକ ହୋଇଥାଏ। ହୃଦରୋଗ ସମ୍ବନ୍ଧୀୟ ସମସ୍ତ ରୋଗରୁ ମୁକ୍ତି ମିଳୁଥିବା ବେକେଷ୍ଟୋନ ଓ ଟାଇପ୍ -୨ଡାଇବେଟିସରୁ ମଧ ସୁରକ୍ଷା ମିଳିଥାଏ। ଏହା ସହିତ କ୍ଷୀର ଗାଇର ଖାଦ୍ୟ ହୋଇଥିବା ବେଳେ ଏହାକୁ ଖାଇବା ଠିକ୍ ନୁହେଁ ଗାଇ ଠାରୁ ବାଛୁରୀକୁ ଅଲଗା କରିବା ମଧ କ୍ରୁରତା ଭାବରେ ବିବେଚନା କରାଯିବା ଉଚିତ୍ ଗାଇ ମାନଙ୍କ ଠାରୁ ନିର୍ଗତ ମିଥେନ୍ ପରିବେଶ ପ୍ରଦୂଷିତ କରୁଥିବା ବେଳେ ବିୟରରେ ଏହି ସବୁ ଅସୁବିଧା ରହିନଥାଏ ବୋଲି ପେଟା ପକ୍ଷରୁ କୁହାଯାଇଛି। ଦୁଗ୍ଧଜାତ ଉତ୍ପାଦ ପରିତ୍ୟାଗ କରୁଥିବା ଜଣେ ବ୍ୟକ୍ତି ଅନ୍ୟୂନ ୨୦୦ଗାଇଙ୍କ ଜୀବନ ରକ୍ଷା କରିଥାଏ ବୋଲି ପେଟା ପକ୍ଷରୁ କୁହାଯାଇଛି।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ରାଜ୍ୟ ବିଜେପିରେ ଆମୁଳଚୂଳ ପରିବର୍ତ୍ତନ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଜେପି ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ଚଳଚଞ୍ଚଳ ହେଉଛି ବିଜେପି ରାଜନୀତି। ମାସକୁ ମଧ୍ୟରେ ଦଳ ଭିତରେ ବଡ ଧରଣର ଅଦଳବଦଳ ହେବାର ଆଶଙ୍କା କରାଯାଉଛି। ଏ ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ଦିଲ୍ଲୀର ମଙ୍ଗୁଆଳ ବଦଳାଇବା ସହିତ ମୁଖ୍ୟମନ୍ତ୍ରୀ ଚେହେରା ବି ଘୋଷଣା କରିବ ଦଳ। ୨୦୨୪ ପାଇଁ ପୁରା ଖସଡା ପ୍ରସ୍ତୁତ ହେବ। ଏବେ **କେନ୍ଦ୍ରୀୟ ବିଜେପି ନେତାଙ୍କ ଫୋକସ୍‌ରେ ଓଡ଼ିଶା।** ଜୋର୍‌ଦାର ଲଢେଇ କରିବାକୁ ରଣନୀତି ଦିଲ୍ଲୀରେ ତିଆରି ହେଉଛି। ସାମ୍ନାକୁ ଆସିବେ ନିୟମିତ ଭାବରେ କେନ୍ଦ୍ରମନ୍ତ୍ରୀମାନେ ଆସି ବିଭାଗ ସମୀକ୍ଷା କରିବା ସହିତ ଲୋକଙ୍କ ସହିତ ମିଶିବେ। ଯୋଜନାର ହିତାଧିକାରୀଙ୍କ ସହିତ ଆଲୋଚନା କରି ସରକାରଙ୍କୁ ଘେରିବେ। ଏଭଳି କିଛି ନକ୍ସା ପ୍ରସ୍ତୁତ କରିଛନ୍ତି କେନ୍ଦ୍ରୀୟ ବିଜେପି ନେତା। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଦଳର

## ଘୋଷଣା ହେବ ମୁଖ୍ୟମନ୍ତ୍ରୀ ଚେହେରା

ଶୀର୍ଷ ସ୍ତରର ନେତା। ଯାହା କୁହାଯାଉଛି କି ସମ୍ବିତ୍ ପାତ୍ରଙ୍କୁ ଦଳ ଆଗକୁ ଆଣିବା ପାଇଁ ପ୍ରସ୍ତୁତ ହେଉଛି। ଏକ ପ୍ରକାର ନିଷ୍ପତ୍ତି ହୋଇସାରିଛି। ବିଭିନ୍ନ ବର୍ଗର ନେତାଙ୍କ ସହିତ ଘନ ଘନ ବୈଠକ ପରେ ଦଳର ନେତା ଏକ ପ୍ରକାର ନିର୍ଯ୍ୟାସରେ ପହଞ୍ଚିଛନ୍ତି। ରାଜ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତାଙ୍କୁ ଆଗକୁ ଛାଡିବ ଦଳ। ଏପରି ସେ ମୁଖ୍ୟମନ୍ତ୍ରୀ ଚେହେରା ବୋଲି ରାଜ୍ୟବାସୀଙ୍କୁ ଏକପ୍ରକାର ବାର୍ତ୍ତା ଯିବ। ଏହା ପରେ ଅମିତ୍ ଶାହା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ସରକାର ଓ ବିଜେଡି ବିରୁଦ୍ଧରେ ଆକ୍ରମଣ ଜାରି ରଖିବେ। ମିଶନ ୨୦୨୪ ଏକ ପ୍ରକାର ସଫଳ ହୋଇପାରେ ବୋଲି ଆଶା ରଖିଛନ୍ତି ନେତା।

ଗତ କାଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ସେ ଓଡ଼ିଶାର ବିକାଶ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।




ଏଥି ସହିତ ବିଭିନ୍ନ ପ୍ରସଙ୍ଗରେ ସେ ପ୍ରଧାନମନ୍ତ୍ରୀଙ୍କ ଉପଦେଶକୁ ମଧ୍ୟ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନିଜର ରିପୋର୍ଟକାର୍ଡ ପ୍ରଦାନ କରିଥିଲେ। ତେବେ ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। କାରଣ ବର୍ତ୍ତମାନ ରାଜ୍ୟ ବିଜେପିର ଦିଲ୍ଲୀଗସ୍ତ ରାଜନୀତି ଚାଲିଛି। ଦିନେ ରାଜ୍ୟ ନେତୃବର୍ଗ ରାଷ୍ଟ୍ରୀୟ ସଭାପତିଙ୍କୁ ସାକ୍ଷାତ କରିଥିବା ବେଳେ, ଆଉ ଦିନେ ବିଧାୟକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏପରି ପରିସ୍ଥିତିରେ ଅପରାଜିତା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ବିଜେପି ରାଜନୀତିରେ ଏକ ନୂଆ ମୋଡ ସୃଷ୍ଟି ହୋଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ ସହିତ ଅପରାଜିତା ରାଜ୍ୟ ବିଜେପି ରାଜନୀତି ଉପରେ କଥା ହୋଇଛନ୍ତି କି ନାହିଁ ସେ ସଂପର୍କରେ କିଛି କହିନାହାଁନ୍ତି। ହେଲେ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେପିର ପ୍ରଦର୍ଶନ ଉପରେ ନିଶ୍ଚିତ ଆଲୋଚନା କରିଥିବେ। ଏପରିକି ରାଜ୍ୟ ନେତୃତ୍ୱ କିପରି ଦୁର୍ବଳ ଥିଲା ତାହା ମଧ୍ୟ ଅବଗତ କରାଇଥିଲେ।

ନିକଟରେ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରୀୟ ସଭାପତିଙ୍କୁ ସାକ୍ଷାତ କରିଛନ୍ତି। ଏଥିରେ ସେମାନେ କ'ଣ କଥା ହେଲେ ତାହା କେହି କହି ନଥିଲେ ମଧ୍ୟ ଅପରାଜିତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ବୋଲି କୁହାଯାଉଛି। ସେହିପରି ବିରୋଧୀ ଦଳ ନେତା ମଧ୍ୟ ବଦଳିବେ। ନିକଟରେ ବିଧାୟକ ଦଳ ଟିମ୍ ଦିଲ୍ଲୀ ଯାଇ ଫେରିଛନ୍ତି। ଏଠାରେ ଏକ ପ୍ରକାର ନିଷ୍ପତ୍ତି ହୋଇସାରିଛି। ବିଷ୍ଣୁ ସେଠୀଙ୍କ ନାଁ ସବୁଠୁ ଆଗରେ ରହିଥିବା ବେଳେ ଜୟନାରାୟଣ ମିଶ୍ର ମଧ୍ୟ ଦୌଡରେ ରହିଛନ୍ତି। ଦଳରେ ପୂରା ଅମୁଳଚୂଳ ପରିବର୍ତ୍ତନ ନେଇ ଆଲୋଚନା ହୋଇଛି। ଏପରିକି ଅନେକ ବିଜେପି ନେତା ଭେଟଘାଟକୁ ନେଇ ଛାନିଆ ମଧ୍ୟ ହୋଇପଡିଥିବା କୁହାଯାଉଛି। ତେବେ ସବୁ ପରେ ମଧ୍ୟ ଦଳର ମାର୍ଗଦର୍ଶକ କୁହାଯାଉଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଇଷାରାରେ ହିଁ ଦଳର ନେତୃତ୍ୱ ବଛାଯିବ ବୋଲି କହିଛନ୍ତି ଦଳର ବରିଷ୍ଠ ନେତା।

# ପାରାଦ୍ୱୀପରେ ବାପି ସାର୍ଖେଲ୍‌ଙ୍କ ଦବ୍‌ଦବା

## ବାପ-ପୁଅ ହଟିବେ ! ରାଜନୈତିକ ଦଳ ମୂଳପୋଛ ହେବ, ସାଧୀନ ନେତା ରାଜ କରିବେ



**ପାରାଦ୍ୱୀପ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପାରାଦ୍ୱୀପର ଶ୍ରମିକ ନେତା ବାପି ସାର୍ଖେଲ୍‌ଙ୍କ ଦବଦବା ବୃଦ୍ଧି ପାଇବାରେ ଲାଗିଛି। ଜଣେ ସ୍ପଷ୍ଟବାଦୀ, ନିର୍ଭିକ ଓ ସଚ୍ଚୋଟପଣିଆରେ ବେସ୍ ପରିଚିତ ବାପି ସାର୍ଖେଲ୍। ଜାତୀୟ ରାଜନୈତିକ ଦଳରେ ରହି ରାଜନୀତି କରିବା ଓ ଶ୍ରମିକ ବର୍ଗର ଲୋକଙ୍କୁ ସାହାଯ୍ୟ କରିବା ମନବୃତ୍ତି ନେଇ ଆଗେଇ ଚାଲିଥିବା ବେଳେ କେତେକଙ୍କ ଗୋଡଟଣା ନୀତି ଓ ରାଜନୈତିକ ଦଳର ଅଦ୍ଧୋପତନ ଯୋଗୁ ଦଳ ଛାଡି "ଆମ ପାରାଦ୍ୱୀପ, ଆମ ପ୍ରଗତି" ନାମରେ ସଂଗଠନ ଗଢି ପାରାଦ୍ୱୀପ ପୌରାଞ୍ଚଳରେ ଠକ ନେତାମାନଙ୍କୁ ଚକ୍‌ମା ଦେଖାଇ ପାରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ତଥା ୨୦୨୪ ସାଧାରଣ ନିର୍ବାଚନରେ ବାପି ସାର୍ଖେଲ୍ କ୍ଷମତାରେ ରହିବା ଆଶଙ୍କା କରୁଛନ୍ତି ପାରାଦ୍ୱୀପବାସୀ। କୌଣସି ରାଜନୈତିକ ଦଳର ନେତା ଆଗାମୀ ନିର୍ବାଚନରେ ବା ଆଗାମୀ ଦିନରେ ବାପି ସାର୍ଖେଲ୍‌ଙ୍କ ସହିତ ଟକ୍କର ଦେବାକୁ ସାହାସ କରିବା ଅସମ୍ଭବ ହୋଇପଡିବ ବୋଲି ମଧ୍ୟ ଆଲୋଚନା କରୁଛନ୍ତି। ସଦ୍ୟ ପୌର ନିର୍ବାଚନରେ "ଆମ ପାରାଦ୍ୱୀପ, ଆମ ପ୍ରଗତି" ସଂଗଠନ କରି ୧୯ଟି ଓ୍ୱାର୍ଡରୁ ୮ଜଣ କାଉନସିଲର୍‌ଙ୍କୁ ସାଧୀନ ଭାବେ ପ୍ରାର୍ଥୀ କରାଇ ବିଜୟୀ କରାଇଥିବା ଘଟଣା ସ୍ଥାନୀୟ ନେତାଙ୍କ ମୁଣ୍ଡକୁ ଗୋଳମାଳ କରିଦେଇଛନ୍ତି ବୋଲି କେତେକ କହୁଛନ୍ତି। ପାରାଦ୍ୱୀପ ପୌରାଞ୍ଚଳରେ ହେଉ ବା ନିର୍ବାଚନ ମଣ୍ଡଳୀ ହେଉ ପାପର ଭାର ବହୁ ମାତ୍ରାରେ ବୃଦ୍ଧି ପାଇଥିବାରୁ ଶ୍ରମିକ, ସାଧାରଣ ନାଗରିକ, ବେକାରୀ ଯୁବକ/ଯୁବତୀ ଓ ସ୍ଥାନୀୟ ଅଧିବାସୀ ବାପି ସାର୍ଖେଲ୍‌ଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଜାହିର କରିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। ନ ହେଲେ ବିନା ରାଜନୈତିକ ଦଳର ଚିହ୍ନରେ ପ୍ରାର୍ଥୀ ନ ହୋଇ ସାଧୀନ ଭାବେ ୮ ଜଣ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଏହା ଏକ ପାରାଦ୍ୱୀପ ପୌର ନିର୍ବାଚନ ମଣ୍ଡଳୀରେ ଇତିହାସ ସୃଷ୍ଟି କରିଛି ବୋଲି ଆଲୋଚନା ହେଉଛି।



ସୂଚନା ଥାଉକି ଚଳିତ ପୌର ନିର୍ବାଚନରେ ପାରାଦ୍ୱୀପ ପୌରପରିଷଦ ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେଡିର ପୌରାଧ୍ୟକ୍ଷ ପ୍ରାର୍ଥୀ ବସନ୍ତ କୁମାର ବିଶ୍ୱାଳ ପ୍ରତ୍ୟେକ୍ଷ ଭାବେ ନିର୍ବାଚନରେ ବିଜୟୀ ହୋଇଥିବାରୁ ତାଙ୍କ ପକ୍ଷେ ପୌରାଧ୍ୟକ୍ଷ ହେବା ସମ୍ଭବ ହୋଇପାରିଛି ବୋଲି କୁହାଯାଉଛି। ଯଦି ପରୋକ୍ଷ ଭାବେ କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥାନ୍ତେ ପୌରାଧ୍ୟକ୍ଷ ହେବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଥାନ୍ତା ବୋଲି ମଧ୍ୟ କୁହାଯାଉଛି। ଯେଉଁଠି ବିଜେଡିରେ କ୍ରସ୍ ଭୋଟିଂ ସମ୍ଭବ ହୋଇପାରୁଛି ସେଥିରେ ସାଧୀନ ପ୍ରାର୍ଥୀ ପୌରାଧ୍ୟକ୍ଷ ହେବା ଅସମ୍ଭବ ହୋଇନଥାନ୍ତା ବୋଲି ମଧ୍ୟ କୁହାଯାଉଛି। ବାପ-ପୁଅଙ୍କ ରାଜନୀତିରେ ପୌରାଞ୍ଚଳବାସୀ ଅତିଷ୍ଠ ହୋଇପଡିଥିବାରୁ ତା'ର ବିକଳ୍ପ ଖୋଜୁଥିବା ବେଳେ ବାପି ସାର୍ଖେଲ୍‌ଙ୍କ ସଂଗଠନ "ଆମ ପାରାଦ୍ୱୀପ, ଆମ ପ୍ରଗତି"କୁ ଭୋଟରମାନେ ଆପଣାଇ ସମର୍ଥନ ଦେଇଥିବାରୁ ସାଧୀନ ପ୍ରାର୍ଥୀ ବିଜୟୀ ହେବା ସମ୍ଭବ ହୋଇପାରିଛି। ସେହିପରି ଉପାଧ୍ୟକ୍ଷ ପଦ ହାତେଇବାରେ ମଧ୍ୟ "ଆମ ପାରାଦ୍ୱୀପ, ଆମ ପ୍ରଗତି" ସଂଗଠନ କରିତ୍‌କର୍ମା ଦେଖାଇପାରିଥିବା ମଧ୍ୟ କୁହାଯାଉଛି।

ଅନ୍ୟପକ୍ଷରେ, ଗତ ୭ ତାରିଖ ଦିନ ଉପାଧ୍ୟକ୍ଷ ନିର୍ବାଚନ ପରେ ବାପି ସାର୍ଖେଲ୍ ଲୋକମାନଙ୍କର ସେବା କରିବା ପାଇଁ ମନବଳ ବୃଦ୍ଧି ପାଇଥିବା ଲକ୍ଷ କରାଯାଉଛି। ସର୍ବାଧିକ ଓ୍ୱାର୍ଡ ଦଖଲ ଓ ଉପାଧ୍ୟକ୍ଷ ପଦ ହାତେଇବା ପରେ ଏବେ ଲୋକଙ୍କ ପାଖରେ ସିଧାସଳଖ ପହଞ୍ଚି ସେମାନଙ୍କ ସମସ୍ୟା ସହିତ ଜଡିତ ହେବା ପାଇଁ ସଂଗଠନର କାଉନ୍‌ସିଲର ଓ ନେତାମାନଙ୍କୁ ନେଇ ପରାମର୍ଶ ଦେଇଛନ୍ତି ଏବଂ ନିଜେ ବାପି ମଧ୍ୟ ସେମାନଙ୍କ ସହ ଉପସ୍ଥିତ ରହୁଛନ୍ତି। ଶୁକ୍ରବାର ବାପିଙ୍କ ସହ ତାଙ୍କ ସଂଗଠନର ସମସ୍ତ ପ୍ରାର୍ଥୀ ନେତା ଓ କର୍ମକର୍ତ୍ତା ବଡପଡିଆସ୍ଥିତ ଆହାର କେନ୍ଦ୍ରରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିଛନ୍ତି। ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ଜନସାଧାରଣଙ୍କ ସହ ଆଲୋଚନା କରି ଖାଦ୍ୟର ମାନ ପରୀକ୍ଷିଛନ୍ତି। ଏହାପରେ ବାପି ସାର୍ଖେଲ୍‌ଙ୍କ ନେତୃତ୍ୱରେ ତାଙ୍କ ସମର୍ଥିତ ପାରିଷଦମାନେ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହର୍‌ନାଦ୍‌ଙ୍କୁ ସାକ୍ଷାତ୍ କରି ପାରାଦ୍ୱୀପରେ ଥିବା ବିଭିନ୍ନ ସମସ୍ୟାର ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ପାରାଦ୍ୱୀର ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କରାଯିବ ବୋଲି ଅଧ୍ୟକ୍ଷ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ବାପି ସାର୍ଖେଲ୍ ପ୍ରକାଶ କରିଥିଲେ। ପରେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ପାରାଦ୍ୱୀପବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ ବୋଲି ସମସ୍ତ ବିଜୟୀ ଓ ପରାଜିତ ପ୍ରାର୍ଥୀ ନିଜ ନିଜ ଓ୍ୱାର୍ଡବାସୀଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଇଥିବା ଜଣାପଡିଛି।

## ବାପି ମିଛୁଆ ଓ ଡିଲ୍ ମାଷ୍ଟର:ସମ୍ପଦ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଗୁରୁବାର ଦିନ ପାରାଦୀପ ପୌର ପରିଷଦ ଉପାଧ୍ୟକ୍ଷ ନିମନ୍ତେ ମତଦାନ ହୋଇଥିଲା। ଏହି ନିର୍ବାଚନରେ ବାପି ସାର୍ଖେଲଙ୍କ ଆମ ପାରାଦୀପ ଆମ ପ୍ରଗତିରୁ ଉପାଧ୍ୟକ୍ଷ ନିମନ୍ତେ ଛବିଲତା ରାଉତ ଓ ବିଜେଡିରୁ ପୂର୍ବତନ ପୌର ଉପାଧ୍ୟକ୍ଷ ପ୍ରଭାତି ନାୟକ ପ୍ରାର୍ଥୀ ହୋଇଥିଲେ। ହେଲେ ଗଧ ବେପାର କରି ବାପି ସାର୍ଖେଲ ବିଜେଡିରୁ ଜଣେ ପାରିଷଦଙ୍କୁ କିଣି ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇଥିବା ନେଇ ଅଭିଯୋଗ କରିଛନ୍ତି ବିଜେପି ନେତା ସମ୍ପଦ ସ୍ୱାଇଁ। ଗୁରୁବାର ଦିନ ପୌର ଉପାଧ୍ୟକ୍ଷ ନିର୍ବାଚନ ସରିବା ପରେ ସମ୍ପଦ ମଧୁବନସ୍ଥିତ ଆମ୍ବେଦକର ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇଥିଲେ। ପୌର ନିର୍ବାଚନରେ ବାପି ସାର୍ଖେଲଙ୍କ ସମର୍ଥିତ ୮ ଜଣ, ବିଜେଡିରୁ ୭ଜଣ, କଂଗ୍ରେସ୍ ରୁ ଜଣେ ଓ ବିଜେପିରୁ ୩ଜଣ ପାରିଷଦ ନିର୍ବାଚିତ ହୋଇଥିଲେ। ଗୁରୁବାର ଦିନ ପ୍ରାର୍ଥୀପତ୍ର ଦାଖଲ ପରେ ଆରମ୍ଭ ହୋଇଥିଲା ଭୋଟ ଗ୍ରହଣ। ଏହି ସମୟରେ ସମ୍ପଦ ଏକ ବାଉନସର୍ ବଲ୍ ପକାଇଥିଲେ ଭୋଟ ଗ୍ରହଣ ରେ ଆମ ପାରାଦୀପ ଆମ ପ୍ରଗତି ଓ ବିଜେଡି ପାରିଷଦମାନେ ଭୋଟ ଦେବା ପରେ ବିଜେପିର ପାରିଷଦମାନେ ଭୋଟ ନ ଦେଇ ଭୋଟରୁ ବିରତ ରହିଥିଲେ। ୧୬ ଜଣ ଭୋଟ ଦେଇ ସାରିବା ପରେ ଜଣେ ବିଜେଡି ପାରିଷଦ ବାପିଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଦେଇଥିଲେ। ଫଳରେ ବିଜେପି ନେତା ସମ୍ପଦ ପକାଇଥିବା ବଲ୍ ରେ ଧରା ପଡିଯାଇଥିଲେ ସାର୍ଖେଲ। ସେ ଜଣେ ଭଲ ଡିଲ୍ ମାଷ୍ଟର ବୋଲି ଅଭିଯୋଗ କରି ସମ୍ପଦ କହିଥିଲେ ବିଜେଡି ସହିତ ଆମର ଡିଲ୍ କଥା କହିଥିବା ବାପି ସାର୍ଖେଲ ନିଜେ ବିଜେଡିର ବି ଟିମ୍ ଏହା କୁ ବାପି ନିଜେ ପ୍ରମାଣିତ କରି ଦେଇଛନ୍ତି।



ଭାରତୀୟ ଜନତା ପାର୍ଟି ପାରାଦୀପବାସୀଙ୍କ ଉନ୍ନତି ନିମନ୍ତେ ମୁଖ୍ୟ ବିରୋଧୀ ଦଳର ଭୂମିକା ପୌରପାଳିକାରେ ନିଭାଇବ। ଆମେ କେବେ କୌଣସି ଡିଲ୍ ରେ ନଥିଲୁ ଆମ ବିରୁଦ୍ଧରେ ଡିଲ୍ କଥା କହି ପାରାଦୀପବାସୀଙ୍କୁ ବିଭ୍ରାନ୍ତ କରୁଥିବା ବାପି ସାର୍ଖେଲ ଜଣେ ମିଛୁଆ ଓ ଡିଲ୍ ମାଷ୍ଟର ବୋଲି ପ୍ରମାଣିତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁରର ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ, ବିଜେପିର ଦୁଇ ପାରିଷଦ ପ୍ରତାପ କୁମାର ନାୟକ ଓ ସୁବ୍ରତ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ସିଏମ୍‌ସି କାଉନ୍‌ସିଲର ବୈଠକ ୨୦ରେ

**କଟକ(ତପନ ମହାନ୍ତି):-** ସିଏମ୍‌ସି କାଉନ୍‌ସିଲ୍ ଦୀର୍ଘ ୩ ବର୍ଷ ପରେ ଗଠନ ହେଉଥିବା ବେଳେ ଆସନ୍ତା ୨୦ ତାରିଖରେ ଚଳିତ କାଉନ୍‌ସିଲ୍‌ର ପ୍ରଥମ ବୈଠକ ବସିବ। ଏହାପୂର୍ବରୁ ୯ ତାରିଖ ଦିନ ସହରରୁ ପଙ୍କ ଉଦ୍ଧାର ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୧୨ ତାରିଖରେ ମଶା ଓ ୧୮ରେ ଜାଇକା ଓ ବକ୍ସ ଡ୍ରେନ୍ ଉପରେ ବୈଠକ ଅନୁଷ୍ଠିତ ହେବ। କାଉନ୍‌ସିଲ୍ ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମଶା ବଂଶ ବୃଦ୍ଧିର କାରଣ, ଜାଇକା ଓ ବକ୍ସ ଡ୍ରେନ୍‌ର କାମ ଶେଷ ହୋଇଛି। କେତେ ବାକି ଅଛି ଓ କେବେ ଶେଷ ହେବ ଏହା ଉପରେ ଅଲୋଚନା କରାଯାଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବ। ଏହି ତଥ୍ୟ ତଥା ପ୍ରସ୍ତାବିକୁ ୨୦ ତାରିଖରେ ହେବାକୁ ଥିବା କାଉନ୍‌ସିଲ୍ ବୈଠକରେ ସମସ୍ତ କର୍ପୋରେଟରଙ୍କ ସମ୍ମୁଖରେ ରଖାଯିବ। ୫୯ଟି ଓ୍ୱାର୍ଡର ମଶା, ଜାଇକା ଓ ବକ୍ସ ଡ୍ରେନ୍‌କୁ ନେଇ ଥିବା ବିଭିନ୍ନ ସମସ୍ୟାକୁ କର୍ପୋରେଟରମାନେ କାଉନ୍‌ସିଲ୍‌ରେ ରଖିବା ସହ ସେମାନଙ୍କ ମତାମତ ରଖିବାକୁ କୁହାଯିବ। ମଶା ବଂଶ ନିୟନ୍ତ୍ରଣ ପାଇଁ ୧୨ରେ ହେବାକୁ ଥିବା ବୈଠକରେ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ କାନୁନ୍‌ଗୋ, ସମ୍ମାନୀତ ଅତିଥି ଭାବେ ଯୋଗ ଦେବେ ବୋଲି ମେୟର ସୁବାଷ ସିଂ ସୂଚନା ଦେଇଛନ୍ତି।

ପଙ୍କ ଉଦ୍ଧାରକୁ ନେଇ ମେୟର ସୁବାଷ ସିଂଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଡେପୁଟି ମେୟର ଦମୟନ୍ତି ମାଝୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସିଟି ଇଂଜିନିୟର ସୁବାଷ ରାଓ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ପଙ୍କ ବାହାର କରି ରାସ୍ତାରେ ପକାଇ ରଖାଯାଉଥିବା ବେଳେ ତାହାକୁ ରାସ୍ତାରୁ ଉଠାଇବା ପୂର୍ବରୁ ସେ ପୁଣି ଡ୍ରେନ୍‌ରେ ମିଶିଯାଉଥିଲା। ସହରର ପରିବେଶ ବି ଖରାପ ହେଉଥିଲା। କିନ୍ତୁ ଏଥର ଡ୍ରେନ୍‌ରୁ ପଙ୍କ କାଢି ତାହାକୁ ଆଉ ରାସ୍ତାରେ ପକାଇ ନ ରଖି ସେଇଠାରେ ସଙ୍ଗେ ସଙ୍ଗେ ଉଠାଇ ନିଆଯିବ ବୋଲି ଯୋଜନା ହେଉଛି। ସହରର ଦୁଇ ବଡ ଡ୍ରେନ୍‌ରେ ସଫେଇ ମେ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶେଷ। ସେହିଭଳି ୧୦ଦିନ ଭିତରି ସର୍ଟ ଟେଣ୍ଡର ଡକାଯାଇ ମେ ଦ୍ୱିତୀୟ ସପ୍ତାହ ସୁଦ୍ଧା ସହରର ସମସ୍ତ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ପାଇଁ ମଧ୍ୟ ଯୋଜନା କରାଯାଇଛି। କାଉନ୍‌ସିଲ୍‌ର ଅନୁମୋଦନ ପରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ। ଆବଶ୍ୟକତା ଅନୁଯାୟୀ ନୂଆ ମୋଟର ପମ୍ପ କିଣିବା ଏବଂ ୨୦୦ ମୋଟର ପମ୍ପର ମରାମତି କରି ତାକୁ ପ୍ରସ୍ତୁତ କରି ରଖିବାକୁ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed, Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992, MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera